


ଭାରତକୁ ବଧିର ଏସିଆ କପ୍ ଟାଇଟଲ
▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-241 ◆THURSDAY ◆26 FEBRUARY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୪୧ ◆ଗୁରୁବାର ◆୨୬ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ନକଲି ଆଇନ ଡିଗ୍ରୀରେ ପାକ୍ ହାଇକୋର୍ଟ ବିଚାରପତି



■ ଇସ୍‌ଲାମାବାଦ୍,୨୫ ।୨(ଏଜେନ୍ସି): ପାକିସ୍ତାନରେ ଜଣେ ବିଚାରପତି ନକଲି ଆଇନ ଡିଗ୍ରୀ ସହ ହାଇକୋର୍ଟରେ ୪ ବର୍ଷ ଧରି ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ଖବର ଏବେ ସାମ୍ନାକୁ ଆସିଛି। ନିଜ ଜାଲ୍ ଡିଗ୍ରୀ ବିଷୟରେ ସେ କାହକୁ ନ ଜଣାଇ ରାଜଧାନୀ ଇସ୍‌ଲାବାମାଦ ହାଇକୋର୍ଟରେ ୫ ବର୍ଷ ଧରି ବିଚାରପତି ଭାବେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ପାକିସ୍ତାନର ଜଣାଶୁଣା ଖବର କାଗଜ 'ଡନ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଇସଲାମାବାଦ ହାଇକୋର୍ଟ ସୋମବାର ଏକ ୧୧୬ ପୃଷ୍ଠାର ବିସ୍ତୃତ ରାୟ ପ୍ରକାଶ କରି ଜଷ୍ଟିସ୍ ତାରିଖ ମହମୁଦ ଜାହାନଗିରିଙ୍କୁ ତାଙ୍କ ପଦରୁ ବହିଷ୍କାର କରିଛନ୍ତି। ଜଷ୍ଟିସ ଜାହନଗିରି ୨୦୨୦ ଡିସେମ୍ବରରୁ ହାଇକୋର୍ଟରେ ନିଯୁକ୍ତି ପାଇଥିଲେ। କିନ୍ତୁ ତାଙ୍କ ଆଇନ ଡିଗ୍ରୀ ଆରମ୍ଭରୁ ହିଁ ଅବୈଧ ଥିଲା। କରାଚି ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଳ ରେକର୍ଡ ଅନୁଯାୟୀ, ତାଙ୍କର ଶିକ୍ଷାଗତ ପ୍ରମାଣଗୁଡ଼ିକ ଜାଲ ଥିଲା। ହାଇକୋର୍ଟ କହିଛନ୍ତି ଯେ, ଜାହାନଗିରିଙ୍କୁ ତାଙ୍କ ମୂଳ ଦସ୍ତାବେଜ୍ ଦାଖଲ କରିବାକୁ ଓ ଲିଖିତ ଭାବେ ଜବାବ ଦେବାକୁ ଅନେକ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେ ତାହା ନକରି ସମୟ ଗଡ଼ାଇବା ପାଇଁ ବିଭିନ୍ନ ଆବେଦନ କରିଚାଲିଥିଲେ। ସେ ନିଜର ଆଇନଗତ ଯୋଗ୍ୟତା ପ୍ରମାଣ ଦେବାରେ ବିଫଳ ହେବା ପରେ ତାଙ୍କୁ ପଦରୁ ହଟାଇବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି।

## ଭୟଙ୍କର ତୁଷାର ଝଡ଼ରେ ଆମେରିକା ଅଣନିଃଶ୍ୱାସୀ

■ ନ୍ୟୁୟର୍କ,୨୫ ।୨(ଏଜେନ୍ସି): ଆମେରିକାରେ ଦେଖାଦେଇଥିବା ଭୟଙ୍କର ବରଫ ଝଡ଼ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତୁଷାର ଝଡ଼ କାରଣରୁ ବିଭିନ୍ନ ବିମାନବନ୍ଦରର ରେନୱେ ବନ୍ଦ ରହିଛି। ବହୁ ଅଞ୍ଚଳରେ

■ ୧୧,୦୦୦ ବିମାନ ବାତିଲ, ଅନ୍ଧାରରେ ୫ ଲକ୍ଷରୁ ଅଧିକ ପରିବାର
■ ୧୫୩ ବର୍ଷ ପରେ ପ୍ରଥମଥର ପାଇଁ ଖବରକାଗଜ ଛପା ହେଲନି

ବିମାନ ଉଡ଼ାଣକୁ ସ୍ଥଗିତ ରଖାଯାଇଛି। ରବିବାରରୁ ମଙ୍ଗଳବାର ମଧ୍ୟରେ ପାଖାପାଖି ୧୧,୦୫୫ ବିମାନ ଉଡ଼ାଣକୁ ବାତିଲ କରାଯାଇଛି। କେବଳ ସୋମବାର ୫,୬୦୦ରୁ ୫,୭୦୦ ବିମାନକୁ ବାତିଲ କରାଯାଇଥିଲା। ଏହା ଦେଶର ବିମାନ ସଂଖ୍ୟାରେ ୨୦ ପ୍ରତିଶତ ଥିଲା। ଫ୍ଲାଇଟ୍ ଟ୍ରାକିଂ କମ୍ପାନୀ



'ଫ୍ଲାଇଟ୍‌ଆୱାର' ଏ ନେଇ ସୂଚନା ଦେଇଛି। ଜାତୀୟ ପାଣିପାଗ ସେବା ଦେଇଥିବା ସୂଚନା ଅନୁଯାୟୀ, ରୋଡ୍ ଆଇଲଣ୍ଡ ଓ ମାସୁଚୁସେଟ୍ସ ▶ପୃଷ୍ଠା-୭

## ଏଫ୍‌ସିଆଇ ଉଠାଉ ନାହିଁ, କେନ୍ଦ୍ର ଶୁଣୁନାହିଁ, ରାଜ୍ୟ ବାଣ୍ଟୁନାହିଁ

# ଚାଉଳ ପୀଡ଼ା ଅସମ୍ଭାଳ

### ଅକଳରେ ସରକାର

■ଭୁବନେଶ୍ୱର/ନୟାଗଡ଼,୨୫ ।୨(ସମିସ): ସରକାରଙ୍କୁ ଅସମ୍ଭାଳ ଚାଉଳ ପୀଡ଼ା। ଓଡ଼ିଶାରୁ ଚାଉଳ ଉଠାଇବା ପାଇଁ ମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ, ରାଜ୍ୟ ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିଲେ ବି କିଛି ଫଳ ହୋଇନାହିଁ। କେନ୍ଦ୍ର ଖାଦ୍ୟ ଯୋଗାଣମନ୍ତ୍ରୀ ପ୍ରତିଶ୍ରୁତି ଦେଇ ମଧ୍ୟ ନିରବ ରହିଛନ୍ତି। ଗୋଦାମ ଓ ମିଲରଙ୍କ ପାଖରେ ଗଚ୍ଛିତ ଚାଉଳ ଉଠାଇବାକୁ ଏଫ୍‌ସିଆଇ ରାଜି ନୁହେଁ। ଏପଟେ ଡିସେମ୍ବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ମୋଟ ୯ ୯ ଲକ୍ଷ୨୫ ହଜାର ୯୨୧ ପରିବାରର ରାସନ ହିତାଧିକାରୀଙ୍କୁ ପ୍ରତି କାର୍ଡ ପିଛା ମାସକୁ ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ ପାଇଁ ଗତ ଅଧିବେଶନରେ ମନ୍ତ୍ରୀ ବିଧାନସଭାରେ କରିଥିବା ଘୋଷଣା ବି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏହି ଚାଉଳ ବାହାନରେ ମିଲର ଧାନ କିଣିବାକୁ ନାରାଜ ହେଉଥିଲେ ବି ସରକାର ଏଥିପାଇଁ ବାଟ ପାଉ ନାହାନ୍ତି। ଏବେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଫ୍‌ସିଆଇ ରାଜ୍ୟରୁ ଚାଉଳ ନ ଉଠାଇଲେ ତାକୁ ନିଲାମ କରାଯିବାକୁ ଯୋଜନା ହେଉଛି ବୋଲି ମନ୍ତବ୍ୟ ଦେଇ ଆଉ ଏକ ନୂଆ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷରେ ଯୋଗାଣମନ୍ତ୍ରୀଙ୍କ ଅସହାୟତା ବଡ଼ ଇଞ୍ଜିନ୍ ଓଡ଼ିଶାର ଛୋଟ ଇଞ୍ଜିନ୍‌କୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ରାଜ୍ୟରୁ ଚାଉଳ ଉଠାଉ ନ ଥିବାରୁ ଏହି ସମସ୍ୟାର ସମାଧାନ ସ୍ୱରୂପ ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ଚାଉଳ ବାଣ୍ଟିବାକୁ ସରକାର ଯୋଜନା କରିଥିଲେ। କେନ୍ଦ୍ର ସରକାର ଚାଉଳ ଉଠାଉ ନ ଥିବାରୁ ରାଜ୍ୟରେ ଗୋଦାମଗୁଡ଼ିକରେ ଦୀର୍ଘ ଦିନ ହେବ ଚାଉଳ ଗଚ୍ଛିତ ରହିଛି। ଏହାସହିତ ଚଳିତ ବର୍ଷର ମଧ୍ୟ ଖରିଫ ଧାନ ସଂଗ୍ରହ ଜାରି ରହିଛି ଓ ଏହା କିଛି ଦିନ ମଧ୍ୟରେ ଚାଉଳରେ ପରିଣତ ହେଲେ ଏହି ପରିମାଣ ଆହୁରି ବଢ଼ିବ। ତେଣୁ ଏହା ପୂର୍ବରୁ ଚାଉଳ ବାଣ୍ଟି ଗୋଦାମ ଖାଲି କରିବାକୁ ଯୋଜନା କରିଥିଲେ। ବିଧାନସଭାରେ ମଧ୍ୟ ମନ୍ତ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଅଗଷ୍ଟ ମାସରେ ରାଜ୍ୟ ସରକାର ଏହି ଘୋଷଣା କରିବା ପରେ ଦୁଇଟି ପର୍ଯ୍ୟାୟରେ

■ ଘୋଷଣା ସତ୍ତ୍ୱେ ବଣ୍ଟା ହେଲାନି ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋ
■ ଏବେ ଚାଉଳ ନିଲାମ କରିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର
■ ଏକ ସମୟରେ ଅଧିକ ଚାଉଳ ଦେଲେ ଲୋକେ ବିକିଦେବେ: ମନ୍ତ୍ରୀ

ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ଅତିରିକ୍ତ ଚାଉଳ ବଣ୍ଟନ ସମ୍ପର୍କରେ ସୂଚନା ଦିଆଯାଇଥିଲା; ମାତ୍ର ଫେବୃଆରୀ ମାସ ସରିବାକୁ ବସିଥିବାବେଳେ ଆଜି ପର୍ଯ୍ୟନ୍ତ ଏହି ଚାଉଳ ବଣ୍ଟନ କରାଯାଉ ନାହିଁ।


ଅପରପକ୍ଷରେ ନୟାଗଡ଼ରେ ଧାନ କିଣା ସଂକ୍ରାନ୍ତ ସମୀକ୍ଷା ବୈଠକରେ ଯୋଗଦେବା ଅବସରରେ ଯୋଗାଣମନ୍ତ୍ରୀ ଗରିବ ହିତାଧିକାରୀଙ୍କ ପ୍ରତି ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଆଉ ଏକ ବିବାଦ ସୃଷ୍ଟି କରିଛି। ଏକ ସମୟରେ ହିତାଧିକାରୀଙ୍କୁ ଅଧିକ ଚାଉଳ ଦେଲେ, ସେମାନେ ବିକି ଦେଉଛନ୍ତି ବୋଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ମନ୍ତବ୍ୟ ସାଧାରଣ ଖାଉଟି ଓ ଗରିବ ହିତାଧିକାରୀଙ୍କୁ ଆହତ କରିଛି। ପୂର୍ବ ସରକାର ଏକସମୟରେ ଦୁଇ ତିନିମାସର ଚାଉଳ ଦେଉଥିଲେ, ବର୍ତ୍ତମାନ ସରକାର କାହିଁକି ସେପରି ନୀତି ଅବଲମ୍ବନ କରି ଚାଉଳ ବାଣ୍ଟୁନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନ ଯୋଗାଣମନ୍ତ୍ରୀଙ୍କୁ ଅଡୁଆରେ ପକାଇ ଦେଇଛି।

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନ ହେବା ପୂର୍ବରୁ ରାଜ୍ୟରେ ୧୩ ଲକ୍ଷ ▶ପୃଷ୍ଠା-୭

## ଖଣି ଅଧିକାରୀଙ୍କ ଘରେ ଟଙ୍କା ଖଣି

### ନଗଦ ୪.୨୭ କୋଟି ଜବତ କଲା ଭିଜିଲାନ୍ସ

■ କଟକ,୨୫।୨(ସମିସ): ଭିଜିଲାନ୍ସ ବିଭାଗକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଲାଞ୍ଚ ନେବା ଅଭିଯୋଗରେ କଟକ ଖଣି ସର୍କଲର ଉପନିର୍ଦ୍ଦେଶକ (ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ) ଦେବବ୍ରତ ମହାନ୍ତିଙ୍କୁ ଗିରଫ କରାଯିବା ସହ ତାଙ୍କ ଘରୁ ବିପୁଳ ପରିମାଣରେ ନଗଦ ଅର୍ଥ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଜଣେ କୋଇଲା ବ୍ୟବସାୟୀଙ୍କ ଠାରୁ ଡିପୋ ପରିଚାଳନା ଏବଂ ପରିବହନ ଅନୁମତି ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗତକାଲି ମାଡିବସିଥିଲା। ଏହା ପରେ ଭୁବନେଶ୍ୱର ପଟିଆ ସ୍ଥିତ ତାଙ୍କ ଭଡ଼ା ଘର, ଭଦ୍ରକ ମଠସାହି ସ୍ଥିତ ପୈତୃକ ବାସଭବନ ଏବଂ କଟକ ଅଫିସ୍ ଚାମ୍ବରରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପଟିଆ ସ୍ଥିତ ଆପାର୍ଟମେଣ୍ଟରୁ ଟ୍ରଲି ବ୍ୟାଗ୍ ଏବଂ ଆଲମିରାରେ ଲୁଚାଇ ରଖାଯାଇଥିବା ମୋଟ ୪,୨୭,୧୩,୬୦୦ ଟଙ୍କା ଜବତ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଇତିହାସରେ ଏହା ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ନଗଦ ଅର୍ଥ ଜବତ ମାମଲା ବୋଲି ଜଣାପଡ଼ିଛି। ନଗଦ ଟଙ୍କା ବ୍ୟତୀତ ତାଙ୍କ ଘରୁ ୩୦୫ ଗ୍ରାମରୁ ଅଧିକ ସୁନା ଅଳଙ୍କାର, ୬୦୦ ଗ୍ରାମ ରୂପା ଏବଂ ଭୁବନେଶ୍ୱର ପାହାଳ ଅଞ୍ଚଳରେ ଏକ ଦୁଇ ମହଲା ବିଶିଷ୍ଟ ପ୍ରାସାଦ ସଦୃଶ କୋଠାର ସନ୍ଧାନ ମିଳିଛି। ୨୦୦୪ରେ ସରକାରୀ ସେବାରେ ଯୋଗଦେଇଥିବା





■ ଗିରଫ ହେଲେ ଖଣି ଉପନିର୍ଦ୍ଦେଶକ
■ ଟଙ୍କା ଗଣିଗଣି ଥକିଗଲେ ଅଧିକାରୀ

ଶ୍ରୀ ମହାନ୍ତି ନିକଟରେ ଜାନୁଆରୀ ୭ ତାରିଖରେ କଟକ ସର୍କଲର ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଭ୍ରଷ୍ଟାଚାର ନିରୋଧୀ ଆଇନ ଅନୁସାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗରେ ଅଧିକ ଖୋଳତାଡ଼ କରାଯାଉଛି।

## ଏନ୍‌ସିଇଆର୍‌ଟି ବହିରେ 'ନ୍ୟାୟିକ ଦୁର୍ନୀତି'


### ସୁପ୍ରିମକୋର୍ଟ କ୍ଷୁବ୍ଧ, ବହି ପ୍ରତ୍ୟାହାର କଲା ଏନ୍‌ସିଇଆର୍‌ଟି

■ ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): 'ନ୍ୟାୟପାଳିକାରେ ଦୁର୍ନୀତି'। ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ବହିରେ ଏଭଳି ଏକ ଅଧ୍ୟାୟ ସ୍ଥାନ ପାଇଛି। ଏହାକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅଧ୍ୟାୟକୁ ନେଇ ସୁପ୍ରିମକୋର୍ଟ ଭୀଷଣ ବିରକ୍ତି ପ୍ରକାଶ କରିବା ସହିତ ସ୍ପଷ୍ଟ କରିଛନ୍ତି ଯେ ବିଚାର ବିଭାଗକୁ ବଦନାମ

**ନ୍ୟାୟପାଳିକାକୁ ବଦ୍‌ନାମ କରିବାକୁ ଦିଆଯିବ ନାହିଁ: ପ୍ରଧାନ ବିଚାରପତି**

କରିବାକୁ ଦିଆଯିବ ନାହିଁ। ସୁପ୍ରିମକୋର୍ଟଙ୍କ କ୍ଷୋଭ ପରେ ଏନ୍‌ସିଇଆର୍‌ଟି ଉକ୍ତ ପୁସ୍ତକକୁ ନିଜର ୱେବସାଇଟ୍‌ରୁ ହଟାଇ ନେଇଛି।

ଏନ୍‌ସିଇଆର୍‌ଟି ପୁସ୍ତକରେ ଥିବା ଏହି ବିଷୟ ସଂପର୍କରେ ବରିଷ୍ଠ ଆଇନ୍‌ଜୀବୀ କପିଲ ସିବଲ ଏବଂ ମନୁ ସିଙ୍ଘଭୀ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠରେ ଉତ୍‌ଥାପନ କରିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର କ୍ଷୋଭ ପ୍ରକାଶ କରି କହିଥିଲେ ଯେ ଏହା ସମଗ୍ର ନ୍ୟାୟିକ ସଂସ୍ଥା ପାଇଁ ଚିନ୍ତାର ବିଷୟ। ଏହା ଏକ ଯୋଜନାବଦ୍ଧ ଚକ୍ରାନ୍ତ ପରି ମନେହେଉଛି। କେହି ଯେତେବଡ଼ ପଦବୀରେ ଥା'ନ୍ତୁ ନା କାହିଁକି, ତେବେ




ନ୍ୟାୟପାଳିକାକୁ ବଦ୍‌ନାମ କରିବା ଲାଗି କାହାରିକୁ ଅନୁମତି ଦିଆଯିବ ନାହିଁ। ମୁଁ ନିଜେ ଏହି ମାମଲାରେ ନୋଟିସ ଦେଉଛି ବୋଲି ପ୍ରଧାନ ବିଚାରପତି କହିଥିଲେ।

ସୂଚନାଯୋଗ୍ୟ ଏନ୍‌ସିଇଆର୍‌ଟି ପକ୍ଷରୁ ଫେବୃଆରୀ ୨୩ରେ ଜାରି ହୋଇଥିବା ନୂଆ ସାମାଜିକ ବିଜ୍ଞାନ ବହି 'ଏକ୍ସପ୍ଲୋରିଂ ସୋସାଇଟି; ▶ପୃଷ୍ଠା-୭

## ନବୀନ ସରକାରଙ୍କ ସମୟରେ ବିଜ୍ଞପ୍ତି; ନିଯୁକ୍ତିପତ୍ର ବାଣ୍ଟୁଛନ୍ତି ବିଜେପି ସରକାର

■ ଭୁବନେଶ୍ୱର, ୨୫ ।୨(ସମିସ): ରାଜ୍ୟରେ ବିଜେପି ସରକାର ୧୨ ଜୁନ୍ ୨୦୨୪ରେ ଶପଥ ନେବା ଠାରୁ ଏଯାଏଁ ୩୯,୫୦୫ ଟି ପଦରେ ନିଯୁକ୍ତି ପ୍ରଦାନ କରାଯାଇଛି। ଗତ ୨୦ ମାସ ମଧ୍ୟରେ ଏତେ ସଂଖ୍ୟକ ନିଯୁକ୍ତି ଦେଇ ସରକାର ରେକଡର୍ କରିଥିବା ବିଜେପି ନେତା ଓ ସରକାରଙ୍କ ମନ୍ତ୍ରୀମାନେ ଦମ୍ଭ ଦେଖାଉଛନ୍ତି। ମାତ୍ର କୌତୂହଳର କଥା ହେଉଛି ରାଜ୍ୟରେ ଏଯାବତ୍ ନିଯୁକ୍ତ ପାଖାପାଖି ୪୦ ହଜାର ପଦ ମଧ୍ୟରୁ ୮୭ ପ୍ରତିଶତରୁ ଊର୍ଦ୍ଧ୍ୱ ଅର୍ଥାତ୍ ୩୪୪୯୪ ପଦ ପାଇଁ ବିଜ୍ଞପ୍ତି ତତ୍‌କାଳୀନ ନବୀନ ସରକାର ସମୟରେ ପ୍ରକାଶିତ ହୋଇଥିଲା। ସେତେବେଳେ ଏଥିପାଇଁ ବିଜ୍ଞପ୍ତି ପ୍ରକାଶ ସହ ଅଧିକାଂଶ ପଦ ପାଇଁ ପରୀକ୍ଷା ବି ହୋଇଥିଲା। କ୍ଷମତା ପରିବର୍ତ୍ତନ ପରେ ନୂତନ ସରକାର କେବଳ ଏହି ପଦଗୁଡ଼ିକର ନିଯୁକ୍ତିପତ୍ର ବାଣ୍ଟି ଶ୍ରେୟ ନେବାକୁ ଉଦ୍ୟମ କରିଛନ୍ତି। ନୂତନ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତିଗୁଡ଼ିକ ମଧ୍ୟରୁ ମାତ୍ର ୫୦୧୧ଟି ପଦରେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି।

**୩୯ ୫୦୫ ନିଯୁକ୍ତିରୁ ୩୪,୪୯୪ ପଦର ବିଜ୍ଞାପନ ବିଜେଡି ସରକାରରେ ହୋଇଥିଲା**

ଆହୁରି ଏକ ରୋଚକ ବିଷୟ ହେଉଛି ପୂର୍ବ ସରକାର ସମୟରେ ପ୍ରକାଶିତ ୪୮,୮୭୦ ପଦରେ ନିଯୁକ୍ତି ବିଜ୍ଞପ୍ତରୁ ୩୪,୪୯୪ ପଦରେ ନିଯୁକ୍ତି ଦିଆଯାଇଥଇଲେ ହେଁ ଆହୁରି ପ୍ରାୟ ୧୪ ହଜାର ପଦରେ ଆଶାୟୀମାନଙ୍କୁ ନିଯୁକ୍ତି ଦେବାରେ ନୂଆ ସରକାର ବିଳମ୍ବ କରିଛନ୍ତି।

ବିଧାନସଭାରେ ବିଭିନ୍ନ ପ୍ରଶ୍ନ ଓ ମନ୍ତ୍ରୀମାନଙ୍କ ଉତ୍ତର ଅନୁଧ୍ୟାନ କଲେ ଏବେ ବି ରାଜ୍ୟରେ ପ୍ରାୟ ୯୪,୪୮୫ ସରକାରୀ ପଦ ଖାଲି ପଡ଼ିଛି। ମୋଟ୍ ୪୧ଟି ବିଭାଗ ମଧ୍ୟରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୦,୨୮୯ଟି ପଦ ଖାଲି। ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ଭାଳୁଥିବା ଗୃହ ବିଭାଗରେ ଦ୍ୱିତୀୟ ସର୍ବାଧିକ ୧୬ ହଜାର ୩୨ ଟି ପଦ ଫାଙ୍କା ରହିଛି। ସ୍ୱାସ୍ଥ୍ୟ ବିଭାଗରେ ୧୦,୪୫୭ ଡ଼ାକ୍ତର ପଦ ପୂରଣ ହୋଇନାହିଁ। ଅନୁରୂପ ଭାବରେ ପଞ୍ଚାୟତିରାଜ ବିଭାଗରେ ୫୧୫୪, ରାଜସ୍ୱ ବିଭାଗରେ ୫୩୫୬, ଉଚ୍ଚଶିକ୍ଷା ବିଭାଗରେ ୫୮୨୬, ଖାଦ୍ୟ ▶ପୃଷ୍ଠା-୭

■ ଅପରେସନ 'ସାଇବର କବଚ'

## ବରଗଡ଼ରେ ସାଇବର ଠକେଇ ମାମଲାରେ ପୁଣି ୪ ଗିରଫ



■ ବରଗଡ଼,୨୫।୨(ସମିସ): ସାଇବର ଠକେଇ ବିରୋଧରେ ରାଜ୍ୟ ପୁଲିସ ବିଭାଗ ପକ୍ଷରୁ 'ସାଇବର କବଚ' ଅଭିଯାନ ଚାଲିଛି। ପୁଲିସର ଏହି ଅପରେସନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଠକ ମାନଙ୍କୁ ଧରପଗଡ଼ କରାଯାଉଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ପୁଲିସ ବୁଧବାର ପୁଣି ସାଇବର ଠକେଇ ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମଧ୍ୟରେ ୩ ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ବରଗଡ଼, ପଦ୍ମପୁର, ଝାରବନ୍ଧ ଅଞ୍ଚଳରୁ ଚାନ୍ଦିନୀ ଅଗ୍ରୱାଲ, ରାକେଶ ମଣ୍ଡଳ, ମହମ୍ମଦ ରିଜ୍‌ୱାନ, ସିଦ୍ଦେଶ୍ୱର ପଟ୍ଟନାୟକଙ୍କୁ ପୁଲିସ ଗିରଫ କରିଛି। ▶ପୃଷ୍ଠା-୭

**୭ ଲକ୍ଷ ଟଙ୍କା ସହ ବହୁ ପାସବୁକ୍, ଏଟିଏମ୍, ମୋବାଇଲ ଜବତ**

### ପ୍ରେମ ପାଇଁ ମା' ଓ ଭାଇକୁ ହତ୍ୟା ଘଟଣା

## ନାବାଳିକା ଝିଅ ସହ ୫ ଗିରଫ

■ କୋରାପୁଟ,୨୫।୨(ସମିସ): ପ୍ରେମ ପାଇଁ ମା' ଓ ଭାଇକୁ ହତ୍ୟା ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ନାବାଳିକା ଝିଅ ସହ ତାର ପ୍ରେମିକ ଏବଂ ଅନ୍ୟ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ନାବାଳିକା ଝିଅ, ପ୍ରେମିକ ବୋରିଗୁମ୍ମା ଦଶରିସାହିର ପି ଆଦି ନାରାୟଣ ରାଓ(୨୧), ଆଦି ନାରାୟଣଙ୍କ ବନ୍ଧୁ ପ୍ରୀତ ନାୟକ(୧୯), ବିଜାପୁର ଗ୍ରାମର ଆଦି ନାରାୟଣ ପାଣିଗ୍ରାହି(୧୯) ଏବଂ କାମତା ଗ୍ରାମର ଜଗନ୍ନାଥ ଜାନି(୨୦) ରହିଛନ୍ତି।

ବୁଧବାର ଅପରାହ୍ନରେ ଏସପି ରୋହିତ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବୋରିଗୁମ୍ମା ମୁଖ୍ୟ ରାସ୍ତାରେ ଅନୁଷ୍କା ପରିଡା(୪୫) ପୁଅ ଏହେମ ପରିଡ଼ା(୧୪) ଏବଂ ନାବାଳିକା ଝିଅ (୧୬) ସହିତ ଭଡ଼ା ଘରେ ବସବାସ କରୁଥିଲେ। ନାବାଳିକା ଝିଅ ଏବଂ ପି ଆଦି ନାରାୟଣର ପ୍ରେମ ସମ୍ପର୍କକୁ ନେଇ ଅନୁଷ୍କା ବିରୋଧ କରି ଆସୁଥିଲା। ଗତବର୍ଷ ଡିସେମ୍ବର ମାସରେ ଝିଅ ପ୍ରେମିକ ଆଦି ନାରାୟଣ ସହ ଫେରାର ହୋଇ ଯାଇଥିଲା। ସେତେବେଳେ ଅନୁଷ୍କା ପୁଲିସ ସହାୟତାରେ ଝିଅକୁ ଉଦ୍ଧାର କରିବା ପରେ ମାଉଣ୍ଟ ଆବୁ ପଠାଇ ଦେଇଥିଲେ। କିନ୍ତୁ ନାବାଳିକା ଜଣକ ମା'ଙ୍କ ଅଜାଣତରେ ମାଉଣ୍ଟ ଆବୁରୁ ଫେରି ଆସି ୧୩ ତାରିଖରେ ଜୟପୁରରେ ପହଞ୍ଚି ପ୍ରେମିକ ଆଦି ନାରାୟଣ ସହ ଜଗନ୍ନାଥ ଘରେ ଲୁଚି ରହିଥିଲା। ୧୫ ତାରିଖରେ ଜଗନ୍ନାଥ ଘରେ ତାର ଜନ୍ମ ଦିନ ପାଳନ କରି କିଛି ଫୋଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲା। ଝିଅ ମାଉଣ୍ଟ ଆବୁରୁ ପଳେଇ ଆସି ପ୍ରେମିକ ସହ ଜଗନ୍ନାଥର ଘରେ ଥିବା ଜାଣି ଅନୁଷ୍କା ଝିଅକୁ ଘରକୁ ନେଇ ଆସି ସମସ୍ତେ ମାଉଣ୍ଟ ଆବୁ ଚାଲି ଯିବାକୁ ନିଷ୍ପତି ନେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାବାଳିକା ପ୍ରେମିକ ସହ ମିଶି ମା'କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇବାକୁ



ଯୋଜନା କରିଥିଲା। ଯୋଜନା ମୁତାବକ ୧୮ ତାରିଖ ବିଳମ୍ବିତ ରାତିରେ ନାବାଳିକାର ପ୍ରେମିକ ପି ଆଦି ନାରାୟଣ, ବନ୍ଧୁ ଆଦି ନାରାୟଣ ପାଣିଗ୍ରାହି ଏବଂ ଜଗନ୍ନାଥ ଜାନି ସହ ଘରର ପଛ ଦ୍ୱାର ଦେଇ ଭିତରକୁ ଆସିଥିଲେ। ପି ଆଦି ନାରାୟଣ ଅନୁଷ୍କାଙ୍କୁ ଏକ ଧାରୁଆ ଛୁରୀରେ ପ୍ରଥମେ ବେକ କାଟି ଓ ଶରୀରର ବିଭିନ୍ନ ସ୍ଥାନରେ ଭୁସି ହତ୍ୟା ▶ପୃଷ୍ଠା-୭

### ରାଜ୍ୟସଭା କସରତ

## ୬ଟି ନାଁ ଦିଲ୍ଲୀ ପଠାଇଲା ବିଜେପି

### ସୂଚୀରେ ମନମୋହନ, ବସନ୍ତ, ସମୀର, ସୁଜିତ ଓ ଦୁଇ ପୂର୍ଣ୍ଣିମା

■ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫ ।୨ (ସମିସ): ଗତ ରବିବାର ଅନୁଷ୍ଠିତ ହୋଇଛି ରାଜ୍ୟ ବିଜେପିର କୋର କମିଟି ବୈଠକ। ଏହି ବୈଠକରେ ସଂଗଠନ, ବିଭିନ୍ନ ନିଗମ ନିଯୁକ୍ତି ସଂକ୍ରାନ୍ତରେ ବିଶେଷ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ମାତ୍ର ଯେଉଁ ରାଜ୍ୟସଭା ପ୍ରସଙ୍ଗ ସମ୍ୟକ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଥିଲା, ଏବେ ସେହି ପ୍ରସଙ୍ଗ ହିଁ ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରୁ ଜାତୀୟ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବ ସଭାପତି ବସନ୍ତ ପଣ୍ଡା ଓ ସମୀର ମହାନ୍ତି, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ସୁନ୍ଦରଗଡ଼ ଜିଲ୍ଲା ବିଜେପି ସଭାପତି ପୂର୍ଣ୍ଣିମା କେର୍କେଟା ଓ ରାଜ୍ୟସଭା ସଦସ୍ୟ ସୁଜିତ୍ କୁମାରଙ୍କ ନାମକୁ ସଂସଦୀୟ କମିଟି ନିକଟକୁ ରାଜ୍ୟ କୋର କମିଟି ସୁପାରିସ କରିଛି। ତେବେ ରାଜ୍ୟରୁ ସୁପାରିସ ହୋଇଥିବା ୬ଟି ନାମ ବ୍ୟତୀତ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନଙ୍କ ନାମ ମଧ୍ୟ ଏହି ସୂଚୀରେ ସାମିଲ କରାଯାଇଥିବା ଦିଲ୍ଲୀ ରାଜନୈତିକ ମହଲରେ ଆଲୋଚନା ହେଉଛି।

**ଓଡ଼ିଶାରୁ ପ୍ରାର୍ଥୀ ହୋଇପାରନ୍ତି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ**

ନିତିନ ନବୀନ ବିହାର ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଥିଲେ ଓ ସମ୍ପ୍ରତି ବିହାର ବିଧାନସଭା ସଦସ୍ୟ ଅଛନ୍ତି। ଗତ ଡ଼ିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ସେ ବିହାରରେ ମନ୍ତ୍ରୀ ରୂପେ କାର୍ଯ୍ୟ କରୁଥିଲେ ଓ ଜାତୀୟ ସଭାପତି ରୂପେ ନିର୍ବାଚିତ ହେବା ପରେ ସେ ବିହାରରେ ନୀତୀଶଙ୍କ ମନ୍ତ୍ରିମଣ୍ଡଳରେ ଆଉ ସାମିଲ ହୋଇ ନାହାନ୍ତି। ଦଳର ରାଷ୍ଟ୍ରୀୟ ସଭାପତି ଭାବରେ ଦିଲ୍ଲୀରେ ରହିବାର ଆବଶ୍ୟକତା ଦୃଷ୍ଟିରୁ ତାଙ୍କୁ ରାଜ୍ୟସଭା ସଦସ୍ୟ ଭାବରେ ନିର୍ବାଚିତ କରିବା ନିମନ୍ତେ ବିଜେପିର ଜାତୀୟ ନେତୃତ୍ୱ ଚାହୁଁଛନ୍ତି। ଏପରିକି ନିତିନ ନବୀନଙ୍କୁ ଓଡ଼ିଶାରୁ ରାଜ୍ୟସଭା ପଠାଯିବା ନିମନ୍ତେ ତାଙ୍କର କିଛି ସପକ୍ଷବାଦୀ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି। ଅତୀତରେ ବିଜେପି ଅନ୍ୟ ରାଜ୍ୟର ରାଜନୈତିକ ବ୍ୟକ୍ତିମାନଙ୍କୁ ଓଡ଼ିଶାରୁ ରାଜ୍ୟସଭାକୁ ପଠାଇଥିବା ଦୃଷ୍ଟିରୁ ନିତିନଙ୍କ ପ୍ରାର୍ଥିତ୍ୱ ଓଡ଼ିଶାରେ ସେପରି କିଛି ବିତର୍କ ସୃଷ୍ଟି କରିବ ନାହିଁ ବୋଲି ଦଳ ମନେ କରୁଛି। ଏହି ପରିପ୍ରେକ୍ଷୀରେ ନିତିନ ଯଦି ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀ ହୁଅନ୍ତି, ତେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ରାଜ୍ୟସଭା ପ୍ରାର୍ଥୀ ନିମନ୍ତେ ଯେଉଁ ୬ଟି ନାମ କୋର କମିଟି ସୁପାରିସ କରିଛି, ସେଥିମଧ୍ୟରୁ ୩ଟି ନାମକୁ ନେଇ ବିଭିନ୍ନ ମହଲରେ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ପୂର୍ବ ସଭାପତି ସମୀର ମହାନ୍ତି ଓ ବସନ୍ତ ପଣ୍ଡାଙ୍କ ନାମକୁ ନେଇ ପ୍ରାୟତଃ ଦଳରେ ପ୍ରାୟତଃ ଅସହମତି ନାହିଁ। ମାତ୍ର ରାଜ୍ୟ ବିଜେପି ସମ୍ପାଦିକା ତଥା କୋରାପୁଟ ଅଞ୍ଚଳର ବିଜେପି ନେତ୍ରୀ ପୂର୍ଣ୍ଣିମା ନାୟକ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ନିକଟତମ କୁହାଯାଉଥିବା ସୁନ୍ଦରଗଡ଼ ଜିଲ୍ଲା ବିଜେପି ▶ପୃଷ୍ଠା-୭

# ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ପ୍ରାପ୍ତ ହେବ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୮୮୭- ଭାରତର ପ୍ରଥମ ମହିଳା ଡାକ୍ତର ଆନନ୍ଦୀ ଗୋପାଳ ଯୋଶୀଙ୍କ ପରଲୋକ।
- ୧୯୬୬-ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ପରଲୋକ।
- ୧୯୭୫- ଗୁଜରାଟରେ ଦେଶର ପ୍ରଥମ ଗୁଡ଼ି ସଂଗ୍ରହାଳୟ ସ୍ଥାପନ କରାଗଲା।
- ୨୦୦୬- ପରମାଣୁ ପରିଶୋଧନକୁ ନେଇ ରୁଷ୍ ଓ ଇରାନ୍ ମଧ୍ୟରେ ବୁଝାମଣା।

## ଜରୁରି ସେବା ପାଇଁ ବରଦାନ ପାଲଟିବ ପାଉଡର

### ଆଖି ପିଛୁଳାକେ ରୋକିବ ରକ୍ତସ୍ରାବ



ଦକ୍ଷିଣ କୋରିଆର ବୈଜ୍ଞାନିକମାନେ ଏମିତି ଏକ ସ୍ପ୍ରେ ତିଆରି କରିଛନ୍ତି, ଯାହାକି ଚିକିତ୍ସା ଜଗତରେ କ୍ରାନ୍ତି ଆଣିବ କହିଲେ ଭୁଲ୍ ହେବ ନାହିଁ। ଏହି ସ୍ପ୍ରେ କ୍ଷତ ସ୍ଥାନରେ ପକାଇବା ଦ୍ୱାରା ସେଥିରୁ ରକ୍ତ ବାହାରିବା ତୁରନ୍ତ ବନ୍ଦ ହୋଇଯିବ। ସାଧାରଣତଃ ଦୁର୍ଘଟଣା ସମୟରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ଅନେକ ସମୟରେ ରୋଗୀର ମୃତ୍ୟୁ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କୋରିଆ ଆଡଭାନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲଜିର ବୈଜ୍ଞାନିକମାନେ ଏକ ନିଆରା ସ୍ପ୍ରେ ଅନ୍ ପାଉଡର ବିକଶିତ କରିଛନ୍ତି। ଏହାର ନାଁ 'ଏଜିସିଏଲ୍' ପାଉଡର ରଖାଯାଇଛି। ଏହି ପାଉଡରକୁ କ୍ଷତ ସ୍ଥାନରେ ପକାଇବା ଦ୍ୱାରା ଏହା ରକ୍ତ ସଂସ୍ପର୍ଶରେ ଆସି ଏକ ସେକେଣ୍ଡରୁ କମ୍ ସମୟ ମଧ୍ୟରେ ଜେଲ୍‌ରେ ପରିଣତ ହୋଇଥାଏ। ଏହା ଘା ବା କ୍ଷତ ସ୍ଥାନ ଉପରେ ଏକ ଆସ୍ତରଣ ସୃଷ୍ଟି କରିଥାଏ। ଫଳରେ ତୁରନ୍ତ ରକ୍ତସ୍ରାବ ବନ୍ଦ ହୋଇଯାଏ। ଏହାଦ୍ୱାରା ପୂର୍ବଭଳି ଘା କିମ୍ବା ଖଣ୍ଡିଆ ହେବା ଦ୍ୱାରା ବ୍ୟାଣ୍ଡେଜ୍ କରିବାକୁ ପଡ଼ିବ ନାହିଁ। ଫଳରେ ଘାଗୁଡ଼ିକ ସଂକ୍ରମିତ ହେବା ଆଶଙ୍କା ମଧ୍ୟ ରହିବ ନାହିଁ। ତେବେ ପ୍ରାକୃତିକ ଉପାୟରେ ଏହି ସ୍ପ୍ରେକୁ ପ୍ରସ୍ତୁତ କରାଯାଇଛି। ଏହି ଜେଲ୍ ତା'ର ଓଜନଠାରୁ ସାତ ଗୁଣ ଅଧିକ ରକ୍ତକୁ ଶୋଷିବାର କ୍ଷମତା ରଖିଛି। ଏହାକୁ ଦୁଇ ବର୍ଷ ପର୍ଯ୍ୟନ୍ତ ସାଧାରଣ ତାପମାତ୍ରାରେ ରଖାଯାଇପାରିବ। ତେବେ ଖୁବ୍ ଶୀଘ୍ର ଏହା ଫାଷ୍ଟଏଡ୍ ବକ୍ସରେ ସ୍ଥାନ ପାଇବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଏବେ ଏହା ବିକଶିତ ଅବସ୍ଥାରେ ଅଛି। ବଜାରରେ ଏହା ଉପଲବ୍ଧ ହେଲେ ଆଗାମୀ ଦିନରେ ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା ପାଇଁ ଏକ ଶସ୍ତା ଓ ସୁରକ୍ଷିତ ବିକଳ୍ପ ହେବ।

## ବିବାହରେ ନିଆରା ଉପହାର



ଭାରତୀୟ ପରମ୍ପରାରେ ବିବାହରେ ଉପହାର ଦେବା ଏକ ବିଶେଷ ରୀତିନୀତି। ସାଧାରଣତଃ ଝିଅ ଶାଶୂଘରକୁ ଯିବା ସମୟରେ ତାକୁ ଘର ଲୋକ ଶ୍ରଦ୍ଧାରେ ଉପହାର ଦେଇଥାନ୍ତି। ଏହି ଉପହାର ମଧ୍ୟରେ ସୁନା ଅଳଙ୍କାର, ଘରକରଣା ଜିନିଷ ଆଦି ଥାଏ। ଏହାସହ ବରର ସମ୍ପର୍କୀୟଙ୍କୁ ମଧ୍ୟ ଉପହାର ଦିଆଯାଏ। ହେଲେ ନିକଟରେ ସାଉଦି ଆରବରେ ଏକ ବିବାହରେ କନିଆର ଭାଇ ବରର ପରିବାରକୁ ୨୪ କ୍ୟାରେଟ୍ ସୁନା ବିସ୍କୁଟ୍ ଉପହାର ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଭିଡିଓରେ ଏହା ଏକ ରାଜକୀୟ ବିବାହ ପରି ମନେ ହେଉଛି। ବିବାହରେ ଯୋଗ ଦେଇଥିବା କିଛି ଶେଖ୍ ଏକାଠି ବସିଥିବାବେଳେ ଜଣେ ବ୍ୟକ୍ତି ହାତରେ ଗୋଟିଏ ବାକ୍ସ ଧରି ବୁଲୁଛନ୍ତି। ବାକ୍ସ ଧରିଥିବା ବ୍ୟକ୍ତି ଜଣକ କନିଆଙ୍କ ଭାଇ ବୋଲି କୁହାଯାଇଛି। ସେ ଏହି ବାକ୍ସ ନେଇ ବରପକ୍ଷ ପାଖରେ ପହଞ୍ଚିଛନ୍ତି। ବରପକ୍ଷର ଲୋକେ ଗୋଟିଏ ଗୋଟିଏ ସୁନା ବିସ୍କୁଟ୍ ଉଠାଉଥିବାର ଦେଖାଯାଉଛି। ପ୍ରକୃତ କଥା ହେଉଛି, ଏହି ଉପହାର ସୁନା ବିସ୍କୁଟ୍ ନୁହେଁ ବରଂ ଏକ ଦାମୀ ଚକୋଲେଟ୍ ଥିଲା। ଏହାକୁ ସୁନେଲି ରଙ୍ଗର ଫଏଲ ପେପର୍‌ରେ ଗୁଡାଇ ଅତିଥିଙ୍କୁ ଦିଆଯାଇଥାଏ। ଏହି ଭିଡିଓଟିକୁ ସାମାଜିକ ଗଣମାଧ୍ୟମରେ ରେନ୍‌ମେକର୧୯୭୩ ଆଇଡିରୁ ସେୟାର କରାଯାଇଥିଲା। ଏହାର କ୍ୟାପସନ୍‌ରେ ଲେଖାଯାଇଥିଲା 'ସାଉଦି ଆରବରେ ଏକ ବିବାହରେ କନିଆର ଭାଇ ବର ପରିବାର ଲୋକଙ୍କୁ ୨୪ କ୍ୟାରେଟ୍ ସୁନା ବିସ୍କୁଟ୍ ଉପହାର ଦେଉଛନ୍ତି।' ତେବେ ଏହା ପ୍ରକୃତରେ ପେଜି ବ୍ରାଣ୍ଡର ଏକ ଦାମୀ ଚକଲେଟ୍। ଏହାକୁ ସୁନେଲି ରଙ୍ଗର ଖୋଳରେ ଗୁଡ଼ାଯାଉଥିବାରୁ ଏହା ଅବିକଳ ସୁନା ବିସ୍କୁଟ୍ ପରି ଦେଖାଯାଏ। ସାଉଦି ଆରବରେ ବିବାହ ସମୟରେ ଏଭଳି ଚକଲେଟ୍ କନିଆ ଘର ପକ୍ଷରୁ ବରଘର ପକ୍ଷକୁ ଦିଆଯାଏ।

## 'ଟକ୍ସିକ୍' ନିର୍ମାତା ଆପଣାଇଲେ 'ଧୁରନ୍ଧର' ଫର୍ମୁଲା



କନ୍ନଡ଼ ସୁପରଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏ ଫ୍ୟାରିଟେଲ ଫର୍ ଗ୍ରୋନ୍‌ଅପ୍ସ'ର ଟିଜର୍ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏବେ ଦର୍ଶକେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। 'କେଜିଏଫ୍ ଚାପ୍ଟର ୨' ପରେ ଯଶ୍ ଏହି ଫିଲ୍ମ ମାଧ୍ୟମରେ ଦୀର୍ଘ ଚାରିବର୍ଷ ପରେ ବଡ଼ ପରଦାକୁ ଫେରୁଥିବାରୁ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଯଶ୍‌ଙ୍କ ସହ ଏଥିରେ ନୟନତାରା, ରୁକ୍ମଣୀ ବସନ୍ତ, ହୁମା କୁରେସି, କିଆରା ଆଡଭାନୀ, ତାରା ସୂତାରିୟା ଦେଖାଯିବେ। ଏବେ ଏଥିରେ ଆଉ ଜଣେ ଟେଲି ନାୟିକା ମଧ୍ୟ ନଜର ଆସିବେ ବୋଲି ଜଣାପଡ଼ିଛି। ଏହି କଥା ପ୍ରକାଶ ପାଇବା ପରେ 'ଟକ୍ସିକ୍' ନିର୍ମାତା 'ଧୁରନ୍ଧର' ଫର୍ମୁଲାକୁ ଆପଣାଇଥିବା ଚର୍ଚ୍ଚା ହେଉଛି। 'ଧୁରନ୍ଧର'ରେ ଅନେକ ଟେଲିଭିଜନ ଜଗତର କଳାକାର ଦେଖାଯାଇଥିଲେ। ଟେଲିଭିଜନ ଜଗତର ଜଣାଶୁଣା ଚେହେରା ସଞ୍ଜିଦା ଶେଖ୍ 'ଟକ୍ସିକ୍'ରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ସଞ୍ଜିଦାଙ୍କର ଏହା ପ୍ରଥମ ପ୍ୟାନ୍ ଇଣ୍ଡିଆ ଫିଲ୍ମ ହେବ। ଏହାପୂର୍ବରୁ ସଞ୍ଜିଦା ସଞ୍ଜୟ ଲୀଲା ଭଁସାଲିଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି: ଦ ଡାଏମଣ୍ଡ ବାଜାର', ହ୍ରିତିକ୍ ରୋଶନଙ୍କ 'ଫାଇଟର୍'ରେ ମଧ୍ୟ ଦେଖାଯାଇଥିଲେ। 'ଟକ୍ସିକ୍' ଆସନ୍ତା ୧୯ ମାର୍ଚ୍ଚରେ ପରଦାକୁ ଆସିବ। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହା ହିନ୍ଦୀ, ତେଲୁଗୁ, ମଲାୟଲମ୍, ତାମିଲ୍ ଓ ଅନ୍ୟଭାଷାରେ ରିଲିଜ୍ ହେବ।

## ହର୍ବାଲ ରଙ୍ଗରେ ସଚେତନତା ବାର୍ତ୍ତା





ରଙ୍ଗର ପର୍ବ ହୋଲି। ପିଲାଠୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଚାହିଁ ରହିଥାନ୍ତି ଏହି ଦିନକୁ। ବର୍ତ୍ତମାନ ସମୟରେ ବଜାରରେ ଉପଲବ୍ଧ ହେଉଥିବା ରାସାୟନିକ ରଙ୍ଗ ଲଗାଇବା ଦ୍ୱାରା କୁଣ୍ଡିଆ, ଜଳାପୋଡ଼ା ବିଭିନ୍ନ ଚର୍ମଜନିତ ସମସ୍ୟା ଦେଖାଯାଉଛି। ତେଣୁ ପ୍ରାକୃତିକ ଜିନିଷ ତଥା ଔଷଧୀୟ ପତ୍ର, ମଞ୍ଜି, ଫୁଲ ଓ ଫଳକୁ ଉପଯୋଗ କରି ହର୍ବାଲ ରଙ୍ଗରେ ହୋଲି ଖେଳି ନିଜେ ସୁସ୍ଥ ରହିବା ସହ ପରିବେଶକୁ ସୁସ୍ଥ ରଖିବାପାଇଁ ସଚେତନତା ବାର୍ତ୍ତା ଦେଉଛନ୍ତି ଛତିଶଗଡ଼ ନାରାୟଣପୁର ଜିଲ୍ଲାର ମହିଳାମାନେ।

### ମହିଳାଙ୍କ ଦ୍ୱାରା ରଙ୍ଗ ପ୍ରସ୍ତୁତି

ଦୀର୍ଘ ବର୍ଷ ଧରି ପ୍ରାକୃତିକ ଉପାୟରେ ମହିଳାମାନେ ହର୍ବାଲ ରଙ୍ଗ ପ୍ରସ୍ତୁତ କରି ଲୋକଙ୍କୁ ସଚେତନ କରି ଆସୁଛନ୍ତି। ପୂର୍ବରୁ ରାସାୟନିକ ରଙ୍ଗ ଖେଳିବା ଦ୍ୱାରା ଗ୍ରାମବାସୀମାନେ ଚକ୍ଷୁଜନିତ ସମସ୍ୟା, ଜଳାପୋଡ଼ା, କୁଣ୍ଡିଆ ଆଦିର ସମ୍ମୁଖୀନ ହୋଇଥିଲେ। ଫଳରେ ମହିଳାମାନେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ନାରାୟଣପୁର ଯାଇଥିଲେ। ସେଠାରେ ତାଙ୍କୁ ରାସାୟନିକ ରଙ୍ଗ ବଦଳରେ ଜଡ଼ିବୁଟି, ପତ୍ରଫୁଲରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗ ବ୍ୟବହାର ପାଇଁ କରିବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଥିଲେ। ଏହାପରେ ପାଖପଡ଼ୋଶୀ ମହିଳା ମିଳିତ ହୋଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ହର୍ବାଲ୍ ରଙ୍ଗ ତିଆରି କରିଆସୁଛନ୍ତି।

### ପତ୍ର ଓ ଫୁଲରୁ ନିର୍ମିତ ରଙ୍ଗ

ବର୍ଷକୁ ଥରେ ଫଗୁ ବା ଅବିରରେ ହୋଲି ଖେଳିଲେ, ବର୍ଷସାରା କୌଣସି ଚର୍ମଜନିତ ସମସ୍ୟା ହୁଏ ନାହିଁ। ତେଣୁ ପ୍ରାକୃତିକ ଉପାୟରେ ବିଭିନ୍ନ ଔଷଧୀୟବୃକ୍ଷ ପତ୍ର ଯଥା – ନିମ୍ବ, କୁଙ୍କୁମ, ବେଲପତ୍ର, ଆମ୍ବପତ୍ର, ମେହେନ୍ଦୀ ପତ୍ର, କରଞ୍ଜପତ୍ରକୁ ଶୁଖାଇ ସେଥିରେ ହଳଦୀ, ଚାଉଳ, ମୁଲତାନୀ ମାଟି ଓ କଫି ମିଶାଇ ବିଭିନ୍ନ ହର୍ବାଲ ରଙ୍ଗ ପ୍ରସ୍ତୁତ କରୁଥିବା ମହିଳାମାନେ କହିଛନ୍ତି। ସେମାନଙ୍କ କହିବାନୁଯାୟୀ ଏହି ରଙ୍ଗ ସୁରକ୍ଷିତ ହେବା ସହ ତ୍ୱଚା ଏବଂ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

### ରଙ୍ଗ ମାଧ୍ୟମରେ ସଚେତନତା

ହର୍ବାଲ ରଙ୍ଗ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ସହ ମହିଳାଙ୍କୁ ଆତ୍ମନିର୍ଭର କରିପାରିଛି। ଏହି ରଙ୍ଗ ହୋଲିରେ ନିଆରା ଅନୁଭୂତି ପ୍ରଦାନ କରିବା ସହ ତ୍ୱଚା ପାଇଁ ସୁରକ୍ଷିତ ହୋଇଥାଏ। ଏହା ଦ୍ୱାରା ପଶୁପକ୍ଷୀ ଏବଂ ପରିବେଶ ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼େ ନାହିଁ। ଏହା ପ୍ରାକୃତିକ ସୁଗନ୍ଧ ସହ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିଥାଏ।

## ରାଜା ପୃଥୁ ଓ ଢୁଣ୍ଡି ରାକ୍ଷସୀ

ନଗେନ୍ଦ୍ର ନାଥ ପଟ୍ଟନାୟକ

**ପୁରାଣରେ ହୋଲିକା ଦହନର ଅନେକ କଥାର ବର୍ଣ୍ଣନା ଅଛି। ସେସବୁ ଭିତରେ ପ୍ରହ୍ଲାଦ ଓ ହୋଲିକା, ଶ୍ରୀକୃଷ୍ଣ- ରାଧା, ଭଗବାନ ଶଙ୍କର -ପାର୍ବତୀ ଆଉ କାମଦେବ କଥା ପ୍ରମୁଖ। ପୁଣି ରାଜା ପୃଥୁ ଢୁଣ୍ଡି ରାକ୍ଷାସୀ କଥା ମଧ୍ୟ ଅନ୍ୟତମ।**

ବହୁକାଳ ଆଗର କଥା। ପୃଥୁ ଜଣେ ନ୍ୟାୟପ୍ରିୟ ଓ ପ୍ରଜା ବାତ୍ସଲ ରାଜା ଥିଲେ। ତାଙ୍କ ରାଇଜରେ ପ୍ରଜାକୁଳ ସୁଖ ଓ ଶାନ୍ତିରେ କାଳ କାଟୁଥିଲେ; ହେଲେ ସାରା ରାଇଜରେ ଢୁଣ୍ଡି ନାମକ ଜଣେ ରାକ୍ଷସୀ ଆତଙ୍କ ଖେଳାଇ ଦେଉଥିଲା। ତା'ର ଦୌରାତ୍ମ୍ୟରେ ପ୍ରଜାମାନେ ତ୍ରାହି ତ୍ରାହି ଡାକୁଥିଲେ। ସେ ପିଲାଝିଲାମାନଙ୍କୁ କଞ୍ଚା ଖାଇଯାଉଥିଲା।

ଦିନେ ପିଲାଟିଏ ଭୀଷଣ ଡରି ଯାଇ କହିଲା - ଆରେ ଢୁଣ୍ଡି ରାକ୍ଷସୀଟା ଝପଟି ଆସୁଚି। ସେଉଠୁ ଆଉଜଣେ ପିଲା କହିଲା – ମତେ ଭାରି ଡର ମାଡୁଛି। ତା' ପରେ ପ୍ରଥମ ପିଲାଟି ଛାନିଆରେ କହିଲା - ସେ ମତେ ରୋଗଣା କରିଦେଇଛି.. ଆରେ କିଏ ଆଛିରେ ମତେ ରକ୍ଷାକର।

ଏ ଖବର ବିଜୁଳି ବେଗରେ ଆସି ରାଜାଙ୍କ କାନରେ ବାଜିଲା। ସେ ଚିନ୍ତିତ ହୋଇ ଉଠିଲେ। ମନ୍ତ୍ରୀଙ୍କୁ ଚାହିଁ କହିଲେ - ମୋ ରାଇଜରେ ପିଲାଏ ଭୟ ଆତଙ୍କରେ ରହୁଛନ୍ତି। ମନ୍ତ୍ରୀ ! ଏଇ ରାକ୍ଷସୀଠୁ ରକ୍ଷା ପାଇବା ପାଇଁ ଉପାୟ ପାଞ୍ଚି ମତେ ବେଗି ଜାଣନ୍ତି। ତା'ପରେ ମନ୍ତ୍ରୀ କହିଲେ - ମହାରାଜ! ଇଏ କୌଣସି ଯାହିଁତାହି ରାକ୍ଷସୀ ନୁହେଁ। ଯେ ଦେବତାଙ୍କଠୁ ବର ପାଇଛି। କୌଣସି ଦେବତା, ଅସ୍ତ୍ରଶସ୍ତ୍ର ଓ ଶତ୍ରୁଦ୍ୱାରା ସେ ନିହତ ହୋଇପାରିବ ନାହିଁ ବୋଲି ବରପ୍ରାପ୍ତ କରିଚି। କିନ୍ତୁ ଗୋଟିଏ ତ୍ରୁଟି ରହିଯାଇଛି।

ଠିକ୍ ଏ ସମୟରେ ଜଣେ ଋଷି ଆସି ରାଜ ଦରବାରରେ ହାଜର। ପରାମର୍ଶ ଦେବା ମୁଦ୍ରାରେ ଋଷି ଜଣଙ୍କ ରାଜାଙ୍କୁ କହିଲେ - ଫାଲଗୁନ ମାସ ପୁନେଇଁ ଦିନ ସବୁପିଲା ଖଣ୍ଡେ ଲେଖାଏଁ ଶୁଖିଲା କାଠ ନେଇ ଘରୁ ବାହାରନ୍ତୁ। କାଠ ଖଣ୍ଡଗୁଡ଼ିକ ଠାଏ ଜମାକରି ରଖିଲା ପରେ ଶୁଖା କାଠି କୁଟା ଆଣି ସେଥିରେ ନିଆଁ ଜଳେଇ ଦିଅନ୍ତୁ। ତା'ବାଦେ ଘନଘନ କରତାଳି ମାରି ପିଲାଏ ମନ୍ତ୍ରପାଠ କରି ଅଗ୍ନି ଚାରିପଟେ ପ୍ରଦକ୍ଷିଣ କରନ୍ତୁ। ପୁଣି ଋଷି କହିଲେ - ପିଲାଙ୍କର ହୋ ହୋ ହସ, ପାଟିଗୋଳ ଓ ସମବେତ ଆନନ୍ଦ-ଉଲ୍ଲାସ ରାକ୍ଷସୀର ଶକ୍ତିକୁ ନଷ୍ଟ କରିଦେବ।

ଋଷିଙ୍କ ତୁଣ୍ଡରୁ କଥାପଦକ ଶୁଣି ରାଜା କହିଲେ - ହଉ, ଠିକ୍‌ଅଛି। ଆଗ ଗୋଟିଏ କାମ କରାଯାଉ। ରାଇଜସାରା ଦେଙ୍ଗୁରା ପିଟି ଏ ଖବର ସମସ୍ତଙ୍କୁ ଜଣାଇ ଦିଆଯାଉ। ଏହାପରେ ଋଷି କହିଲେ ପୂର୍ଣ୍ଣିମା ରାତିରେ ସବୁପିଲା ଆଉ ପ୍ରଜାମାନେ କାଠ ଖଣ୍ଡେ ଲେଖାଏଁ ନେଇ ଏକାଠି କରନ୍ତୁ। ରାଜା ମନ୍ତ୍ରୀଙ୍କୁ କହିଲେ - ଏ ଆଦେଶକୁ କଡ଼ା କଡି ଭାବେ ପାଳନ କରିବା ନିହାତି ଜରୁରି।



ଏବେ ଦେଖିବାର ଅଛି ଢୁଣ୍ଡି ରାକ୍ଷସୀ କେମିତି ରକ୍ଷା ପାଇବ। ଏଥର ମୋ ରାଇଜରେ ସବୁ ପ୍ରଜା ଓ ପିଲାଏ ନିରାପଦରେ ରହିବେ। ତା' ପରେ ପିଲାଏ ମେଳିହୋଇ କାଠ ଖଣ୍ଡିଗୁଡ଼ିକୁ ଏକାଠି ଜମାକଲେ। ସେଥିରେ ଶୁଖିଲା କାଠିକୁଟା ପୂରେଇ ନିଆଁ ଲଗେଇ ଦେଲେ। ପୁଣି ତା' ଆଖପାଖରେ ହୋ-ହଲ୍ଲା କରି ତାଳି ମାଡକଲେ। ଆଉ, ନାଚିକୁଦି ଗୀତ ଗାଇବାକୁ ଲାଗିଲେ।

ଢୁଣ୍ଡି ରାକ୍ଷସୀ ଯେତେବେଳେ ଖାଇବା ଲୋଭରେ ପିଲାମାନଙ୍କ ଆଡ଼କୁ ଝପଟି ଆସିଲା ପିଲାଏ ଖୁବ୍ ଜୋରରେ ତାଳିମାରି ପାଟିଗୋଳ କରିବାକୁ ଲାଗିଲେ। ଆଉ, ଆଖି ପିଛିଲାକେ ତାକୁ ଘେରିଗଲେ। ସମସ୍ତେ ଏକସ୍ୱରରେ କହିଲେ - ହା ହା ହା ,ଆଜି ଆମେ ଆଉ ଡରିବୁ ନାହିଁ।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଓସ୍କାର ସିଟି, ଲେନ୍ ନଂ ୯, ପ୍ଲଟ ନଂ ୪୫୬, ଲକ୍ଷ୍ମୀ ସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

## ହୋଲି ଆଉଟ୍‌ଫିଟ୍



ଦିନ କେଇଟା ପରେ ରଙ୍ଗର ପର୍ବ ହୋଲି। ଏହାକୁ ନେଇ ମହିଳାମାନେ ଖୁବ୍ ଉତ୍ସାହିତ ଥାନ୍ତି। ଏଥିପାଇଁ ସାଜସଜ୍ଜାଠୁ ନେଇ ବେଶପୋଷାକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଥାନ୍ତି। ଏଥିସହ ରଙ୍ଗ, ପିଚକାରୀକୁ ନେଇ ମଧ୍ୟ ଖୁବ୍ ଉତ୍ସାହିତ ଥାନ୍ତି। ଚାରିଆଡ଼େ ହୋଲିର ଆସର ଦେଖିବାକୁ ମିଳିଥାଏ। ହୋଲି ପାର୍ଟିରେ ନିଜକୁ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ ଏହି ଆଉଟଫିଟ୍ ପିନ୍ଧିପାରିବେ।

### ହୋଲି ପ୍ରିଣ୍ଟ ସାର୍ଟ

ହୋଲି ପ୍ରିଣ୍ଟ ସାର୍ଟ ବଜାରରୁ ନେଇ ଅନ୍‌ଲାଇନ୍ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ। ପ୍ରତ୍ୟେକ ସ୍ଥାନରେ ଏହା ଦେଖିବାକୁ ମିଳିଥାଏ। ଓଭରସାଇଜ୍ ଟି ସାର୍ଟ ହୋଲି ପାଇଁ ବେଶ୍ ଭଲ ହୋଇଥାଏ। ସେହିପରି ଚାହିଁଲେ ଫୁଲ୍ ସ୍ଲିଭ୍ ଡ୍ରେସ୍ ମଧ୍ୟ ପିନ୍ଧିପାରିବେ।

### ଫ୍ଲୋରାଲ୍ ପ୍ରିଣ୍ଟ ସୁଟ୍

ଫ୍ଲୋରାଲ୍ ପ୍ରିଣ୍ଟ ସୁଟ୍‌ରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଥିରେ ଫଟୋ ଭଲ ଉଠିଥାଏ। ସାଧା ଲୁକ୍ ଚାହୁଁଥିଲେ ଧଳା ସହ ରଙ୍ଗୀନ୍ ଦୁପଟ୍ଟା ପିନ୍ଧିପାରିବେ।

### ରଙ୍ଗିନ ଶାଢ଼ି

ଅଧିକାଂଶ ମହିଳା ହୋଲିରେ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ଏପରିସ୍ଥଳେ ଧଳା ନଚେତ୍ ରେଡି ଟୁ ୱିୟାର୍ ଶାଢ଼ି ପିନ୍ଧିପାରିବେ। ଏହା ସୁନ୍ଦର ଦିଶିବା ସହ ଏକ ପାରମ୍ପରିକ ଲୁକ୍ ଦେଇଥାଏ।

# ଆଜିଠୁ ମହାନଦୀ ଟ୍ରିବ୍ୟୁନାଲର ୫ ଦିନିଆ ଓଡ଼ିଶା ଗସ୍ତ

- ଗସ୍ତକୁ ପିକ୍‌ନିକ୍ କହି ସମାଲୋଚନା କଲା ମହାନଦୀ ବଞ୍ଚାଓ ଆନ୍ଦୋଳନ
- ମଧ୍ୟବର୍ତ୍ତୀକାଳୀନ ରାୟ ଦ୍ୱାରା ଆବଶ୍ୟକ ପାଣି ଛାଡିବାକୁ ଦାବି
- ୧୦ ସ୍ଥାନରେ ସତ୍ୟାଗ୍ରହ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ

**ଭୁବନେଶ୍ୱର,୨୫।୨(ସମିସ):** ମହାନଦୀ ଜଳବିବାଦ ପାଇଁ ଗଠିତ ଟ୍ରିବ୍ୟୁନାଲ୍ ଫେବୃଆରୀ ୨୬ରୁ ମାର୍ଚ୍ଚ ୨ ତାରିଖ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷା ବେଲା ଏମ୍ ତ୍ରିବେଦୀଙ୍କ ସମେତ ଟ୍ରିବ୍ୟୁନାଲର ସଦସ୍ୟ ଜଷ୍ଟିସ୍ ଡକ୍ଟର ରବି ରଞ୍ଜନ ତାଙ୍କ ପତ୍ନୀ ଡକ୍ଟର ସୁନିତା ରାୟ, ଜଷ୍ଟିସ୍ ଇନ୍ଦରମୀତ କୌର କୋଚର ତାଙ୍କ ସ୍ୱାମୀ ଜଷ୍ଟିସ୍ ଏକେ ପାଠକ, ଜଷ୍ଟିସ ରବି ରଞ୍ଜନଙ୍କ ଝିଅ ଭବ ପ୍ରିୟଦର୍ଶିନୀ, ନାତି ଗୁରୁ ବିକ୍ରମାଦିତ୍ୟ, ହିସାବ କାରକ ଏକେ ସିଂହ, ଆସେସାର କୃଷ୍ଣନୁନ୍ନି ଏନଏମ, ରେଜିଷ୍ଟ୍ରାର ଚନ୍ଦନ ମୁଖାର୍ଜୀ, ସୁରକ୍ଷା ଅଧିକାରୀ ଅନିଲ ଦତ୍ତ ଶର୍ମା, ସୁଜିତ କୁମାର ଗିରି, ବିଭାଗ ଅଧିକାରୀ ମନୋଜ କୁମାର ପ୍ରମୁଖ ଏହି ଟିମରେ ଆସୁଛନ୍ତି। ଏହି ଗସ୍ତକୁ ପିକ୍‌ନିକ ବୋଲି କହି କଡ଼ା ସମାଲୋଚନା କରିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ସଂଗଠନ ପକ୍ଷରୁ କୁହାଯାଇଛି, ଓଡ଼ିଶାକୁ ଟ୍ରିବ୍ୟୁନାଲରୁ କୌଣସି ସୁଫଳ ମିଳିନାହିଁ। ତେଣୁ ମଧ୍ୟବର୍ତ୍ତୀ କାଳୀନ ରାୟ ଦ୍ୱାରା ଅଣମୌସୁମୀ ସମୟରେ ଓଡ଼ିଶାକୁ ଆବଶ୍ୟକ ପାଣି ଛାଡିବାକୁ ସଂଗଠନ ଦାବି କରିଛି।


ସଂଗଠନ ପକ୍ଷରୁ ଆବାହକ ସୁଦର୍ଶନ ଦାସ କହିଛନ୍ତି, ପୂର୍ବରୁ ୨୦୨୩ ମସିହାରେ ମଧ୍ୟ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତରେ ଆସିଥିଲା ଓ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲା। ଏଥିପାଇଁ ରାଜ୍ୟ ତହବିଲରୁ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଫଳ କ'ଣ ହେଲା ତାହା ସମସ୍ତଙ୍କୁ ଜଣା। ଏବେ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ସରିବାକୁ ବସିଥିବା ବେଳେ ପୁଣି ଥରେ ଏହି ଗସ୍ତ କ'ଣ ପାଇଁ ବୋଲି ସଂଗଠନ ପ୍ରଶ୍ନ କରିଛି। ଆସନ୍ତା ମାର୍ଚ୍ଚରେ ଟ୍ରିବ୍ୟୁନାଲ ଅବଧି ସରିବ। ଯେହେତୁ ୯ ମାସ ଅଧ୍ୟକ୍ଷ ପଦବୀ ଖାଲିଥିଲା, ତେଣୁ ପୁଣି ୯ ମାସ ଟ୍ରିବ୍ୟୁନାଲ ଅବଧି ବଢ଼ିପାରେ। ହେଲେ ସେଥିରେ ଏ ପର୍ଯ୍ୟନ୍ତ ସ୍ପଷ୍ଟତା ଆସି ନାହିଁ। ଅନ୍ୟପଟେ ଟ୍ରିବ୍ୟୁନାଲରୁ ଓଡିଶାକୁ ଏବଂ ମହାନଦୀକୁ କୌଣସି ନ୍ୟାୟ ମିଳୁ ନ ଥିବାରୁ ଓଡ଼ିଶା ଲୋକଙ୍କ ଟିକସ ପଇସା ପୁଣି ଖର୍ଚ୍ଚ କାହିଁକି ହେବ ବୋଲି ସଂଗଠନ ପ୍ରଶ୍ନ ଉଠାଇଛି। ତେଣୁ ଏହି ଗସ୍ତ ସମୟରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିଭିନ୍ନ ପ୍ରଶ୍ନ ସହ ବିରୋଧ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନେଇଛି। ସଂଗଠନ କହିଛି, ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ଓ ସଂଗଠନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା ଓ ବିଚାର ବିମର୍ଶ ପରେ ଏହି ନିଷ୍ପତି ହୋଇଛି। ଏହି କ୍ରମରେ ଗୁରୁବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିରୋଧ ପ୍ରଦର୍ଶନ ହେବ। ସେହିପରି ୨୭ ରୁ ୨ତାରିଖ ପର୍ଯ୍ୟନ୍ତ କନକତୋରା, ସମ୍ବଲପୁର,ବିନିକା, ସୋନପୁର, ଆଠମଲ୍ଲିକ, ବାଙ୍କୀ, ବୈଦେଶ୍ୱର, କଟକ, ପାରାଦୀପ ଆଦି ସ୍ଥାନରେ ମଧ୍ୟ ମହାନଦୀ ବଞ୍ଚାଅ ଆନ୍ଦୋଳନ ବିରୋଧ ପ୍ରଦର୍ଶନ ସହ ବାଲି ସତ୍ୟାଗ୍ରହ କରିବ ବୋଲି ସଂଗଠନ ପକ୍ଷରୁ ନିଷ୍ପତ୍ତି ହୋଇଛି।

ଏହା ବ୍ୟତୀତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ଦୟାନଦୀରେ ଏକ ବ୍ୟାରେଜ ହେବା ଦ୍ୱାରା ତଳ ମୁଣ୍ଡରେ ନଦୀର ଅବସ୍ଥା ଶୋଚନୀୟ ହେବ ବୋଲି ସଂଗଠନ କହିଛି। ନଦୀରୁ ଉଠୁଥିବା ବାଲି ଓ ମାଟିକୁ ମାଫିଆ ମାନେ ବୋହି ନେଉଛନ୍ତି। ଏହା ନଦୀ ଏବଂ ଅଞ୍ଚଳ ବାସୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ଆସନ୍ତା ୨୭ ତାରିଖରେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ସେହି ଅଞ୍ଚଳ ଗସ୍ତ କରି ସ୍ଥାନୀୟ ସମସ୍ୟା ଅନୁଧ୍ୟାନ କରିବା ସହ ପ୍ରକଳ୍ପର ସମସ୍ତ ତଥ୍ୟ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ ନିଷ୍ପତି ହୋଇଛି ବୋଲି ସଂଗଠନର ମୁଖପାତ୍ର ପ୍ରସନ୍ନ ବିଷୋୟୀ କହିଛନ୍ତି। ଆଜିର ବୈଠକରେ ପରିବେଶବିତ ଡଃ ଜୟ କୃଷ୍ଣ ପାଣିଗ୍ରାହୀଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ।

## ବାରମ୍ବାର ଶ୍ରୀମନ୍ଦିର ଉପରେ ଉଡୁଛି ଡ୍ରୋନ୍

# ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ଦାୟିତ୍ୱ କାହାର?

**ପୁରୀ,୨୫।୨(ସମିସ):** ଶ୍ରୀମନ୍ଦିର ଉପରେ ବାରମ୍ବାର ଉଡୁଛି ଡ୍ରୋନ୍। ଘଟଣା ଜଣାପଡ଼ିବା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ଏପରି କି କିଛି ଘଟଣାରେ ଡ୍ରୋନ୍ ଜବତ କରାଯାଉଛି ଏବଂ ଏହାକୁ ଉଡ଼ାଉଥିବା ବ୍ୟକ୍ତିବିଶେଷ ଧରାପଡୁଛନ୍ତି। କିଛିଦିନ ପରେ ଏହି ପ୍ରସଙ୍ଗକୁ ସମସ୍ତେ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ ହେବା ନେଇ ସୂଚନା ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା? ଏହାକୁ ଲଗାଇବା ଦାୟିତ୍ୱ କାହାର?



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବା ବେଳେ ଏବେ ଚିନ୍ତା ବଢ଼ାଇ ଦେଲାଣି ଡ୍ରୋନ୍ ଉଡ଼ାଣ। ନିକଟରେ ଏକାଧିକଥର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିଛି। ପୁଲିସ ମଧ୍ୟ ବହୁବାର ଡ୍ରୋନ୍ ଜବତ କରିଥିବାବେଳେ ଉଡ଼ାଉଥିବା ବ୍ୟକ୍ତିଙ୍କୁ କାବୁ କରିଛି। ଏମିତି ବି ଅନେକ ସମୟରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ାଯାଇ ଫଟୋ, ଭିଡିଓ ଉତ୍ତୋଳନ କରାଯାଉଥିଲେ ବି ଏହା ପୁଲିସ କିମ୍ବା ପ୍ରଶାସନ ନଜରକୁ ଆସୁନାହିଁ। ନିକଟରେ ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା। ଗତ ୨୨ ତାରିଖରେ ମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ରବି ପ୍ରଭୁ ନାମକ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଡ୍ରୋନ୍ ଉଡ଼ାଣ ଭିଡିଓ ଅପ୍‌ଲୋଡ୍ କରିଥିଲେ। ମାତ୍ର ୨୪ ସେକେଣ୍ଡର ଏହି ଭିଡିଓରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଡ୍ରୋନ୍ ଧରି ହାତରେ ଦେଖାଇବାର ଦୃଶ୍ୟ ରହିଛି। ଏହି ଡ୍ରୋନ୍ ଭିଡିଓ ଶ୍ରୀମନ୍ଦିର ଉପରେ କେବେ ଉଡ଼ିଥିଲା ତାହା ସ୍ପଷ୍ଟ ଜଣାପଡ଼ି ନ ଥିଲେ ମଧ୍ୟ ଗୁପ୍ତ ଭାବେ ଏହାକୁ ଉଡ଼ାଇଥିବା କୁହାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଶ୍ରୀମନ୍ଦିର ଆଇନରେ ନାହିଁ। ତେଣୁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ଘଟୁଥିବାବେଳେ ଆଇନକୁ ସଂଶୋଧନ ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛି ମନ୍ଦିର ପ୍ରଶାସନ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣ ଉପରେ ଲଗାମ ଲଗାଇବା ପାଇଁ ଶ୍ରୀମନ୍ଦିରରେ ଆଣ୍ଟି ଡ୍ରୋନ୍ ସିଷ୍ଟମ ଲଗାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିଲେ। ଏପରିକି ଶ୍ରୀମନ୍ଦିର ସୁରକ୍ଷା ପାଇଁ ଗଠିତ ସବ୍ କମିଟି ବୈଠକରେ ମଧ୍ୟ ଏ ପ୍ରସଙ୍ଗ ଉପରେ ଆଲୋଚନା କାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ।

ଏଠାରେ ପ୍ରଶ୍ନଉଠୁଛି ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ଲଗାଇବା ଦାୟିତ୍ୱ କାହାର? ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ନା ପୁଲିସ ନା ରାଜ୍ୟ ସରକାର କିଏ ଅର୍ଥ ଖର୍ଚ୍ଚ କରିବେ? ଯଦି ଏହାର ଉତ୍ତର ରହିଛି ତେବେ କାହିଁକି ଏହି ବ୍ୟବସ୍ଥା ଶ୍ରୀମନ୍ଦିର କ୍ଷେତ୍ରରେ ଲାଗୁ କରାଯାଉନାହିଁ। ସମସ୍ତେ ଶ୍ରୀମନ୍ଦିର ସୁରକ୍ଷା ନେଇ ବଡ଼ ବଡ଼ ଭାଷଣ ଦେଉଛନ୍ତି। ହେଲେ ସୁରକ୍ଷା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ ଏକ ଜରୁରୀ ବ୍ୟବସ୍ଥା ହୋଇଥିବାବେଳେ ଏହା କିପରି ଲଗାଯିବ ସେ ନେଇ କେହି ଆଗଭର ଦେଖାଉ ନାହାନ୍ତି। ଫଳସ୍ୱରୂପ ବାରମ୍ବାର ମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ବେଳେ ବଡ଼ଦେଉଳର ବହୁ ଗୁରୁତ୍ୱପୂର୍ଣ୍ଣ ଫଟୋ, ଭିଡିଓ ବାହାରେ ପ୍ରଘଟ ହେଉଛି।



ବାହାରିନରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପରେ ବିଜୟୀ ହୋଇ ଷଷ୍ଠ ଟାଇଟଲ ଜିତିଥିବା ପ୍ରମୋଦ ଭଗତ ବୁଧବାର ସନ୍ଧ୍ୟାରେ ନବୀନ ନିବାସଠାରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ବାହାରିନରେ ଅସାଧାରଣ ପ୍ରଦର୍ଶନ ପାଇଁ ନବୀନ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

**କଟକ,୨୫।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି (ପିଏମଏସଟି-୨୦୨୫) ପରୀକ୍ଷାର ଫଳାଫଳ ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଗତ ଜାନୁଆରୀ ୨୮ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାର ଷ୍ଟେଜ୍-୧ (ଷଷ୍ଠ ଶ୍ରେଣୀ) ଏବଂ ଷ୍ଟେଜ୍-୨ (ନବମ ଶ୍ରେଣୀ)ର ସଫଳ ପରୀକ୍ଷାର୍ଥୀଙ୍କ ତାଲିକା ଏବେ ବୋର୍ଡର ୱେବସାଇଟରେ ଉପଲବ୍ଧ ହେଉଛି। କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତି ରାଶି ପ୍ରଦାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବୋର୍ଡ ପକ୍ଷରୁ ସମସ୍ତ ତଥ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ହସ୍ତାନ୍ତର କରାଯିବ। ସେଠାରୁ ସିଧାସଳଖ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବୃତ୍ତି ରାଶି ବଣ୍ଟନ କରାଯିବାର ବ୍ୟବସ୍ଥା କରାଯିବ। ଷ୍ଟେଜ୍-୧ ପାଇଁ ୪୧,୧୧୪ ଜଣ ଆବେଦନ କରିଥିବା ବେଳେ ୩୭,୫୨୪ ଜଣ ପରୀକ୍ଷା ଦେଇଥିଲେ। ଷ୍ଟେଜ୍-୨ ପାଇଁ ୩୬,୫୩୦ ଜଣ ଆବେଦନକାରୀଙ୍କ ମଧ୍ୟରୁ ୩୨,୫୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

- ସରକାରୀ ଜମି ଜବରଦଖଲକାରୀଙ୍କୁ ହାଇକୋର୍ଟଙ୍କ ଝଟକା

# ଯେତେ ବର୍ଷ ଦଖଲରେ ଥିଲେ ବି ମିଳିବନି ମାଲିକାନା ସ୍ୱତ୍ୱ

**କଟକ,୨୫।୨(ସମିସ):** ସରକାରୀ ଜମିର ସୁରକ୍ଷା ଏବଂ ବେଆଇନ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରି କଡ଼ା ରାୟ ଶୁଣାଇଛନ୍ତି। କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ, କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଯଦି ଅନେକ ବର୍ଷ ଧରି ବେଆଇନ ଭାବେ ସରକାରୀ ଜମିକୁ ନିଜ ଦଖଲରେ ରଖିଥାଏ, ତଥାପି ସେହି ଦୀର୍ଘ ସମୟ ଅତିବାହିତ ହୋଇଥିବା ଦର୍ଶାଇ ସେ ଏହା ଉପରେ କୌଣସି ଆଇନଗତ ମାଲିକାନା ସତ୍ତ୍ୱ ପାଇପାରିବେ ନାହିଁ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହେବା ଏକ ସୁନିଶ୍ଚିତ ପ୍ରକ୍ରିୟା ଏବଂ ଏଥିରେ କୌଣସି ପ୍ରକାର ଶିଥିଳତାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏଥିସହ ଜବରଦଖଲ ରୋକିବାରେ ବିଫଳ ହେଉଥିବା କିମ୍ବା ଏହାକୁ ପରୋକ୍ଷରେ ସହଯୋଗ କରୁଥିବା ରାଜସ୍ୱ ନିରୀକ୍ଷକ ଓ କ୍ଷେତ୍ରସ୍ତରର ଅଧିକାରୀଙ୍କ ବିରୋଧରେ କଡ଼ା ଶୃଙ୍ଖଳାଗତ ଏବଂ ଆବଶ୍ୟକ ସ୍ଥଳେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ସ୍ତରରେ ଜବରଦଖଲ ନ ରୋକି ପରେ ସ୍ଥିତି ଜଟିଳ ହେବା ପରେ ପଦକ୍ଷେପ ନେବା ଘଟଣାରେ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବା ଉଚିତ ବୋଲି ହାଇକୋର୍ଟ ମତ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ଘରୋଇ ବସ କର୍ମଚାରୀ ୟୁନିୟନ ପକ୍ଷରୁ ଦାୟର କରାଯାଇଥିବା ରିଟ୍ ଅପିଲକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜୟପୁର ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ଏସଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମିରୁ ଉଚ୍ଛେଦ ସପକ୍ଷରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ୨୦୨୫ର ରାୟକୁ ଖଣ୍ଡପୀଠ କାଏମ ରଖିବା ସହ ଆସନ୍ତା ୧୦ ଦିନ ମଧ୍ୟରେ ସମ୍ପୃକ୍ତ ଜମିକୁ ଖାଲି କରି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ୟୁନିଅନକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ

# ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୨(ସମିସ):** ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଜଗନ୍ନାଥ ମନ୍ଦିର ଉଦଘାଟନ ଉତ୍ସବରେ ସପତ୍ନୀକ ଯୋଗ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସେ ଗଙ୍ଗା ଆରତୀ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପବିତ୍ର ପ୍ରୟାଗରାଜରେ ଶ୍ରୀ ଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ; ଏହା ଆସ୍ଥା, ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ। ଏହି ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରି ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ ଏବଂ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧେ ବୋଲି ସେ ଉଲ୍ଲେଖ କରିଛନ୍ତି।

ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ପ୍ରାଚୀନକାଳରୁ ପ୍ରୟାଗରାଜ ଋଷି ଓ ମୁନିମାନଙ୍କ ତପୋଭୂମି ଭାବେ ପରିଚିତ ଓ ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ଏହି ମନ୍ଦିର ଆଗାମୀ ଦିନରେ ଭକ୍ତମାନଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ସନ୍ଦେଶ ପ୍ରସାର କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତର ପ୍ରଦେଶର ଜଳ୍‌ଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବ୍ ସିଂହ, ଓଡ଼ିଶାର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇଛନ୍ତି।

# ରଙ୍ଗ ବଦଳା ଖର୍ଚ୍ଚର ହିସାବ ନାହିଁ

**ଭୁବନେଶ୍ୱର,୨୫।୨(ସମିସ):** ଗତ ୨୦ ମାସର ସରକାରରେ ରାଜ୍ୟରେ ବ୍ୟାପକ ରଙ୍ଗ ପରିବର୍ତ୍ତନ ହୋଇଛି। ସରକାରୀ କୋଠାଠାରୁ ଆରମ୍ଭ କରି ପିଲାଙ୍କ ପୋଷାକ, ବସ୍, କ୍ଷୀର ପ୍ୟାକେଟ୍ ସରକାରୀ ଆମ୍ବୁଲାନ୍ସ, ସରକାରୀ ଯୋଜନାର ହୋର୍ଡିଂ ଆଦିର ରଙ୍ଗ ପରିବର୍ତ୍ତନ କରି ଏହାକୁ ଗେରୁଆ କରାଯାଇଛି। ଏହି ରଙ୍ଗ ପରିବର୍ତ୍ତନ ଯୋଗୁଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏହି ୨୦ ମାସ ମଧ୍ୟରେ ଏହି ରଙ୍ଗ ପରିବର୍ତ୍ତନ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେନେଇ ସରକାରଙ୍କ ପାଖରେ କୌଣସି ତଥ୍ୟ ନାହିଁ ବୋଲି ସରକାର କହିଛନ୍ତି।

ସରକାରଙ୍କ ଏହି ଉତ୍ତର ପରେ ଚାରିଆଡୁ ସମାଲୋଚନା ଆରମ୍ଭ ହୋଇଛି। କାରଣ ରାଜ୍ୟରେ ଥିବା ସମସ୍ତ ସରକାର କୋଠାଗୁଡ଼ିକୁ ଗେରୁଆ ରଙ୍ଗ କରିବା ଫଳରେ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନାବଶ୍ୟକ ସ୍ଥଳେ ଅର୍ଥାତ ନୂଆ କରି ନିର୍ମାଣ ହୋଇଥିବା ବିଭିନ୍ନ ହସ୍ପିଟାଲ, ମେଡିକାଲ କଲେଜ ଓ ଅନ୍ୟ ପ୍ରତିଷ୍ଠାନ ଆଦିର ମଧ୍ୟ ରଙ୍ଗପରିବର୍ତ୍ତନ କରାଯାଉଛି। ସରକାର ଗଠନ କରିବାର କିଛି ଦିନ ପରେ ପ୍ରଥମେ ଗତ ଅକ୍ଟୋବର ୨୦୨୪ରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ସବୁ ବିଭାଗର ଇଂଜିନିୟରିଂ ମୁଖ୍ୟଙ୍କୁ ଚିଠି ମାଧ୍ୟମରେ ସରକାରୀ କୋଠାର ରଙ୍ଗ ପରିବର୍ତ୍ତନ ନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରଠାରୁ ବିଭିନ୍ନ ବିଭାଗରରେ ରଙ୍ଗ ପରିବର୍ତ୍ତନ ଆରମ୍ଭ ହୋଇଥିଲା। ଏମିତି କି ବସ୍‌ଗୁଡ଼ିକୁ ମଧ୍ୟ ଗେରୁଆ ରଙ୍ଗ କରାଯାଇଥିବା ବେଳେ ଆମ୍ବୁଲାନ୍ସ ମଧ୍ୟ ଏଥିରୁ ବାଦ୍ ପଡ଼ି ନଥିଲା।

**ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ସରକାରଙ୍କୁ ଚାରିଆଡୁ ସମାଲୋଚନା**

ବିଧାନସଭାର ବଜେଟ୍ ଅଧିବେଶନରେ ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ, ଜୁନ ୨୦୨୪ ରୁ ଆଜିପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟ କୋଠା, ବାସଗୃହ କୋଠା, ସୂଚନା ଓ ବିଜ୍ଞାପନ ଫଳକ, ସରକାରୀ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକର ରଙ୍ଗ ପରିବର୍ତ୍ତନ କରିବାରେ ସରକାର କେତେ ଅର୍ଥ ବ୍ୟୟ କରିଛନ୍ତି ବୋଲି ଜାଣିବାକୁ ପ୍ରଶ୍ନ କରିଥିଲେ। ଏହାସହିତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷର ଜିଲ୍ଲାୱାରୀ ବ୍ୟୟ ତାଲିକା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ମାତ୍ର ଏହି ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜୁନ ୨୦୨୪ ରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟ କୋଠା, ବାସଗୃହ କୋଠା, ସୂଚନା ଓ ବିଜ୍ଞାପନ ଫଳକ, ସରକାରୀ ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକର ରଙ୍ଗ ପରିବର୍ତ୍ତନ କରିବାରେ ହୋଇଥିବା ଅର୍ଥ ବ୍ୟୟର ପରିମାଣ ସହିତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷର ହୋଇଥିବା ଅର୍ଥ ଖର୍ଚ୍ଚର ଆବଶ୍ୟକ ତଥ୍ୟ ସଂଗ୍ରହ ଚାଲିଛି ବୋଲି ଉତ୍ତର ଦେଇଛନ୍ତି।

# ଶ୍ରୀବଳଦେବଜୀଉଙ୍କ ରଥ ନିର୍ମାଣ ଲାଗି ୧ କୋଟିର ସ୍ୱତନ୍ତ୍ର ଅନୁଦାନ

**ଭୁବନେଶ୍ୱର,୨୫।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ନୂତନ ବ୍ରହ୍ମ ତାଳଧ୍ୱଜ ରଥର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖି କହିଛନ୍ତି ଯେ ବିଗତ କିଛିଦିନ ଧରି ରଥର ୧୪ଟି ଚକର ଅବସ୍ଥା ଠିକ୍ ନଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାରର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀ ମା'ଙ୍କ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରୁ ନଥିଲା ଏବଂ ପାଖାପାଖି ଦୁଇଦିନ ବଳମ୍ବ ହେଉଥିଲା। ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖା ଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ଏକ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏଥିନେଇ ବିଧି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ନେଇ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

# ମୁଗ ଚାଷ ପାଇଁ ଜୈବିକ ବଦଳରେ ରସାୟନିକ ସାରକୁ ପ୍ରୋତ୍ସାହନ

- ହେକ୍ଟର ପିଛା ଚାଷୀ ଦେଉଛନ୍ତି ୨୦୪୦ ଟଙ୍କା
- ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ଦର; ଦୁର୍ନୀତି ଆଶଙ୍କା
- ଡିଲରଙ୍କ ଠାରୁ ପିସି ପାଇଁ ଅଧିକାରୀଙ୍କ ବ୍ୟବସ୍ଥା

**ଭୁବନେଶ୍ୱର, ୨୫।୨(ସମିସ):** ଗୋଟିଏ ପଟେ ଜମିରେ ଜୈବିକ ସାର ପ୍ରୟୋଗକୁ ସରକାର ପ୍ରୋତ୍ସାହିତ କରୁଥିବାବେଳେ ଅନ୍ୟପଟେ ମୁଗ ଚାଷରେ ରସାୟନିକ ସାର ପ୍ରୟୋଗ କରିବାକୁ ବାଧ୍ୟ କରୁଛନ୍ତି। ରବି ଋତୁରେ ମୁଗ ଚାଷ ପାଇଁ ବିହନ ବଣ୍ଟନ ସାଙ୍ଗକୁ ଚାଷୀଙ୍କୁ ରସାୟନ ସାର ବିକୁଛନ୍ତି। ରସାୟନ ସାର ବିକ୍ରି ପାଇଁ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ଦର ନିର୍ଦ୍ଧାରିତ କରାଯାଇଥିବାରୁ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଦୁର୍ନୀତିର ଗନ୍ଧ ବାରି ହୋଇ ପଡୁଛି।

ସୂଚନା ଅନୁଯାୟୀ, କୃଷି ବିଭାଗ ପକ୍ଷରୁ ଆର୍‌ଏଫ୍‌ଏମ୍ ଯୋଜନାରେ ଚାଷୀଙ୍କୁ ହେକ୍ଟର ପିଛା ୨୦ କେଜି ମାଗଣା ମୁଗ ବିହନ ବଣ୍ଟନ କରାଯାଉଛି। ଏହାସହ ଜଉ ପୋକ, ଉକୁଣିଆ ଓ ଧଳାମାଛି ନ ଲାଗିବା ପାଇଁ ଥାଇଓମେଥୋକ୍ସାଜାମ୍ ପ୍ରଦାନ କରାଯାଉଥିବାବେଳେ ସବାଲୁଁଆ ଓ ପତ୍ରକଣା ପୋକ ପାଇଁ ପ୍ରୋଫେନୋଫସ୍, ଘାସମରା ପାଇଁ ପେଣ୍ଡି ମେଥିଲିନ୍, ଭଲ ଫୁଲ ଫଳ ସହ ଅମଳ ପାଇଁ ବୋରନ୍ ଓ ନାନୋ ଡିଏପି ପ୍ରଦାନ କରାଯାଉଛି। ଏସବୁ ରସାୟନିକ ସାର ପାଇଁ ଚାଷୀମାନେ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ପରମାଣରେ ଟଙ୍କା ଦେଉଛନ୍ତି। ଅନୁଗୋଳ ଓ ଖୋର୍ଦ୍ଧା ଜିଲ୍ଲାରେ ରାସାୟନିକ ସାର ବାବଦକୁ ହେକ୍ଟର ପିଛା ୨୦୪୦ ଟଙ୍କା ଲେଖାଏଁ ଚାଷୀଙ୍କ ଠାରୁ ନିଆଯାଇଥିବାବେଳେ କେନ୍ଦ୍ରାପଡ଼ାରେ ୧୫୦୦ ଓ ଭଦ୍ରକରେ ୧୩୦୦ ଟଙ୍କା ଲେଖାଏଁ ଆଦାୟ କରାଯାଇଛି। ଏହା ସହ ଅନ୍ୟ ସମସ୍ତ ଜିଲ୍ଲାରେ ଭିନ୍ନ ଭିନ୍ନ ପରିମାଣର ଟଙ୍କା ଆଦାୟ ହୋଇଥିବାରୁ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଚାଷୀ ହେକ୍ଟର ପିଛା ୨୦୪୦ ଟଙ୍କା ଲେଖାଏଁ ସବସିଡି ପାଇବେ। ମାତ୍ର ତାଙ୍କ ଠାରୁ ସମ ପରିମାଣର ଟଙ୍କା ରସାୟନ ସାର ପାଇଁ ଆଦାୟ ହୋଇଥିବାରୁ ବହୁ ଚାଷୀ ମୁଗ ଚାଷ ପାଇଁ ଆଗ୍ରହୀ ହେଉନାହାନ୍ତି। ବାଧ୍ୟବାଧକତା କରି ରସାୟନ ସାର ପ୍ରୟୋଗ କରିବାକୁ ସରକାରଙ୍କ ଯୋଜନାକୁ କୃଷି ବୈଜ୍ଞାନିକମାନେ ନାପସନ୍ଦ କରିଛନ୍ତି। ସେମାନଙ୍କ କହିବା କଥା ପ୍ରାୟ ଚାଷୀ ଜମିରେ ଗୋବର ପକାଉଛନ୍ତି। ତଦନୁସାରେ ସେମାନେ ଜୈବିକ ସାର ଉପଯୋଗ କଲେ ଅଧିକ ଲାଭାନ୍ୱିତ ହୋଇପାରିବେ। ମାତ୍ର ରାସାୟନିକ ସାରର ବହୁଳ ଉପଯୋଗ ପାଇଁ କ୍ରମାଗତ ଭାବେ ରାଜ୍ୟରେ ମୁଗ ଉତ୍ପାଦନ କମୁଛି। ଯାହା ମୁଗ ଚାଷରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରାଇବାକୁ ଆଉ ଏକ ଆହ୍ୱାନ।

ଅପରପକ୍ଷରେ ରାସାୟନିକ ସାରକୁ ବାଧ୍ୟବାଧକତା କରିବା ଦ୍ୱାରା ବ୍ୟାପକ ହରିଲୁଟ୍ କରିବାକୁ ପଥ ସୁଗମ ହୋଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ଚଷୀଙ୍କ ଠାରୁ ମେଡିସିନ୍ ବାବଦକୁ ଆଦାୟ ହେଉଥିବା ଅର୍ଥରେ ତଳୁ ଶୀର୍ଷ ପର୍ଯ୍ୟନ୍ତ ଅଧିକାରୀଙ୍କ ଭାଗ ରହିଛି। ଗୋଟିଏ ବ୍ଲକ୍ ବା ଉପଖଣ୍ଡରେ ଜଣେ ବ୍ୟବସାୟୀଙ୍କ ଠାରୁ ଔଷଧ କିଣିବା ସହ ପିସି କାରବାର କରିବାରେ ସୁବିଧା ହେଉଛି। ଜିଲ୍ଲା ସ୍ତରରେ ବ୍ଲକ୍ କୃଷି ଅଧିକାରୀଙ୍କ ଠାରୁ ଆରମ୍ଭ କରି ଏଡିଓ ଓ ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରାୟ ୨୫ ପ୍ରତିଶତ ପିସି ରହୁଛି। ଏଣୁ ଚାଷୀଙ୍କୁ ବାଧ୍ୟ କରି ରସାୟନିକ ସାର ବିକ୍ରି କଲେ ଅଧିକାରୀମାନେ ମାଲେମାଲ ହେଉଥିବାରୁ ରସାୟନିକ ସାର ବ୍ୟବହାରକୁ ପରୋକ୍ଷରେ ସରକାରୀ ପ୍ରୋତ୍ସାହନ ମିଳୁଥିବା ଅଭିଯୋଗ ହୋଇଛି।




# ବିକଶିତ ଭାରତ ସମାରୋହ ପ୍ରସ୍ତୁତି ବୈଠକ



କୋରାପୁଟ,୨୫।୨ (ସମିସ): ଶୁକ୍ରବାର ଦିନ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତର ଯୁବପିଢ଼ି ଗଣତନ୍ତ୍ରର ମୂଲ୍ୟବୋଧ, ସାମ୍ବିଧାନିକ ଦାୟିତ୍ୱ ଓ ଭବିଷ୍ୟତ ଭାରତ ଗଢ଼ିବାରେ ସଚେତନ ହେବା ସହିତ ନିଜ କର୍ତ୍ତବ୍ୟ ହୃଦ୍‌ବୋଧ କରିବାର ସୁଯୋଗ ପାଇବେ ବୋଲି ମହାବିଦ୍ୟାଳୟର ଏନ୍‌ଏସଏସ୍ କାର୍ଯ୍ୟାଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସୂଚନା ଦେଇ କହିଛନ୍ତି ଯେ ୧୮ରୁ ୨୫ ବର୍ଷର ଯେକୌଣସି ଯୁବକ ଯୁବତୀ 'ମାଇ ଭାରତ ପୋର୍ଟାଲ' ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରି ଏହି ପ୍ରତିଯୋଗିତାରେ ଭାଗ ନେଇ ପାରିବେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା' ବିଷୟରେ ୩ ମିନିଟର ଏକ ଭାଷଣ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସ୍ତୁତ କରିବେ। ଏହି ପ୍ରତିଯୋଗିତାରେ ବିପୁଳ ସଂଖ୍ୟାରେ ଯୁବକ ଯୁବତୀ ଯୋଗ ଦେବା ପାଇଁ ସମ୍ମିଳନୀର ଆବାହକ ଡ. ଶ୍ରୀଚନ୍ଦନ ମିଶ୍ର ଅନୁରୋଧ କରିଥିଲେ। ଶେଷରେ ଡ. ସୁଶୀଳ କୁମାର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ. ପ୍ରୀତିଧାରା ସାମଲ,ଡ. ରଂଜନ କୁମାର ବାରିକ, ଅଜିତ କୁମାର ସେଠୀ, ଡ. ସୈରୀନ୍ଧ୍ରୀ ମହାରଣା, ଡ. ଦୁର୍ଗାପ୍ରସାଦ ପାଣିଗ୍ରାହୀ, ସୁଶ୍ରୀ କାଞ୍ଚନ ତାଣ୍ଡି, ଶିବରାମ ବଡ଼ରାଇତା, ପ୍ରଶାନ୍ତ ସାନ୍ତରା ପ୍ରମୁଖ ଉପସ୍ଥିତ ଥିଲେ ।

## ୫ ଦିନ ହେଲା ନିଖୋଜ ଥିଲେ

# ଛତିଶଗଡ଼ରୁ ପ୍ରଧାନଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର/ଝରିଗାଁ,୨୫।୨(ସମିସ):



ନିଖୋଜ ହେବାର ୫ ଦିନ ପରେ ମିଳିଲା ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ମୃତଦେହ। ଛତିଶଗଡ଼ ରାଜ୍ୟରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ତେବେ ସିଏ ଆତ୍ମହତ୍ୟା କରିଛନ୍ତି ନା ଅନ୍ୟ କାରଣରୁ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଏହି ଖବର ପରିବାର ଏବଂ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ଶିକ୍ଷକ ହେଉଛନ୍ତି ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡି ଗ୍ରାମର ଅଲେଖ ଚରଣ ଭକ୍ତ (୩୬) । ଅଲେଖ ଝରିଗାଁ ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡ଼ା ଗ୍ରାମସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କୁ ଚଳିତ ବର୍ଷ ଦଶମ ପରୀକ୍ଷା ପାଇଁ ଝରିଗାଁ ବ୍ଲକ ଅନ୍ତର୍ଗତ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ପ୍ରଧାନଶିକ୍ଷକ ନିଜ ଦାୟିତ୍ୱ ସମ୍ପନ୍ନ କରି ଗତ ଶନିବାର ଅପରାହ୍ନରେ କଲେଗାଁ ସ୍କୁଲରୁ ବାହାରିଥିଲେ। ତେବେ ପ୍ରାୟ ୪ଟା ପରେ ମଧ ସେ ନିଜ ଘର ବଡ଼ଭରଣ୍ଡି ଗ୍ରାମରେ ପହଞ୍ଚି ନ ଥିଲେ । ଏନେଇ ପରିବାର ଲୋକେ ଝରିଗାଁ ଥାନାରେ ଏତଲା ଦେଇଥିଲେ। ଝରିଗାଁ ଥାନାରେ କେସ୍ ନମ୍ବର ୭ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପ୍ରଧାନଶିକ୍ଷକଙ୍କୁ ଖୋଜିବା ଆରମ୍ଭ କରିଥିଲେ ସୁଦ୍ଧା କୌଣସି ଖବର ମିଳି ପାରି ନ ଥିଲା। ବୁଧବାର ସକାଳୁ ଛତିଶଗଡ଼ ମେଇନପୁର ପୋଲିସ ଉମରକୋଟ ଥାନାକୁ ସୂଚନା ଦେଇଥିଲେ ଯେ, ଜଣେ ଯୁବକଙ୍କ ଝୁଲନ୍ତା ମୃତ ଶରୀର ପୋଲିସ ଠାବ କରିଥିବାବେଳେ ତାଙ୍କ ନିକଟରୁ ଏକ ବାଇକ୍ (ଓଡି ୨୪ ଜେ ୮୪୨୪) ଏବଂ ଆଧାର କାର୍ଡ ଏବଂ ଭୋଟର କାର୍ଡ, ଦୁଇଟି ମୋବାଇଲ ଏବଂ କିଛି ଟଙ୍କା ମିଳିଛି। ଏହି ଖବର ପାଇବା ମାତ୍ରେ ଉମରକୋଟ ପୋଲିସ ଝରିଗାଁ ପୋଲିସଙ୍କୁ ସୂଚନା ଦେଇଥିଲେ । ଏହାପରେ ପରିବାର ଲୋକଙ୍କ ସହ ଝରିଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଛତିଶଗଡ଼ ପୋଲିସ, ସାଇଣ୍ଟିଫିକ୍ ଟିମ, ସନ୍ଧାନୀକୁକୁର ରହି ତଦନ୍ତ ଚଳାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଛି। ମୃତ ଶିକ୍ଷକ ଜଣଙ୍କ ମାନସିକ ଚାପରେ ରହୁଥିଲେ । ହେଲେ ତାଙ୍କୁ କିଏ ମାନସିକ ଚାପ ଦେଇଥିଲେ, ଯାହା କି ଶେଷରେ ଅଲେଖ ଚରଣ ଭକ୍ତ ମୃତ୍ୟୁକୁ ଆପଣାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ମୃତ୍ୟୁର ବିଭିନ୍ନ ଦିଗ ପ୍ରତି ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି ।

# ୱାଲଟିଅର ଡିଆରଏମ୍‌ଙ୍କ ବିଶାଖାପାଟଣା-ରାୟଗଡ଼ା-ଟିକିରି ରେଳ ସେକ୍ସନ ଯାଞ୍ଚ




ରାୟଗଡ଼ା/ଟିକିରି,୨୫।୨(ସମିସ): ପୂର୍ବତଟ ରେଳବାଇ ୱାଲଟିଏର ଡିଭିଜନାଲ୍ ରେଳ ପରିଚାଳକ (ଡିଆରଏମ) ଲଳିତ ବୋହରା ଆଜି ବିଶାଖାପାଟଣା-ରାୟଗଡ଼ା-ଟିକିରି ରେଳ ସେକ୍ସନରେ ବ୍ୟାପକ ଯାଞ୍ଚ କରିଥିଲେ । ସେ ଏହି ବିଭାଗରେ ବିଭିନ୍ନ ଭିତ୍ତିଭୂମି ବିକାଶ ଏବଂ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସମୀକ୍ଷା କରିଥିଲେ। ନିରୀକ୍ଷଣ ସମୟରେ, ଡିଆରଏମ ଏକ ବିସ୍ତୃତ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରିଥିଲେ। ଯେଉଁଥିରେ ସିଗନାଲିଂ ସିଷ୍ଟମ, ପଏଣ୍ଟ ଏବଂ କ୍ରସିଂ, ଟ୍ରାକ୍ ନବୀକରଣ, ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ, ନୂତନ ଲାଇନ କାର୍ଯ୍ୟ, ସେତୁ, ସୁଡ଼ଙ୍ଗ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସୁରକ୍ଷା ସ୍ଥାପନ ଉପରେ ଧ୍ୟାନ ଦିଆଯାଇଥିଲା । ସେ ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ଏବଂ ଚାଲୁଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସମୟସୀମା ସମାପ୍ତି ନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଟିକିରି ରେଳ ଷ୍ଟେସନରେ ଡିଆରଏମ ଶ୍ରୀ ବୋହରା ସେବା ଗୁଣବତ୍ତା ମୂଲ୍ୟାଙ୍କନ ଏବଂ ଆହୁରି ଉନ୍ନତି ପାଇଁ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ପାଇଁ ଯାତ୍ରୀ ସୁବିଧା ଏବଂ ସୁବିଧା ଯାଞ୍ଚ କରିଥିଲେ। ସେ ଟିକିରିରେ ରେଳ ସାଇଡିଂ ମଧ୍ୟ ପରିଦର୍ଶନ କରିଥିଲେ । ଯେଉଁଠାରେ ସେ ମାଲ ପରିବହନ ଗ୍ରାହକମାନଙ୍କ ସହିତ ଭାବ ବିନିମୟ କରିଥିଲେ ଏବଂ ମାଲ ପରିବହନ ବୃଦ୍ଧି ଏବଂ ବ୍ୟବସାୟିକ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଟିକିରି ଅଞ୍ଚଳରେ ଦୁଇ ଦୁଇଟି ବଡ଼ କାରଖାନା ଥିବାରୁ ଦୈନିକ ଶତାଧିକ ଲୋକ ଏହି ଟିକିରି ଷ୍ଟେସନ ଉପରେ ନିର୍ଭର କରିଥାନ୍ତି। ଷ୍ଟେସନର ୩ ଓ ୪ ନଂ ପ୍ଲାଟଫର୍ମ ଯିବା ପାଇଁ ଫ୍ଲାଇ ଓଭର ବ୍ୟବସ୍ଥା ଥିବା ବେଳେ ବରିଷ୍ଠ ନାଗରିକ ଓ ରୋଗୀଙ୍କୁ ନେବା ଆଣିବା ପାଇଁ ଲୋକେ ବହୁତ ହଇରାଣ ହେଉ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଦାବିକୁ ପୂରଣ ପାଇଁ ଖୁବ୍‌ଶୀଘ୍ର ର୍‌ୟାମ୍ପ ତିଆରି କରାଯିବ ବୋଲି ଡିଆରଏମ କହିଛନ୍ତି। ସେହିପରି ୧ ଓ ୨ ନଂ ପ୍ଲାଟଫର୍ମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ମାଲଗାଡି ଚାଲିଥିବା ବେଳେ ଏକ ଟିମ୍ ଆସି ତଦାରଖ କରିବା ପରେ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବ ବୋଲି ଡିଆରଏମ ଶ୍ରୀ ବୋହୋରା କହିଛନ୍ତି। ଆସନ୍ତା ଏପ୍ରିଲ ମାସ ସୁଦ୍ଧା ଏହି ୧ ଓ ୨ ନମ୍ବର ପ୍ଲାଟ ଫର୍ମରେ ପାସେଞ୍ଜର ଟ୍ରେନ ଚଳାଚଳ କରିବ ବୋଲି ମଧ ଡିଆରଏମ କହିଛନ୍ତି। ପରେ ଯାଞ୍ଚ ଜାରି ରଖି, ଡିଆରଏମ ସିଙ୍ଗାରାମ ରେଳ ଷ୍ଟେସନ୍ ଯାଞ୍ଚ କଲେ ଏବଂ ସିଙ୍ଗାରାମ ରେଳ ସାଇଡିଂରେ କାର୍ଯ୍ୟ ସମୀକ୍ଷା କଲେ, ଭିତ୍ତିଭୂମି ଏବଂ ମାଲ ପରିବହନ ସୁବିଧାର ସମୀକ୍ଷା କରିଥିଲେ। ଡିଆରଏମ କେଉଟଗୁଡ଼ା ଷ୍ଟେସନରେ ଯାତ୍ରୀ ସୁବିଧା ଯାଞ୍ଚ କରିଥିଲେ। ଡିଆରଏମ ଶ୍ରୀ ବୋହୋରାଙ୍କ ସହିତ ସିଭିଲ୍ ଇଞ୍ଜିନିୟରିଂ, ସିଗନାଲ ଏବଂ ଟେଲିକମ୍, ବୈଦ୍ୟୁତିକ, ଟ୍ରାକ୍ସନ୍, ସୁରକ୍ଷା ଏବଂ ଅନ୍ୟାନ୍ୟ ଶାଖା ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବା ନେଇ ୱାଲଟିଏର ଡିଭିଜନର ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ କେ. ପବନ କୁମାର ସୂଚନା ଦେଇଛନ୍ତି।

# ଅବ୍ୟବସ୍ଥା ଘେରରେ ସରକାରୀ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବନ୍ଧୁଗାଁ,୨୫।୨(ସମିସ): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ସରକାରୀ ଉଚ୍ଚ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି । ୧୯୫୪ ମସିହାରୁ ବିଦ୍ୟାଳୟ ସ୍ଥାପନ କରା ଯାଇଥିଲା। ବ୍ଲକରେ ସର୍ବ ପୁରାତନ ବିଦ୍ୟାଳୟ ହୋଇ ଥିବାରୁ ଏଠାରେ ପାଠପଢା ପରେ ଉଚ୍ଚତର ଶିକ୍ଷା ଲାଭ ପାଇଁ ଦଶମ ଶ୍ରେଣୀର ପାଠପଢା ଶୁଭାରମ୍ଭ ହୋଇଥିଲା। ବ୍ଲକର ଯୁବକ ଯୁବତୀ ମାନଙ୍କୁ ପାଠ ପଢିବା ଓ ଉତ୍ତମ ମଣିଷ ଗଠନ କରିବା କ୍ଷେତ୍ରରେ ଏହି ବିଦ୍ୟାଳୟର ଭୂମିକା ରହିଥିଲା। ଆଜି ଏହି ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ଚାଲିଛି। ବିଦ୍ୟାଳୟକୁ ଲାଗି ୧୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ରହିଛି। ଏଥି ସହିତ ୧୫୭ ଜଣ ଛାତ୍ରଛାତ୍ରୀ ଗାଁରୁ ବିଦ୍ୟାଳୟକୁ ଆସନ୍ତି। ଆଜି ୨୯୭ ପିଲା ବସି ପାଠପଢା ପାଇଁ ୫ଟି କୋଠରୀ ରହିଛି । ଛାତ୍ରଛାତ୍ରୀଙ୍କ ଅନୁପାତ ଅନୁଯାୟୀ ଶିକ୍ଷକ ଶିକ୍ଷୟତ୍ରୀ ୯ ଜଣ ରହିବା ପରିବର୍ତ୍ତେ ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି। ଶିକ୍ଷା ବିଭାଗ ଅଧିକାରୀ ବିଦ୍ୟାଳୟରେ ଥିବା ୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟରୁ ନାରାୟଣ ଡାକୁଆ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ଡେପୁଟେସନରେ ପଠାଇ ଥିବା ବେଳେ ଶିକ୍ଷକ ହେରମ୍ବ ରାଣାଙ୍କୁ ବିଏଲଓ ଦାୟିତ୍ୱରେ ରହିଛନ୍ତି । ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ଶିଶୁ ବାଟିକା ୧୧, ପ୍ରଥମ ଶ୍ରେଣୀ ୧୬ ଜଣ ଓ ଦ୍ୱିତୀୟ ଶ୍ରେଣୀ ୨୭ ଜଣ କୁ ମିଶାଇ ମୋଟ ୫୭ ଗୋଟିଏ କୋଠରୀରେ, ତୃତୀୟ ଶ୍ରେଣୀର ୪୪ ଜଣ ପାଠାଗାର କୋଠରୀରେ, ଚତୁର୍ଥ ଶ୍ରେଣୀ ୨୨ ଜଣ ଓ ପଞ୍ଚମ ଶ୍ରେଣୀର ୩୧ ଜଣ ମୋଟ ୫୩ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଗୋଟିଏ କୋଠରୀ, ଷଷ୍ଠ ଶ୍ରେଣୀର ୪୭ ଓ ସପ୍ତମ ଶ୍ରେଣୀର ୩୩ ଜଣକୁ ମିଶାଇ ମୋଟ ୮୦ ଜଣ ଛାତ୍ରଛାତ୍ରୀ ଗୋଟିଏ କୋଠରୀରେ ଓ ଅଷ୍ଟମ ଶ୍ରେଣୀ ୬୬ ଜଣ ଛାତ୍ରଛାତ୍ରୀ ପାଇଁ ଗୋଟିଏ କୋଠରୀ ମଧ୍ୟରେ ବସାଇ ପାଠପଢା ଯାଉଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ମାଝୀ, ଶିକ୍ଷୟିତ୍ରୀ ଜୟପ୍ରଦା ଦାସ, ସୌଦାମିନୀ ପୁହାଣ ଓ କାବେରୀ ଜେନା ରହିଥିବା ବେଳେ ଆବଶ୍ୟକ ପାଠ



ପଢ଼ାଇବା ପାଇଁ କୋଠରୀର ଅଭାବ, ମଧ୍ୟାହ୍ନଭୋଜନ ରୋଷେଇ ଘର ନାହିଁ। ଷ୍ଟୋର ରୁମ ନାହିଁ। ପାଇଖାନା ନାହିଁ ଓ ଛାତ୍ରାବାସ ଭିତରେ ଟାଇଲ ବାହାରି ନଷ୍ଟ ହୋଇ ଯାଇଛି। ଛାତ୍ରାବାସରେ ଅଳିଆ ଆବର୍ଜନା ରହୁଥିବାରୁ ଛାତ୍ର ମାନେ କାଛୁ କୁଣ୍ଡିଆରେ ଆକ୍ରାନ୍ତ ହୋଇଛନ୍ତି। ପିଲାଙ୍କ ଖାଇବା ଖାଦ୍ୟ ଭଲ ରହୁ ନାହିଁ। ଭିତ୍ତିଭୂମି ଅଭାବ, ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ପାଇଁ ଛାତ୍ରଛାତ୍ରୀ ଅକ୍ଷର ଚିହ୍ନିବା ଓ ଲେଖିବାକୁ ଜାଣୁ ନାହାନ୍ତି । ସ୍ଥାନୀୟ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ମଦନ ପାଣିଙ୍କୁ ଫୋନ ମାଧ୍ୟମରେ ଜଣାଇବା ପରେ ଅତି ଶୀଘ୍ର ଶିକ୍ଷକ ମାନଙ୍କୁ ଫେରାଇ ଆଣିବାକୁ ଜଣାଇ ଥିଲେ । ବର୍ତ୍ତମାନ ଏହି ବିଦ୍ୟାଳୟଟି ଅବ୍ୟବସ୍ଥା ଘେରରେ ରହି ଥିବାରୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବି ଓ ଅବିଭାବକ ଗୁହାରି କରିଛନ୍ତି।

# ଜଙ୍ଗଲ ନିଆଁକୁ ଆୟତ୍ତ କଲେ 'ସକାଳ' ପ୍ରତିନିଧି

ପୋଡ଼ାଗଡ଼, ୨୫।୨(ସମିସ): ବନାଗ୍ନି ରୋକିବା ପାଇଁ ସରକାର ଓ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ପଦକ୍ଷେପ ନେଇଥିବା ବେଳେ ତାହାର ବ୍ୟତିକ୍ରମ ଦେଖା ଦେଇଛି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବନାଞ୍ଚଳ ଅଧିନସ୍ଥ ଦଶମନ୍ତପୁର ବ୍ଲକ ଅଞ୍ଚଳରେ । ଦଶମନ୍ତପୁର ବ୍ଲକ ଅଧିନସ୍ଥ ପରଜା ବେଡ଼ାପଦର ପଞ୍ଚାୟତର ବଞ୍ଜୁଆ ଗୁଡା ଓ ସେମି ଗାଁ ଗ୍ରାମ ମଝିରେ ଥିବା ପାହାଡ଼ରେ ହୁତୁହୁତୁ ହୋଇ ନିଆଁ ଜଳୁଥିବା ଦେଖା ଦେଇଥିଲା। ସେହିରାସ୍ତା ଦେଇ ନିଜର କାମ ସାରି ଦୈନିକ ଖବର କାଗଜ 'ସକାଳ'ର ପ୍ରତିନିଧି ମଣ୍ଟୁ ଭତ୍ରା ଆସୁଥିବା ବେଳେ ଉକ୍ତ ନିଆଁକୁ ଦେଖି ଗାଡି ଅଟକାଇ ପାହାଡ଼ ଚଢ଼ି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ପୋଡୁ ଚାଷ ନିମନ୍ତେ ଅନେକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଏଥି ପ୍ରତି ଦାୟିତ୍ୱ ରେ ଥିବା ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ସହ ଜଙ୍ଗଲ ନିକଟରେ ଥିବା ଗ୍ରାମବାସୀ ମାନଙ୍କୁ ସଚେତନ କରିବା ଆବଶ୍ୟକ ରହିଛି ବୋଲି କୁହାଯାଉଛି ।

# ଏଲ୍‌ଏଚ୍‌ବି କୋଚ ସହିତ ଗଢ଼ିବ ସମ୍ବଲପୁର-ରାୟଗଡ଼ା ଇଣ୍ଟରସିଟି ଏକ୍ସପ୍ରେସ୍

## ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ଏକ୍ସପ୍ରେସରେ ଦ୍ୱିତୀୟ ଏସି କୋଚ ବୃଦ୍ଧି

ରାୟଗଡ଼ା,୨୫।୨(ସମିସ):

ପୂର୍ବତଟ ରେଳବାଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନ୍‌କୁ ଆଧୁନିକ ଏଲଏଚବି (ଲିଙ୍କେ ହଫମନ୍ ବୁଶ୍) କୋଚ ସହ ଆଜି ଠାରୁ ଅପଗ୍ରେଡ୍ କରାଯାଇଛି। ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରୀକ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ପୂର୍ବତଟ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଟ୍ରେନ ସଂଖ୍ୟା ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ଓ ୧୮୩୦୩/୧୮୩୦୩ ସମ୍ବଲପୁର-ପୁରୀ-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନର ପାରମ୍ପରିକ କୋଚକୁ ଆଧୁନିକ ଏଲଏଚବି କୋଚ ସହିତ ବଦଳା ଯାଇଛି । ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ଏଲଏଚବି କୋଚ ଯୋଡିହେବା ପରେ ଏଥିରେ ଗୋଟିଏ ସ୍ଲିପର କ୍ଲାସ (୩ ଟାୟାର, ନନ ଏସି), ଗୋଟିଏ ଦ୍ୱିତୀୟ ଶ୍ରେଣୀ ସଂରକ୍ଷିତ ସିଟିଂ କୋଚ,୫ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ, ଗୋଟିଏ ଗାର୍ଡ କମ୍ ପାୱାର କାର, ଦିବ୍ୟାଙ୍ଗଜନ ଯାତ୍ରୀଙ୍କ ପାଇଁ ଗୋଟିଏ ଗାର୍ଡ କମ୍ ସେକେଣ୍ଡ କ୍ଲାସ କୋଚ ରହିଛି । ଏଲଏଚବି କୋଚଗୁଡିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉନ୍ନତ ଚଳାଇବା ଆରାମ, ଉନ୍ନତ




ସସ୍‌ପେନସନ ସିଷ୍ଟମ ଏବଂ ଉନ୍ନତ ସୌନ୍ଦର୍ଯ୍ୟ ସହିତ ଡିଜାଇନ କରାଯାଇଛି । ଏହି ରୁଟରେ ଯାତ୍ରା କରୁଥିବା ଯାତ୍ରୀମାନେ ବର୍ଦ୍ଧିତ ଆରାମ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ଏକ ଉତ୍ତମ ସାମଗ୍ରିକ ଯାତ୍ରା ଅଭିଜ୍ଞତାରୁ ଲାଭ ପାଇବେ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ପ୍ରେସ ରିଲିଜ ମାଧ୍ୟମରେ ସୂଚନା ଦିଆଯାଇଛି। ସେହିପରି ଚଳିତ ମାସ ଆସନ୍ତା ଫେବୃଆରୀ ୨୮ ତାରିଖରୁ ଟ୍ରେନ ନମ୍ବର ୨୦୮୩୭/୨୦୮୩୮, ଭୁବନେଶ୍ୱର-ଜୁନାଗଡ ରୋଡ-ଭୁବନେଶ୍ୱର ଏକ୍ସପ୍ରେସରେ ଗୋଟିଏ ଦ୍ୱିତୀୟ ଏସି କୋଚର ସ୍ଥାୟୀ ବୃଦ୍ଧି କରାଯାଇଛି। ଏହି ଏକ୍ସପ୍ରେସରେ ଯାତ୍ରା କରୁଥିବା ରେଳଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ପ୍ରଦାନ ପାଇଁ ପୂର୍ବତଟ ରେଳବାଇ ଦ୍ୱାରା ସ୍ଥାୟୀ ଭାବରେ ଏହି କୋଚ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡିକର ବ୍ୟବହାର କରିବାକୁ ରେଳବାଇ ପକ୍ଷରୁ ଅନୁରୋଧ କରାଯାଇଛି ।

## ଦୟାନିଧିଗୁଡ଼ା-ଜେରଟି ଗାଁ ରାସ୍ତା ମରଣଯନ୍ତା, ଶୁଣୁନି ପ୍ରଶାସନ

# ରାସ୍ତା ମରାମତି ପାଇଁ ଗ୍ରାମବାସୀଙ୍କ ଦାବି

କୋରାପୁଟ,୨୫।୨(ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ମାନବାର ପଞ୍ଚାୟତର ଜେରଟି ଗ୍ରାମର ରାସ୍ତା ମରଣ ଯନ୍ତା ପାଲଟିଛି। ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳିଲା। ଧୋବ ଫର ଫର ନେତାଏ ଆସିଲେ, ଆଉ ଗଲେ। ନିର୍ବାଚନ ପରେ ନିର୍ବାଚନ ବି ଶେଷ ହେଲା। ପ୍ରତିଶ୍ରୁତିର ପାହାଡରେ ପୋତି ପକାଇଲେ। ହେଲେ ସମସ୍ୟା ହେଲାନି ସମାଧାନ। ପ୍ରଶାସନକୁ ଗୁହାରୀ କରି କରି ଥକିଲେ, ହେଲେ ଗାଁକୁ ଯୋଡି ହେଲାନି ରାସ୍ତା ଖଣ୍ଡିଏ । ବର୍ଷା ଚାରିମାସ ଓ ଏହାର ଦୁଇମାସ ପୂର୍ବ ଓ ପର ମୋଟ ୬ ମାସ ନାହିଁ ନଥିବା ଦୁଃଖ ଭୋଗୁଛନ୍ତି ଜେରଟି ଗାଁ ବାସୀ । କୋରାପୁଟ ସଦର ମହକୁମା ଠାରୁ ୧୦ କିଲୋମିଟର ଦୂରରେ ରହିଛି ଜେରଟି ଗାଁ। କୋରାପୁଟ-ବୋରିଗୁମ୍ମା ରାସ୍ତାର ଦୟାନିଧିଗୁଡା ପରେ ଏହି ଗାଁ ଅବସ୍ଥିତ। ଗ୍ରାମରେ ୧୫୦ ଘର ରହିଥିବା ବେଳେ ପ୍ରାୟ ୬୦୦ରୁ ଅଧିକ ଲୋକେ ବସବାସ କରୁଛନ୍ତି। ଦୟାନିଧିଗୁଡା ଠାରୁ ଜେରଟି ଗାଁ ରାସ୍ତା ଅତ୍ୟନ୍ତ ଖରାପ । ଖରା ଦିନରେ ଯାହା ଯେମିତି ଯାତାୟାତ କରି ହେଉଛି ବର୍ଷା ଦିନ ଆସିଲେ ଗ୍ରାମ ବାସୀଙ୍କ ଦୁଃଖ ଦୁଇ ଗୁଣିତ ହୋଇଯାଏ। ରାସ୍ତା ସାରା ଖାଲି ଖାଲ ଖମା । ବର୍ଷା ଦିନରେ ପାଦେ ପାଦେ ବିପଦ ରହୁଛି । ରାସ୍ତା ମରାମତି ପାଇଁ ବାରମ୍ବାର ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । କିନ୍ତୁ କିଛି ସୁଫଳ ମିଳୁନାହିଁ। ଗାଁରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ବିଦ୍ୟାଳୟ ଅଛି । ଷଷ୍ଠ ଠାରୁ ଦଶମ ପର୍ଯ୍ୟନ୍ତ ପାଠ ପଢିବା ପାଇଁ ଗାଁ ଠାରୁ



୫କିଲୋମିଟର ଦୂରକୁ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ଯାଉଛନ୍ତି । ବର୍ଷା ଦିନରେ ରାସ୍ତା ଖରାପ ଥିବାରୁ ପିଲା ମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଏ। ରାସ୍ତା ଖରାପ ଯୋଗୁ ବର୍ଷା ତମାମ ଛାତ୍ର ଛାତ୍ରୀ ମାନେ ପାଠ ପଢ଼ାରୁ ବଞ୍ଚିତ ରୁହନ୍ତି । ପିଲା ମାନଙ୍କୁ ପାଠ ପଢିବା ପାଇଁ ହଷ୍ଟେଲରେ ଛାଡିବା ପାଇଁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି । ବର୍ଷା ଦିନରେ ପନି ପରିବା ବାହାରେ ବିକ୍ରି କରିବା ପାଇଁ କଷ୍ଟ କର ହୋଇ ପଡେ। ବର୍ଷା ମାସ ତମାମ ଗାଁର ଦୁଃଖ ଦୁଇ ଗୁଣିତ ହୋଇଯାଏ । ଗାଁ କୁ ଗୋଟେ ପକ୍କା ରାସ୍ତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ସୁଫଳ ମିଳୁନାହିଁ । ଶେଷରେ ଗ୍ରାମବାସୀ ବାଧ ହୋଇ ନିଜ ଭାଗ୍ୟକୁ ଆଦରି ଗାଁରେ ପଡି ରହିଛନ୍ତି । ଗାଁକୁ କୌଣସି ଅଧିକାରୀ କିମ୍ବା ନେତାଙ୍କ ପାଦ ଚିହ୍ନ ପଡୁନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି । ଗ୍ରାମର ପ୍ରାୟ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି । ଚାଷରୁ ଯାହା ଉପାର୍ଜିତ ହୁଏ , ସେ ସବୁ ଶସ୍ୟ ସ୍ଥାନୀୟ କୋରାପୁଟ ବଜାର କିମ୍ବା ହାଟରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ରାସ୍ତା ଖରାପ ଯୋଗୁଁ ଜିନିଷ ପତ୍ର ନେବା ଆଣିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ମାନେ କହିଛନ୍ତି। ରାତିବିକାଳି କୌଣସି ଜରୁରୀ ପରିସ୍ଥିତି ହେଲେ ବି ଏହି ରାସ୍ତା ଦେଇ ହିଁ ରୋଗୀଙ୍କୁ ନେବାଆଣିବା କରିଥାନ୍ତି। ହେଲେ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାବେଳେ ବହୁବାର ପ୍ରଶାସନକୁ ଏନେଇ ଅବଗତ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ କହିଛନ୍ତି ରାସ୍ତା ସମସ୍ୟା ସଂପର୍କରେ ମୁଁ ଅବଗତ ଅଛି। ରାସ୍ତାଟି ଆରଡି ବିଭାଗର ଅଧୀନରେ ଅଛି। ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ଆରଡି ବିଭାଗକୁ ବହୁବାର କୁହାଯାଇଛି। ରାସ୍ତାର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ୧୧ ସଫେଇ କର୍ମଚାରୀଙ୍କୁ ମୋବାଇଲ୍ ଫୋନ୍ ପ୍ରଦାନ



ଜୟପୁର ୨୫ ।୨, (ସମିସ): ଜୟପୁର ପୌରସଂସ୍ଥା ପକ୍ଷରୁ ଗାରିମା ଯୋଜନାରେ ପରିମଳ ବ୍ୟବସ୍ଥା ପାଇଁ ନିୟୋଜିତ ପ୍ରମୁଖ ୧୧ ଜଣ କର୍ମଚାରୀଙ୍କୁ ମୋବାଇଲ ଫୋନ୍ ବଣ୍ଟନ କରାଯାଇଛି । ଆଜି ପୌରସଂସ୍ଥା ପକ୍ଷରୁ ପୌର ଅଧ୍ୟକ୍ଷଙ୍କ କକ୍ଷରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ସହରର ସେପ୍ଟି ଟାଙ୍କି ସଫେଇ କରୁଥିବା ଗାଡିର କର୍ମଚାରୀ ମାନଙ୍କୁ ଏହି ଜିଓ ମୋବାଇଲ ପ୍ରଦାନ କରିଛନ୍ତି । ଏହି ମୋବାଇଲ ଦ୍ୱାରା ସଫେଇ ଗାଡି ଗୁଡିକର ଜିପିଆରଏସ ଟ୍ରାକିଂ କରିବା ସହିତ କେଉଁ ଭଳି ସହରରେ ସଫେଇ କାର୍ଯ୍ୟ ଚାଲୁ ରହୁଛି, ତଦାରଖ ହେବ । ଏହି ଅବସରରେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ଉପାଧ୍ୟକ୍ଷା ବି .ସୁନିତା, କାଉନସିଲର ଯଶପାଲ ସିଂ, ସୀମାଞ୍ଚଳ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଶୀ ମଦ ସହ ବାଇକ୍ ଜବତ



ପୋଡ଼ାଗଡ଼,୨୫।୨(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆଗୁଡ଼ା ଗ୍ରାମର ମଦନମାଣ୍ଡି ପ୍ରାୟ ୨୦ ଲିଟର ଦେଶୀ ରନ୍ଧା ମଦ ନିଜ ବାଇକ୍ ଯୋଗେ ଚୋରା ଚାଲାଣ କରୁଥଲେ। ଏହି ମଦ ଚୋରା ଚାଲାଣ କରୁଥିବା ବେଳେ ମାଡି ବସିଲା ଅବକାରୀ ବିଭାଗ। ଚୋରା ମଦ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ ବ୍ୟବହୃତ ବାଇକ୍ ଜବତ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲ।

### ପାଇକ ଡାକୁଲୁଗୁଡା ଛାତ୍ର ପୋଡ଼ି ଘଟଣା

# ବିଦ୍ୟାଳୟ ଆଗରେ ଛାତ୍ରଙ୍କ ମୃତଦେହ ରଖି ଧାରଣା

ବିଷମକଟକ,୨୫।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଓ ମୁନିଗୁଡା ଥାନା ଅନ୍ତର୍ଗତ ପାଇକଡାକୁଲୁଗୁଡା ସଦର ପଞ୍ଚାୟତର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସର ନିଆଁରେ ପୋଡି ହୋଇ ଗୁରୁତର ଛାତ୍ର ବିରେନ୍ ଟାକ୍ରିଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଆଜି ସକାଳେ ପରିବାରବର୍ଗ ଓ ଗ୍ରାମବାସୀ ମିଳିତ ଭାବେ ବିଦ୍ୟାଳୟ ସମ୍ମୁଖରେ ମୃତ ଛାତ୍ରଙ୍କ ଶବ ରଖି ଧାରଣା ଦେବା ସହ ଉକ୍ତ ବିଦ୍ୟାଳୟର ଶିକ୍ଷକ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଡ଼ି ବସିଥିଲେ। ଗତକାଲି ଛାତ୍ରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ପହଞ୍ଚିବା ପରେ ପରିବାରବର୍ଗ ଓ ଗ୍ରାମବାସୀ ବିଦ୍ୟାଳୟର କିଛି ଶିକ୍ଷକ ମାନଙ୍କୁ ଗୋଟିଏ ଶ୍ରେଣୀ ଗୃହର ରଖି ଦୀର୍ଘ ତିନି ଘଣ୍ଟା ତାଲା



ପକାଇ ରଖିଥିଲେ। ଖବର ପାଇବା ପରେ ମୁନିଗୁଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ତାଲା ଖୋଲିଥିଲେ। ଅନ୍ୟ ପଟେ ଆଜି ସକାଳୁ କଟକରୁ ଛାତ୍ରଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀମାନେ ଟେଣ୍ଟ ମାରି ଶବକୁ ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ୪ ଘଣ୍ଟା ରଖି ଧାରଣା ଦେବା ସହ କ୍ଷତିପୁରଣ ଦାବି କରିଥିଲେ। ଘଟଣା ସ୍ଥଳରେ ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ପୁଲିସ ଟିମ ସହ ପହଞ୍ଚିଥିଲେ। ଅନ୍ୟପଟେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶାନ୍ତିଲତା ମୁନୀ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ବିଦ୍ୟାଳୟର ଶିକ୍ଷକ ମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିବାରୁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ଦୀର୍ଘ ସମୟ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ସରକାର ଏବଂ

### କ୍ଷତିପୂରଣର ପ୍ରତିଶୃତି ପରେ ଶବ ଉଠିଲା

ଗଣଶିକ୍ଷା ବିଭାଗର ପ୍ରାବଧାନ ଅନୁଯାୟୀ ଯାହା ଅନୁକମ୍ପାମୂଳକ ସହାୟତା ରହିଛି ତାହା ମିଳିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମୁନି ପ୍ରତିଶୃତି ଦେବା ପରେ ପରିବାର ଓ ଗ୍ରାମବାସସୀ ଶବ ଉଠାଇଥିଲେ।
ସୂଚନାଯୋଗ୍ୟ, ଗତ ଜାନୁୟାରୀ ୫ତାରିଖରେ ପାଇକ ଡାକୁଲୁଗୁଡା ଉନ୍ନିତି ଉଚ୍ଚ ବିଦ୍ୟାଳୟର ଉପର ମହଲାରେ ଜଣେ ଛାତ୍ର ସେହି ବିଦ୍ୟାଳୟର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ନିଆଁ ଲଗାଇ ଦେଇଥିଲା। ଏହି ଘଟଣାରେ ୪ଜଣ ଛାତ୍ର ପୋଡି ଯାଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ। ପୋଡି ଯାଇଥିବା ଛାତ୍ରଙ୍କୁ ପ୍ରଥମେ ବିଷମ କଟକ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥଲା। ପରେ ସେମାଙ୍କୁ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବିରେନ ଟାକ୍ରୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଥିଲା। ସେ ମେଡିକାଲ ବେଡ୍‌ରେ ଦୀର୍ଘ ୪୮ ଦିନ କାଳ ନିଜ ଜୀବନ ଓ ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ମଙ୍ଗଳବାର ଅପରାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲା।

# ମଣ୍ଡିରୁ ଉଠିଲା ଧାନ, ଆରଏମ୍‌ସି ଦେଲା ଜରି ପାଲ



‘ସକାଳ’ ପ୍ରଭାବ

କୋରୁକୋଣ୍ଡା,୨୫।୨(ସମିସ): ‘ସକାଳ’ରେ ଖବର ପ୍ରକାଶ ପରେ ଆଜି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ସଦର ଧାନ ମଣ୍ଡିରୁ ମିଲର ଧାନ ଉଠାଇବା ଆରମ୍ଭ କରିଛନ୍ତି। ଗତ ମାସ ଠାରୁ ଚାଷୀଙ୍କ ଆଇସ୍କାନ ହୋଇଯାଇଥିଲେ ମଧ୍ୟ ବିଭିନ୍ନ କାରଣ ଦର୍ଶାଇ ମିଲର ମାନେ ଧାନ ନେଉନଥିଲେ। ଏଣୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହିତ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ଯେତେ ନେହୁରା ହେଲେ ମଧ୍ୟ ଚାଷୀଙ୍କ କଥାକୁ କେହି ଅଧିକାରୀ ଶୁଣୁ ନଥିବା କହିଥିଲେ ଚାଷୀମାନେ। ଏହି ପରିପ୍ରେକ୍ଷୀରେ ଗତ ୨୩ ତାରିଖରେ କାଳ ବୈଶାଖି ଜନିତ ବର୍ଷାରେ ଚାଷୀଙ୍କ ଧାନ ଭିଜୁଥିବାର ଖବର ପ୍ରଥମେ ଦୈନିକ ଖବରକାଗଜ ‘ସକାଳ’ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଆଜି ମିଲର ଆସି ଧାନ ଉଠାଇବା ସହିତ ଆରଏମସି ପକ୍ଷରୁ ଜରିପାଲ ପ୍ରଦାନ କରାଯାଇଥିବା ଚାଷୀମାନେ କହିଛନ୍ତି। କିପରି ଭାବେ ସମସ୍ତ ଚାଷୀଙ୍କ ଧାନ ଶୀଘ୍ର ସରକାର କ୍ରୟ କରିବା ସହିତ ମିଲର ମାନେ ଶୀଘ୍ର ଉଠାଇନେବେ ସେନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି । ନିର୍ଦ୍ଧାରିତ ତାରିଖରେ ଆସିଥିବା ଟୋକାନ ଲାପ୍ସ ନ କରି ଅଧିକ ଟୋକାନ ଦେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ସମ୍ପର୍କିତ କର୍ମଶାଳା

ରାୟଗଡ଼ା,୨୫।୨(ସମିସ):

ରାୟଗଡା ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ବୁଧବାର ବରିଷ୍ଠ ନାଗରିକ ଙ୍କ ଆଇନ ସଚେତନତା, ଆର୍ଥିକ ସାକ୍ଷରତା ଓ ସାଇବର ଠକେଇ ବାବଦରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାୟଗଡା ବ୍ଲକ୍ ସଦ୍‌ଭାବନା ସଭା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାପକ ଡ. ଦୁଷ୍ମନ୍ତ କୁମାର ମହାନ୍ତି, ବରିଷ୍ଠ ନାଗରିକ ସଂଘର ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ଲିଡ ବ୍ୟାଙ୍କ ମ୍ୟାନେଜର ଦେବେନ୍ଦ୍ର ବାଉରୀ, ଏଡିଏମଓ ଡ. ମମତା ଚୌଧୁରୀ, ଡ. ଏଲ ପି ଦାସ, ରାୟଗଡ଼ା ବ୍ଲକ୍ ଉପାଧ୍ୟକ୍ଷ ହର ପ୍ରାସାଦ ହେପୃକା, ସାଇବର ବିଶେଷଜ୍ଞ ଇନ୍ସପେକ୍ଟର ଅବିନାଶ ରେଡ୍ଡୀ, ସହକାରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଭାରପ୍ରାପ୍ତ ଜିଲ୍ଲା



ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବାହ୍ନ ଆଠ ଘଟିକା ସମୟରେ ଉପସ୍ଥିତ ବରିଷ୍ଠ ନାଗରିକ ଯୋଗ ଅଭ୍ୟାସ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଦିବା ଦଶ ଘଟିକା ସମୟରେ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ପ୍ରାରମ୍ଭ କରାଯାଇଥିଲା। ଡ. ମମତା ଚୌଧୁରୀ ସୁସ୍ଥ ରହିବାର ମୂଳମନ୍ତ୍ର ପ୍ରଦାନ କରିଥିଲେ। ଏଲ ଡି ଏମ୍ ଶ୍ରୀ ବାଉରୀ ବରିଷ୍ଠ ନାଗରିକ ନିମନ୍ତେ ଉଦ୍ଦିଷ୍ଟ ବ୍ୟାଙ୍କ ସେବା ସହ ଜୀବନ ବୀମା, ସ୍ୱାସ୍ଥ୍ୟ ସେବା ବୀମା, ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ, ଆୟୁଷ୍ମାନ ବାୟୋ ବନ୍ଦନା, ଆୟ କର ଅଧିନିୟମ ବିଷୟରେ ସଚେତନ କରିଥିଲେ। ଇନ୍ସପେକ୍ଟର ଅବିନାଶ ରେଡ୍ଡୀ ସାଇବର ଠକେଇର ପ୍ରକାର ଯଥା ଏଟିଏମ ଠକେଇ, କ୍ଲୋନିଙ୍ଗ , ୟୁପିଆଇ, ହ୍ୱାଟସଅପ୍, ଫେସ ବୁକ, କେୱାଇସି, ଏପିକେ ଫାଇଲ ତଥା ଅଧିକ ସୁଧ ପ୍ରଦାନ ଲୋଭ ଦେଖାଇ ଠକେଇ ଆଦିର ଦୃଷ୍ଟାନ୍ତ ମାଧ୍ୟମରେ ସଚେତନ କରିଥିଲେ । ଡ: ଦୁଷ୍ମନ୍ତ କୁମାର ମହାନ୍ତି ସାମ୍ପ୍ରତିକ ପରିସ୍ଥିରେ ଜଗତୀକରଣ ର କୁପ୍ରଭାବ ସମାଜର ଗତିବିଧି ଆୟତ୍ତ କରିବାକୁ ହେଲେ ସଚେତନ ହେବା ସହ ମିଳିତ ଭାବରେ ଏହାର ମୁକାବିଲା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ବରିଷ୍ଠ ନାଗରିକ ସଂଘରେ ୨୫୦ରୁ ଅଧିକ ସଦସ୍ୟ ବରିଷ୍ଠ ନାଗରିକଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ କାର୍ଯ୍ୟରତ ଥିବା ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନର ଏତାଦୃଶ କର୍ମଶାଳା ମାଧ୍ୟମରେ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରେ ବରିଷ୍ଠ ନାଗରିକ ସଂଘ ଉପସଭାପତି ସି ଏସ ପାତ୍ର ଏବଂ ସମ୍ପାଦକ ବଳଦେବ ଥାପ୍ପାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ରାୟଗଡା ସଦର ବ୍ଲକ୍‌ର ତିରିଶି ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଜିଲ୍ଲା ଓ ରାୟଗଡ଼ା ବ୍ଲକର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ




ରାମନାଗୁଡ଼ା,୨୫।୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ରାମନାଗୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଆନୁକୂଲ୍ୟରେ ତିନି ଦିନ ଧରି ଚାଲିଥିବା ‘ପୋଷଣ ଭି, ପଢାଇ ଭି’ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୋଗ ଦେଇଥିବା ଅତିଥି ମାନଙ୍କୁ ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ମଣ୍ଡଳ ପରିଦର୍ଶିକା ସୁବୁଦ୍ଧି ଶବର, ଭାଗ୍ୟଲକ୍ଷ୍ମୀ ନାୟକ, ବିଜୟ ଲକ୍ଷ୍ମୀ ପାର୍ବୀକା, ପଦ୍ମିନୀ ବଡ଼ କୁମାର ଯୋଗ ଦେଇ ଉପସ୍ଥିତ ସମସ୍ତ ଅଙ୍ଗନବାଡି କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ସେହିପରି ଉକ୍ତ ତାଲିମ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ତଦାରଖ କରିଥିଲେ। ଏହି ଶିବିରର ଅନ୍ତିମ ଦିବସ ବା ତୃତୀୟ ଦିନରେ ଗୁଣୁପୁର ସହକାରୀ ଜିଲ୍ଲାପାଳ ଜୋହନ ଭୂୟାଁ ଯୋଗ ଦେଇ ଅଙ୍ଗନବାଡି କର୍ମୀଙ୍କୁ ଉତ୍ସାହିତ କରିବା ସହିତ ଏହି ତାଲିମ ଶିବିରର ମୂଳ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରି ଗ୍ରାମାଞ୍ଚଳରେ ରହୁଥିବା ଶିଶୁ ମାନଙ୍କର ଶାରୀରିକ ଓ ମାନସିକତା ସହିତ ପ୍ରାକ ଶିକ୍ଷାର ବିକାଶ କିପରି କରାଯିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ତାଲିମ ଶିବିରରେ ଶିଶୁ ଜନ୍ମ ହେବା ମାତ୍ରେ ମାଆ କୋଷ କ୍ଷୀରକୁ ଶିଶୁକୁ ପାନ କରାଇବା, ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଖୁଆଇବା, ସାତ ମାସ ଆରମ୍ଭରୁ ବାହାର ଖାଦ୍ୟ ସହ ମାଆ କ୍ଷୀରକୁ ଗୁରୁତ୍ୱ ଦେବା, ଜାଣିବା ଭଳି ଅନ୍ୟାନ୍ୟ ବିଷୟରେ ଶିଶୁମାନଙ୍କ ସମ୍ପୂର୍ଣ୍ଣ ବିକାଶ, ପୋଷଣ ସଚେତନତା ଓ ଶିକ୍ଷାର ଗୁରୁତ୍ୱକୁ ଆଗରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଙ୍ଗନବାଡ଼ି କର୍ମୀମାନେ ସକ୍ରିୟ ଭାଗ ନେଇଥିଲେ। ମାଆମାନଙ୍କୁ ସମତୁଳିତ ଖାଦ୍ୟ ପ୍ରସ୍ତୁତି ପ୍ରକ୍ରିୟା ଓ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସମ୍ବନ୍ଧୀୟ ସଚେତନତା ଦିଆଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କାହାଣୀ କହିବା, ଶିକ୍ଷାମୂଳକ ଖେଳ ଓ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଏହି ତିନି ଦିନିଆ ତାଲିମ ଶିବିରକୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ବେଲପୁଟି ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

କୋଷାଗୁମୁଡ଼ା,୨୫।୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବେଲପୁଟି ସରକାରୀ ଏସ୍‌ଏସ୍‌ଡି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ପଞ୍ଚୟତ ସମିତି ଅଧକ୍ଷା ସର୍ବେଶରୀ ମାଝୀ, ମୁଖ୍ୟବକ୍ତା ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର, ସମ୍ମାନିତ ଅତିଥୁ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସତ୍ୟବ୍ରତା ବେହେରା ଓ ସୁଶ୍ରୀ ନିବେଦିତା ବିଶ୍ୱାଳ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୋଷାଗୁମୁଡା ରଞ୍ଜନ ମହାନନ୍ଦ, ସମାଜସେବୀ କୁଞ୍ଜ ବିହାରୀ ଦାସ, ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ରମାବତୀ ପୂଜାରୀ, ସରପଞ୍ଚ ମଙ୍ଗଳରାମ ମାଝୀ, ବିଦ୍ୟଳୟ କମିଟି ସଭାପତି ଯାଦବ ପୂଜାରୀ ମଞ୍ଚସୀନ ରହିଥିଲେ। ପ୍ରଧାନ ଶିକ୍ଷକ ଧୂନ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଜିତେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିବା ସହ ସାମାଜିକ ସଚେତନତା ନିମନ୍ତେ ନାଟକ ପରିବେଷଣ କରିଥିଲେ। ଶେଷରେ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।

# ଛାତ୍ରବାସରୁ ବିଦ୍ୟାଳୟକୁ ୧ କିମି ଚାଲୁଛନ୍ତି ଛାତ୍ର

ଗୁଡାରୀ,୨୫।୨(ସମିସ):

ଗୁଡାରୀ ବ୍ଲକ ଏମ୍‌କେରାଇ ପଞ୍ଚାୟତରେ ବିଦ୍ୟାଳୟକୁ ଯିବା ପାଇଁ ଛାତ୍ରାବାସରୁ ଗୋଟିଏ କିଲୋମିଟର ଚାଲିବାକୁ ପଡୁଛି ଛାତ୍ରଛାତ୍ରୀମାନଙ୍କୁ। ଏହି ଛାତ୍ରବାସରେ ନବମ ଓ ଦଶମ ଶ୍ରେଣୀ ଛାତ୍ରମାନେ ଗିରିଧର ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପାଠ ପଢିବା ସକାସେ ଚାନ୍ଦିଲି ଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯିବା ଦେଖିବାକୁ ମିଳିଛି । ଡାଃ ଗିରିଧର ଉଚ୍ଚ ବିଦ୍ୟାଳୟରେ ଛାତ୍ରାବାସରୁ ସ୍କୁଲ ପ୍ରାୟ ୧ ରୁ ୨ କିଲୋମିଟ ରାସ୍ତା। ଏହି ରାସ୍ତା ଗୁଡାରୀରୁ ପଦ୍ମପୁର ଯିବା ମୁଖ୍ୟ ରାସ୍ତା। ଏହି ରାସ୍ତା ଦେଇ ଭାରିଯାନବାହାନ, ଓଟ, ବାଇକା, କାର ଓ ଯାତ୍ରୀବସ୍ ଯାତାୟାତ କରୁଥିବା ବେଳେ ହଷ୍ଟେଲରୁ



ବାହାରି ଛାତ୍ରମାନେ ସ୍କୁଲ ପର୍ଯ୍ୟନ୍ତ ନିରାପଦ ଯାତାୟାତ କରିବା ସମୟରେ ସାଥିରେ କେହି ÷ ହଷ୍ଟେଲ କର୍ତ୍ତୃପକ୍ଷ ରହିବା ଆବଶ୍ୟକ। କିନ୍ତୁ ଏଠାରେ ଛୋଟ ଛୋଟ ଛାତ୍ରମାନେ ଧାଡିବାନ୍ଧି ନିଜେ ନିଜେ ସ୍କୁଲ ଯିବାର ଦେଖିବାକୁ ମିଳିଥିଲା। ଛାତ୍ରମାନଙ୍କ କହିବା ଅନୁସାରେ ଆଜି ନୁହଁ କି କାଲି ନୁହଁ, ପ୍ରତି ଦିନ ସେମାନେ ନିଜେ ନିଜେ ସ୍କୁଲ ଯିବା ଆସିବା କରୁଛନ୍ତି। ଗୁଡାରୀ ବ୍ଲକର ବିଭିନ ଗ୍ରାମରୁ ବାପା ମା ପିଲାମାନଙ୍କ ପାଠପଢ଼ା ପାଇଁ ଛାଡିଥାନ୍ତି । କିନ୍ତୁ ଛାତ୍ରମାନେ ଧାଡି ବାନ୍ଧି ଯିବା ସମୟରେ ଛାତ୍ରବାସ ଦାୟିତ୍ୱରେ ଥିବା କାର୍ଯ୍ୟରତ ଅଧିକାରୀ ପିଲାମାନଙ୍କୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାନ୍ଦିଲିଗୁଡା ମୁଖ୍ୟ ଫାଟକରେ ଲେଖା ହୋଇଥିବା ବେଳେ ବିଦ୍ୟାଳୟଟି ସ୍ଥାପିତ କରାଯାଇଛି ନିତ୍ୟାଗୁଡ଼ାରେ। ଅନ୍ୟପଟେ ଏହି ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ୬୩ ଜଣ ଛାତ୍ର ପଢୁଥିବା ସୂଚନା ମିଳିଛି । ଆଗାମୀ ଦିନରେ ଏହି ନିତ୍ୟା ଗୁଡ଼ା ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଥିବା ଛାତ୍ରମାନଙ୍କ ପାଇଁ କିଛି ବ୍ୟବସ୍ଥା କରିବା ଆବଶ୍ୟକ । ନଚେତ୍ କୌଣସି ସମୟରେ ଅଘଟଣକୁ ଏଡାଇ ଦେଇ ହେବ ନାହିଁ। ଏଥିପ୍ରତି ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହେଉଛି।

● ୩୭.୫ କିଲୋ ଗ୍ରାମ ଗଞ୍ଜେଇ ଜବତ

# ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

କାଲିମେଳା,୨୫।୨ (ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅର୍ନ୍ତଗତ ମାନ୍ୟକୋଣ୍ଡା ଅଞ୍ଚଳରେ କାଲିମେଳା ପୁଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ୩୭.୫ କିଲୋ ଗ୍ରାମ




ଗଞ୍ଜେଇ ଜବତ କରିବା ସହ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ଘସୀ ଗୋଲୋରି (୨୫) ଓ ମହାଦେବ ମାଝୀ (୨୫) ।ସେମାନେ ଉଭୟ ଗୁଣ୍ଡାବେଡା ଗ୍ରାମର ବୋଲି ପୁଲିସ ସୂଚନା ଦେଇଛନ୍ତି। ସୂଚନା ମୁତାବକ ସେମାନେ ମାନ୍ୟକୋଣ୍ଡା ଅଞ୍ଚଳରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହ ଜଣକ ଭାବେ ଯାଞ୍ଚ କରିବା ସହ ସେମାନଙ୍କୁ ଗିରଫ କରିଥିଲେ। ଏନେଇ କାଲିମେଳା ଥାନା କେସ୍ ନମ୍ବର ୪୩/୨୬ ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ।

# କଳସୀ ମଣ୍ଡେଇ ଯାତ୍ରା ପ୍ରସ୍ତୁତି ବୈଠକ



ନବରଙ୍ଗପୁର,୨୫।୨(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଠାରେ ଚଳିତ ବର୍ଷ ହେବାକୁ ଥିବା ପ୍ରସିଦ୍ଧ ମାଁ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାଁ କଳସୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗାଁ ମୁଖିଆ (ଗାଉଣ୍ଟିଆ) କମଲସିଂ ରାଜପୁତ, ଗଞ୍ଜାପରା ଗାଉଁଟିଆ ସୁଦର୍ଶନ ମାଝୀ, ଇନ୍ଦଲ ଗଣ୍ଡ, ବିଲୁସିଂ ପାତ୍ର, ମୁନା ପାତ୍ର, ଶ୍ରୀରାମ ସୁନାନୀ ପ୍ରମୁଖଙ୍କ ସମେତ ସାତପାଲି ଗ୍ରାମର ସମସ୍ତ ସିଆନ ମୁଖିଆ, ପୂଜାରୀ, ଶିରହା , ନେଙ୍ଗୀ ପାତ୍ର,ଦଣ୍ଡସେନା, ଗାଇଁତା, ଧୁରୁଆ, ସାମପୁରିଆ, ସମରଥ ,ଡେଙ୍ଗୁରମୁଣ୍ଡୀଆ ତଥା ଗ୍ରାମର ଭଦ୍ରବ୍ୟକ୍ତି ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ପୂର୍ବାହ୍ନ ୧୦ଟା ସମୟରେ ଆରମ୍ଭ ହୋଇ ଏହି ବୈଠକରେ ଗତବର୍ଷ ମଣ୍ଡେଇ ଯାତ୍ରାର ସମସ୍ତ ଆୟବ୍ୟୟ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ଚଳିତ ବର୍ଷର ସାତପାଲି ଗ୍ରାମର କଳସୀ ମଣ୍ଡେଇ ପୂଜା କାର୍ଯ୍ୟକ୍ରମ ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା । ସଭାପତି ଭାବେ ଦେବେନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସୁଶାନ୍ତ ସାମନ୍ତରାୟ ଓ ଦିଲୀପ ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ରାଇ (ଲୁଲୁ) , ସହ ସମ୍ପାଦକ ଭାବେ ମଧୁ ନାୟ, ରିଙ୍କୁ ଶ୍ରୀବସ୍ତାବ ଏବଂ କୋଷାଧକ୍ଷ ଭାବେ ସାଇ କ୍ରିଷ୍ଣାଙ୍କୁ ମନୋନୀତ କରାଯାଇଥିଲା ।

### ପଦ୍ମଗିରି ଧାନମଣ୍ଡିରେ ଧାନ କ୍ରୟ ହେଉନି

# ଟାର୍ଗେଟ ବୃଦ୍ଧି ଦାବିରେ ଚାଷୀ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ମାଲକାନଗିରି, ୨୫।୨(ସମିସ): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ଧାନ ମଣ୍ଡିରେ ଅବ୍ୟବସ୍ଥା ସହ ଧାନ କ୍ରୟ ହେଉ ନଥିବା ନେଇ ଚାଷୀ ଉପ ଜିଲ୍ଲାପାଳଙ୍କ ଦାରସ୍ଥ ହୋଇଛନ୍ତି। ଚାଷୀଙ୍କ ଧାନ ଉଠିବା ପାଇଁ ଉପଯୁକ୍ତ ପରିମାଣର ଟାର୍ଗେଟ ଆସୁନଥିବା ହେତୁ ଏହାର ସମାଧାନ ପାଇଁ ସେମାନେ ଦାବି ଜଣାଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ବିଗତ ଦିନରେ ହୋଇଥିବା ସର୍ଭେ ସମୟରେ ୭୮୦୦ କ୍ୱିଣ୍ଟାଲ ଧାନ କ୍ରୟ ଟାର୍ଗେଟର ଆବଶ୍ୟକତା ଜଣା ପଡିଥିଲା। ପୂର୍ବରୁ ଏହି ପଦ୍ମଗିରି ମଣ୍ଡିରେ ସପ୍ତାହକୁ ୨୦୦୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ



ଆସୁଥିବା ବେଳେ ଚାଷୀ ନିଜର ଧାନ ସୁରୁଖୁରୁରେ ବିକ୍ରୟ କରି ପାରିବେ ବୋଲି ଆଶା ରଖିଥିଲେ। କିନ୍ତୁ ବର୍ତ୍ତମାନ ମଣ୍ଡି ଆରମ୍ଭ ପରେ ୩ ସପ୍ତାହରେ ଧାନ କିଣିବା ପାଇଁ ମାତ୍ର ୨୬୦୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଥିଲା। ଫଳରେ ଚାଷୀଙ୍କ ପାଖରେ ଟୋକନ ଥାଇ ମଧ୍ୟ ସେମାନେ ବର୍ତ୍ତମାନ ଯାଏଁ ସମସ୍ତ ଧାନ ବିକ୍ରୟ କରି ପାରିନଥିବା ବେଳେ ଏହି ଟୋକନର ଅବଧି ସରିବାର ଭୟ ଚାଷୀଙ୍କୁ ଚିନ୍ତାରେ ପକାଇଛି। ତେଣୁ ଚାଷୀ ମାନେ ଆଉ ୩ ସପ୍ତାହ ମଣ୍ଡି ପରିଚାଳନା କରି ଅଧିକ ୬୦୦୦ କ୍ୱିଣ୍ଟାଲ ଟାର୍ଗେଟ ପାଇଁ ଦାବି କରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବି ଜଣାଇଥିଲେ। ଯାହାକୁ ନେଇ ଉପ ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନେବେ ଓ ଚାଷୀଙ୍କ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ପାଇ ଚାଷୀ ଫେରିଥିଲେ। ସମସ୍ୟାର ସମାଧାନ ନହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚାଷୀ ପ୍ରକାଶ କରିଛନ୍ତି।

# ସମ୍ପାଦକୀୟ



ତୁମେ ଯଦି ସୁଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ବସିରହିବ, ତେବେ ସେତେବେଳକୁ ତୁମେ ଭିଡ଼ ଭିତରେ କେବଳ ଜଣେ ହୋଇ ରହିଯିବ'!

-ପ୍ରୋ. ଏଡୱାର୍ଡ ଡି ବୋନୋ

ସକାଳ
THE SAKALA

## ପଛଘୁଞ୍ଚା କାହିଁକି

ଆମ ରାଜ୍ୟସରକାର ବଜେଟ ଆକାର ବଢ଼ାଇ ଶସ୍ତା ଲୋକପ୍ରିୟତା ହାସଲ ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଆୟ ତୁଳନାରେ ବ୍ୟୟଭାର ଅତିକ୍ରମି ଯାଉଥିବାରୁ ଋଣ ଉପରେ ନିର୍ଭର କରିବାକୁ ପଡୁଛି। ଅଥଚ ରତ୍ନଗର୍ଭା ଓଡ଼ିଶାରେ ଥିବା ଖଣିଜ ସଂପଦ ଉତ୍ତୋଳନରୁ ଅତିରିକ୍ତ ସେସ୍ ଆଦାୟ କରାଯାଇପାରିଲେ ରାଜ୍ୟ ସମୃଦ୍ଧିର ଶୀର୍ଷରେ ପହଞ୍ଚିପାରନ୍ତା। ଏଥିସକାଶେ ଯେ ପ୍ରୟାସ ହୋଇନାହିଁ ଏକଥା ନୁହେଁ। ୨୦୦୪ ରେ ଓଡ଼ିଶା ସରକାର ଆଗତ କରିଥିବା ଓରିସେଡ୍ ଆଇନ ୨୦୦୫ ଏପ୍ରିଲରେ ଅନୁମୋଦନ ଲାଭ କରିଥିଲା। ଏହି ଆଇନ ବଳରେ ଅତିରିକ୍ତ ଆୟ ମାଧ୍ୟମରେ ରାଜ୍ୟର ଗ୍ରାମୀଣ ବିକାଶ ତ୍ୱରାନ୍ୱିତ ହେବା ସହ ନୂଆ ସଂରଚନାଗତ ସୁବିଧା ସୃଷ୍ଟି ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ରାଜ୍ୟବାସୀଙ୍କ ଆବଶ୍ୟକତା ପୂରଣ କରାଯାଇ ପାରିଥା'ନ୍ତା। ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ଓଡ଼ିଶା ହାଇକୋର୍ଟ ନୂଆ ଆଇନକୁ ରଦ୍ଦ କରିଦେଇଥିଲେ। ଦୋହରା ଟିକସ ବ୍ୟବସ୍ଥା ଲାଗୁ କରାଯିବାର ଯଥାର୍ଥତା ନେଇ ପ୍ରଶ୍ନ ଉଠିଥିଲା। ହାଇକୋର୍ଟ ରାୟ ବିରୋଧରେ ସୁପ୍ରିମକୋର୍ଟରେ ରାଜ୍ୟ ସରକାରଙ୍କୁ ନ୍ୟାୟ ମିଳିଥିଲା। ବିଭିନ୍ନ କାରଣରୁ ଏହି ଶୁଣାଣି ଓ ରାୟ ବିଳମ୍ବିତ ହୋଇଥିଲେ ହେଁ ଖଣିଜ ସମୃଦ୍ଧ ରାଜ୍ୟ ପିଛିଲା ସେସ୍ ଆଦାୟ କରିବାର କ୍ଷମତାପ୍ରାପ୍ତ ହୋଇଥିଲେ। ଏହି ରାୟ ବିରୋଧରେ କେନ୍ଦ୍ର ସରକାର ପୁନର୍ବିଚାର ପାଇଁ କରିଥିବା ଆବେଦନକୁ ମଧ୍ୟ ସୁପ୍ରିମକୋର୍ଟ ଖାରଜ କରି ଦେଇଥିଲେ।

ସମଗ୍ର ଦେଶର ଖଣିଜ ଆବଶ୍ୟକତା ପୂରଣ କରିବାରେ ଓଡ଼ିଶାର ଅବଦାନ ପ୍ରାୟ ୫୦ ପ୍ରତିଶତ। ମୂଲ୍ୟବାନ ବକ୍ସାଇଟ ଖଣିଜ କ୍ଷେତ୍ରରେ ରାଜ୍ୟର ପ୍ରାଧାନ୍ୟକୁ ବାଦ ଦେଲେ କୋଇଲା, ଲୁହାପଥର ଓ କ୍ରୋମାଇଟ୍ ଉତ୍ତୋଳନରେ ଆମର ଭୂମିକା କିଛି କମ୍ ନୁହେଁ। ଆଭ୍ୟନ୍ତରୀଣ ଚାହିଦା ପୂରଣ କରି ଅନ୍ୟରାଜ୍ୟରେ ମୁଣ୍ଡଟେକିଥିବା ଶିଳ୍ପ ସଂସ୍ଥାକୁ ଓଡ଼ିଶା ଖଣିଜ ସାମଗ୍ରୀ ଯୋଗାଇ ଆସିଛି। ୧୯୫୭ ଖଣିଜ ଆଇନ ଅନୁଯାୟୀ କେନ୍ଦ୍ର ସରକାର ଶୁଳ୍କ ଆଦାୟ କରି ଖଣିଜ ସମୃଦ୍ଧ ରାଜ୍ୟକୁ ରୟାଲଟି ଦେଇଆସିଥା'ନ୍ତି। ରୟାଲଟି ହାର ବୃଦ୍ଧି ସକାଶେ କେନ୍ଦ୍ରର ଦୟା ଓ ଅନୁଗ୍ରହ ଉପରେ ନିର୍ଭର କରେ ରାଜ୍ୟ। ଖଣିଖାଦାନ ଅଞ୍ଚଳରେ ଅନଗ୍ରସରତା, ପରିବେଶ ବିପର୍ଯ୍ୟୟ ଏବଂ ଜଙ୍ଗଲ ଅବକ୍ଷୟରୁ ସୃଷ୍ଟ ପ୍ରତିକୂଳ ପରିସ୍ଥିତିକୁ ମୁଣ୍ଡପାତି ଗ୍ରହଣ କରୁଥିବା ରାଜ୍ୟର ବିକାଶ ପରାହତ ହେଉଥିଲେ ମଧ୍ୟ ତାହାକୁ ସହିନେବାର ଯଥାର୍ଥତା କେତେ? ଏଭଳି ଏକାଧିକ ପ୍ରଶ୍ନର ଉତ୍ତର ଆମ ହାତରେ ଥିଲେ ମଧ୍ୟ ପଛଘୁଞ୍ଚା ଦେବାର ଅବକାଶ ନାହିଁ କହିଲେ ଚଳେ। ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠର ରାୟ ଏହି ପ୍ରତିକୂଳ ଦିଗ ସଂପର୍କରେ ଅନୁଧ୍ୟାନ କରି ଓରିସେଡ ଆଇନକୁ ଅନୁମୋଦନ କରିଥିଲେ। ଖଣିଜ ସାମଗ୍ରୀ ମହଜୁଦ ଥିବା ଜମି ଉପରୁ ୨୦ ପ୍ରତିଶତ ହାରରେ ସେସ୍ ଆଦାୟ ପ୍ରସ୍ତାବ ଅନୁଯାୟୀ ରାଜ୍ୟ ସରକାର ୧୫,୦୦୦ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ପାଇବେ ବୋଲି ଆଶା ରଖିଥିଲେ।

ଆମ ଆଇନଗତ ବ୍ୟବସ୍ଥାର ସୁଫଳ ଅନ୍ୟ ଖଣିସମୃଦ୍ଧ ରାଜ୍ୟ ହାସଲ କରିଥିବା ବେଳେ ଓଡ଼ିଶା ନିଜର ବିକାଶ ଲକ୍ଷ୍ୟ ପୂରଣ ପାଇଁ ଋଣ କରିବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ଓଡ଼ିଶାକୁ ବାଦଦେଲେ ଝାଡ଼ଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ଖଣିଜ ସଂପଦରେ ସମୃଦ୍ଧ। ଆମ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଏହି ଖଣିଜ ସେସ ମାଧ୍ୟମରେ ବିପୁଳ ଅତିରିକ୍ତ ରାଜସ୍ୱ ଆଦାୟ କରିବାକୁ ସମର୍ଥ ହୋଇଛି। ଏଥିମଧ୍ୟରେ ନିଜର ଆବଶ୍ୟକତା ପୂରଣ ସକାଶେ ସରକାର ସେସ୍ ହାର ଦ୍ୱିତୀୟ ବାର ସଂଶୋଧନ କରିଛନ୍ତି। କର୍ଣ୍ଣାଟକ ମଧ୍ୟ ଏକ୍ଷେତ୍ରରେ ପଛରେ ପଡ଼ିନାହିଁ। ଅଥଚ ବିଜେପି ଶାସିତ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଏହି ସେସ୍ ଆଦାୟରୁ ପଛଘୁଞ୍ଚା ଦେଇଛନ୍ତି। ଏକ ବେସରକାରୀ ପରିସଂଖ୍ୟାନରୁ ପ୍ରକାଶ ଯେ ଆମ ସରକାରଙ୍କ ଓରିସେଡ୍ ଆଇନ ବଳରେ ପିଛିଲା ଭାବେ ଅନ୍ୟୂନ ୫୦,୦୦୦ କୋଟି ଟଙ୍କାର ରାଜସ୍ୱ ଆଦାୟ କରିବାର କ୍ଷମତା ରହିଛି। ଏ ସଂକ୍ରାନ୍ତରେ ବିରୋଧୀଦଳ ପକ୍ଷରୁ ବିଧାନସଭାରେ ସରକାରଙ୍କ ଭୂମିକାକୁ ଏକାଧିକ ବାର ପ୍ରଶ୍ନ କରାଯାଇ ଥିଲେ ତାହାକୁ ନାନା ଆଳ ଦେଖାଇ ସରକାର ଏଡ଼ାଇ ଯାଇଥିବାର ପରିଲକ୍ଷିତ ହୋଇଛି। ସୁପ୍ରିମକୋର୍ଟ ରାୟ ବିରୋଧରେ କେନ୍ଦ୍ର ସରକାରଙ୍କ ପୁନର୍ବିଚାର ପାଇଁ ଆବେଦନ ଏବଂ ବିଜେପି ଶାସିତ ରାଜ୍ୟର ସେସ୍ ଆଦାୟରୁ ପଛଘୁଞ୍ଚା ଦେବାପଛରେ କି ପ୍ରକାର ପେଞ୍ଚ ଅଛି ସେ ନେଇ ଆଲୋଚନା ଆବଶ୍ୟକ। ପାଠକ ନିଶ୍ଚୟ ଅନୁମାନ କରିପାରୁଥିବେ ରହସ୍ୟ କ'ଣ!

ଗତ ନିର୍ବାଚନ ବେଳେ ଏବର ସରକାର ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ ସକାଶେ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାକୁ ଆସିବା ପରେ ଦଳ ସେହି ପ୍ରତିଶ୍ରୁତିକୁ ଭୁଲିଯାଇଛି। କୃଷିକ୍ଷେତ୍ରରେ ବିନାମୂଲ୍ୟରେ ବିଦ୍ୟୁତ୍ ବ୍ୟବହାର ପ୍ରସଙ୍ଗକୁ ପଚାରେ ବା କିଏ? କ୍ୱିଣ୍ଟାଲ ପିଛା ଧାନରେ ୮ ଶହ ଟଙ୍କା ବୋନସ ଦେଇ ସରକାର ଏକପ୍ରକାର ଲହୁଲୁହାଣ ହେଲେଣି। ସୁଭଦ୍ରା ଯୋଜନା ମାଧ୍ୟମରେ ଲକ୍ଷପତି ମହିଳାଙ୍କ ସଂଖ୍ୟା ଚଳିତ ୫ ବର୍ଷରେ କେତେ ହୋଇଛି ତାହାର ଗଣତି କରିବାର ସମୟ ଏବେ ଉପୁଜିନି। ସମୟ କହିବ ପ୍ରଚାର ଓ ବାସ୍ତବତାରେ ପାର୍ଥକ୍ୟ କେତେ। ଆମକୁ ଏଠାରେ କହିବାକୁ ପଡୁଛି ଯେ କୋଇଲା କ୍ଷେତ୍ରରେ ସେସ୍ ଲାଗୁ କରାଯାଇଥିଲେ ସରକାର ଅନ୍ୟୂନ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରିପାରିଥା'ନ୍ତେ। ତାହାହିଁ ୩ ଶହ ୟୁନିଟ ମାଗଣା ବିଦ୍ୟୁତ ଶକ୍ତି ଯୋଗାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରି ଥା'ନ୍ତା। ରାଜ୍ୟରେ ଚାଲିଥିବା ସମସ୍ତ ଖଣି କାର୍ଯ୍ୟ ଏଥିରେ ଅନ୍ତର୍ଭୁକ୍ତ ହେଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ ପ୍ରକ୍ରିୟା ପାଇଁ ପୁଞ୍ଜିର ଅଭାବ ନଥା'ନ୍ତା। ଅନ୍ତତଃ ପଡ଼ୋଶୀ ରାଜ୍ୟଠାରୁ ଆମେ ଶିଖିବା ଉଚିତ। ଘରେ ଭରପୂର ଥିବା ବିପୁଳ ସଂପଦକୁ ଅଣଦେଖା କରି ଋଣ ଉପରେ ନିର୍ଭର କରିବା କୌଣସି ସରକାରଙ୍କ ପକ୍ଷରେ ବୁଦ୍ଧିମାନର କାମ ନୁହେଁ।

ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ବ୍ୟାପକ ନିଯୁକ୍ତିର ଯେଉଁ ସ୍ୱପ୍ନ ସରକାର ଦେଖୁଛନ୍ତି ଓ ଦେଖାଉଛନ୍ତି ତାହା କେତେଦୂର ସାକାର ହେବ ଭବିଷ୍ୟତ କହିବ। ଆମ ଖଣିଜ ଉପରେ ନିର୍ଭରଶୀଳ ଶିଳ୍ପସଂସ୍ଥା ଓ ଖଣିମାଫିଆଙ୍କୁ କୋଳାଶ୍ରିତ କରି ଅତିରିକ୍ତ ରାଜସ୍ୱ ଆଦାୟ ସମ୍ଭବ ନୁହେଁ। ଆଜି ନ ହେଲେ କାଲି ରାଜ୍ୟବାସୀ ଏହି ଗୋପନ ବୁଝାମଣା ସଂପର୍କରେ ପ୍ରଶ୍ନ କରିବେ ଏବଂ ରାଜ୍ୟ ସରକାରଙ୍କୁ ଏଥିପାଇଁ ଉତ୍ତରଦାୟୀ ହେବାକୁ ପଡ଼ିବ।

## ଅଛୁଆଁ କାନ୍ଥ

ବିଭୂତି ଭୂଷଣ କର

ଛୁଆଁ-ଅଛୁଆଁ ଭେଦଭାବ ମାନବ ସମାଜର ଏକ ଗଭୀର କଳଙ୍କ ରୂପେ ପରିଚିତ। ଏହା କେବଳ ଭାରତରେ ସୀମିତ ନୁହେଁ, ବରଂ ବିଶ୍ୱର ବିଭିନ୍ନ ପ୍ରାନ୍ତରେ କୌଣସି ନା କୌଣସି ରୂପରେ ବିଦ୍ୟମାନ। କେନ୍ଦ୍ରାପଡ଼ାର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ଜଣେ ଦଳିତ କର୍ମଚାରୀଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏହାର ସଦ୍ୟତମ ଉଦାହରଣ। ଗ୍ରାମବାସୀ ସେହି ଦଳିତ ମହିଳାଙ୍କ ହାତରୁ ଖାଦ୍ୟ କିମ୍ବା କୌଣସି ଦ୍ରବ୍ୟ ଗ୍ରହଣ କରୁନଥିଲେ, ଅବଶ୍ୟ ପରବର୍ତ୍ତୀ ସମୟରେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ସମସ୍ୟାର ସମାଧାନ ହୋଇଛି। ମାତ୍ର ଏହି ଘଟଣା ଦର୍ଶାଏ ଯେ ଆଧୁନିକ ସମାଜର ଆଖ୍ୟା ନେଇ ଗର୍ବ କରୁଥିବା ମଣିଷ ଆଜି ମଧ୍ୟ କୁତ୍ସିତ ଇତିହାସକୁ ଆପଣାଇ ବସିଛି।

ଛୁଆଁ-ଅଛୁଆଁର ଧାରଣା ମୁଖ୍ୟତଃ ହିନ୍ଦୁ ସମାଜର ବର୍ଣ୍ଣବ୍ୟବସ୍ଥା ସହ ଜଡ଼ିତ। ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର - ଏହି ଚାରିବର୍ଣ୍ଣ ବ୍ୟତୀତ ଏକ ପଞ୍ଚମ ଶ୍ରେଣୀ ଥିଲେ, ଯେଉଁମାନଙ୍କୁ 'ଅସ୍ପୃଶ୍ୟ' ବା 'ଅଛୁଆଁ' ବୋଲି କୁହାଯାଉଥିଲା। ସେମାନେ ବର୍ତ୍ତମାନ 'ଦଳିତ' ନାମରେ ପରିଚିତ। ଡକ୍ଟର ଭୀମରାଓ ଆମ୍ବେଦକର ଏହି ଭେଦଭାବକୁ ଜାତି ବ୍ୟବସ୍ଥାର ସବୁଠାରୁ ଭୟଙ୍କର ରୂପ ବୋଲି ବର୍ଣ୍ଣନା କରିଥିଲେ। ତାଙ୍କ ଉକ୍ତି ଅନୁଯାୟୀ, ଏହା କେବଳ ଏକ ସାମାଜିକ ବିଭେଦ ନୁହେଁ, ବରଂ ଏକ ଆର୍ଥିକ ଓ ରାଜନୈତିକ ଶୋଷଣର ମାଧ୍ୟମ।

ଭାରତୀୟ ସମ୍ବିଧାନର ଧାରା ୧୭ ଅନୁଯାୟୀ ଛୁଆଁ-ଅଛୁଆଁ ଭେଦଭାବକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇଛି। ଧାରା ୧୫ ଓ ୧୬ ଜାତି ଆଧାରରେ ଭେଦଭାବକୁ ନିଷେଧ କରିଛି। ୧୯୮୯ ମସିହାର 'ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ' ଜାତି ଆଧାରିତ ହିଂସା ଓ ଭେଦଭାବକୁ ରୋକିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ। କିନ୍ତୁ ଏହି ଆଇନର ପ୍ରୟୋଗ ନେଇ ଅନେକ ଅଭିଯୋଗ ରହିଛି। ସମ୍ପ୍ରତିକ ବର୍ଷଗୁଡ଼ିକରେ ବିଭିନ୍ନ ସ୍ଥାନରେ ଦଳିତଙ୍କ ପ୍ରତି ଭେଦଭାବର ଘଟଣା ଦେଖିବାକୁ ମିଳିଛି।

ସମ୍ବିଧାନର ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସ୍‌ସି) ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ସାମିଲ ହେବା ପାଇଁ କେବଳ ହିନ୍ଦୁ, ଶିଖ ଓ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅନୁମତି ଦିଆଯାଇଛି। ଦଳିତ ଖ୍ରୀଷ୍ଟିଆନ ଓ ଦଳିତ ମୁସଲମାନମାନେ ଏହି ତାଲିକାରୁ ବଞ୍ଚିତ ହୋଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିବାଦର ବିଷୟ।

ପରାଧୀନତା ପୃଷ୍ଠଭୂମିରେ ମଧ୍ୟ ଅସ୍ପୃଶ୍ୟତାର କାହାଣୀ ବଡ଼ ଜଟିଳ। ମହାତ୍ମା ଗାନ୍ଧୀ ଜାଣିଥିଲେ ଫିରିଙ୍ଗିମାନଙ୍କୁ ତଡ଼ିବା ପାଇଁ ଜାତୀୟ ଏକତା ଜରୁରୀ। ଜାତୀୟ ଏକତା ପାଇଁ ସାମାଜିକ ଏକତା ଅବଶ୍ୟମ୍ଭାବୀ ଏବଂ ସାମାଜିକ ଏକତା କ୍ଷେତ୍ରରେ ଅସ୍ପୃଶ୍ୟତା ବଡ଼ ପ୍ରତିବନ୍ଧକ। ଏହି ପ୍ରତିବନ୍ଧକକୁ ଦୂର କରିବା ପାଇଁ ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀ ଦେଶ ଭ୍ରମଣ ଅବସରରେ ବିଭିନ୍ନ ସ୍ଥାନରେ ଦଳିତମାନଙ୍କୁ ମନ୍ଦିର ପ୍ରବେଶ କରାଉଥିଲେ। ୧୯୨୫ରେ ପଶ୍ଚିମବଙ୍ଗର ଗିଧା ଗ୍ରାମରେ ଦଳିତମାନେ ଗିଧେଶ୍ୱର ଶିବ ମନ୍ଦିର ଓ ଭୁବନେଶ୍ୱର ସନ୍ନିକଟ ବାଲିଅନ୍ତାର ନିକୁଞ୍ଜବିହାରୀ ମନ୍ଦିରରେ ଦଳିତମାନଙ୍କୁ ମନ୍ଦିର ପ୍ରବେଶ କରାଇଥିଲେ ଯାହା ଏକ ଐତିହାସିକ ଘଟଣା। ବର୍ଷ ବର୍ଷ ଧରି ସେମାନଙ୍କୁ ଏହି ମନ୍ଦିରରେ ପ୍ରବେଶ ନିଷେଧ ଥିଲା। ସେପ୍ଟେମ୍ବର ୨୦୨୪ରେ ତାମିଲନାଡୁର ବିରୁଧୁନଗର ଜିଲ୍ଲାରେ ୩୦ ମିଟର ଲମ୍ବା 'ଅଛୁଆଁ କାନ୍ଥ' ଭାଙ୍ଗି ଦିଆଯାଇଥିଲା। ଏହି କାନ୍ଥ ଦଳିତଙ୍କ ଶ୍ମଶାନକୁ ଲୁଚାଇବା ପାଇଁ ଉଚ୍ଚ ଜାତିର ଲୋକମାନେ ନିର୍ମାଣ କରିଥିଲେ। ଏହି ଘଟଣା ଦର୍ଶାଏ ଯେ ଶ୍ମଶାନ ମଧ୍ୟ ଜାତି ଆଧାରରେ ବିଭକ୍ତ ରହିଛି।

ବ୍ରିଟିଶ ଶାସନ କାଳରେ ଭାରତର ବିଭିନ୍ନ ପ୍ରାନ୍ତରେ ଦଳିତ ଆନ୍ଦୋଳନ ଆରମ୍ଭ ହୋଇଥିଲା। ମହାରାଷ୍ଟ୍ର, ତାମିଲନାଡୁ ଓ ପଞ୍ଜାବରେ ଦଳିତ ସଂଗ୍ରାମ ନୂତନ ରୂପ ନେଇଥିଲା। ଡକ୍ଟର ଆମ୍ବେଦକରଙ୍କ ନେତୃତ୍ୱରେ ୧୯୩୦ ମସିହାରେ ନାସିକର କାଳାରାମ ମନ୍ଦିର ସତ୍ୟାଗ୍ରହ ହୋଇଥିଲା, ଯେଉଁଥିରେ ଦଳିତମାନେ ମନ୍ଦିର ପ୍ରବେଶ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ହିନ୍ଦୁ ସମାଜକୁ ଦର୍ପଣ ଦେଖାଇଥିଲା। ୧୯୩୨ ମସିହାରେ ଡକ୍ଟର ଆମ୍ବେଦକର ଏବଂ ମହାତ୍ମା ଗାନ୍ଧୀଙ୍କ ମଧ୍ୟରେ ପୁନା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ଦଳିତଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀ ପରିବର୍ତ୍ତେ ସଂରକ୍ଷିତ ଆସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହା ଦଳିତ ରାଜନୈତିକ ପ୍ରତିନିଧିତ୍ୱର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା, ଯଦିଓ ଏହାକୁ ନେଇ ବିଭିନ୍ନ ମତ ରହିଛି।

ଛୁଆଁ-ଅଛୁଆଁ ଭେଦଭାବ କେବଳ ଭାରତରେ ସୀମିତ ନୁହେଁ। ପାକିସ୍ତାନ, ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ସମେତ ଦକ୍ଷିଣ ଏସିଆର ବିଭିନ୍ନ ଦେଶରେ ଏହା ବିଦ୍ୟମାନ। ଜାପାନର ବୁରାକୁ ସମ୍ପ୍ରଦାୟ, ଆଫ୍ରିକାର ବିଭିନ୍ନ ଦେଶରେ ବୃତ୍ତି ଏବଂ ବଂଶ ଆଧାରରେ ଭେଦଭାବ ଦେଖିବାକୁ ମିଳେ। ୧୯୯୬ ମସିହାରେ ଜାତିଗତ ଭେଦଭାବ ନିରାକରଣ କମିଟି କହିଥିଲା ଯେ ବଂଶ ଆଧାରରେ ଭେଦଭାବ ମଧ୍ୟରେ ଜାତିଗତ ଭେଦଭାବ ଅନ୍ତର୍ଭୁକ୍ତ, ଯାହାକୁ ଭାରତ ସରକାର ଗ୍ରହଣ କରି ନାହାନ୍ତି। ଦଳିତଙ୍କ ରାଜନୈତିକ ପ୍ରତିନିଧିତ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଲୋକସଭାର ୫୪୩ ଆସନ ମଧ୍ୟରୁ ୮୪ ଟି ଦଳିତଙ୍କ ପାଇଁ ସଂରକ୍ଷିତ। ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ଭାରତରେ ଜଣେ ମଧ୍ୟ ଦଳିତ ପ୍ରଧାନମନ୍ତ୍ରୀ ହୋଇ ନାହାନ୍ତି। ମାତ୍ର ତିନି ଜଣ ଦଳିତ ରାଷ୍ଟ୍ରପତି ଏବଂ ସାତ ଜଣ ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ଛୁଆଁ ଅଛୁଆଁ ଭେଦଭାବର ଆର୍ଥିକ ପ୍ରଭାବ ଅତି ଗଭୀର। ଦଳିତମାନେ ମୁଖ୍ୟତଃ ଅସଂଗଠିତ କ୍ଷେତ୍ରରେ ନିମ୍ନ ବେତନର କାର୍ଯ୍ୟରେ ନିୟୋଜିତ। ଅନେକ ଦଳିତ ମାନୁଆଲ ସ୍କାଭେଞ୍ଜିଂ, ଶବ ଦହନ ଏବଂ ଝାଡୁମାରିବା ଭଳି କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ଏହି ବୃତ୍ତିଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଓ ସାମାଜିକ ମର୍ଯ୍ୟାଦାହୀନ। ଦଳିତ ଆକ୍ଟିଭିଷ୍ଟ ରୁଥ ମନୋରମାଙ୍କ ଅନୁଯାୟୀ, ଗ୍ରାମାଞ୍ଚଳର ଜମିଦାର ଜାତିମାନେ ଦଳିତଙ୍କୁ ସହରକୁ ପଳାଇବାକୁ ଦିଅନ୍ତି ନାହିଁ, କାରଣ ସେମାନେ ସେମାନଙ୍କର ଶସ୍ତା ଶ୍ରମ ହରାଇବାକୁ ଚାହାନ୍ତି ନାହିଁ। ସହରାଞ୍ଚଳରେ ଦଳିତ ମହିଳାମାନେ ଗରିବ ଓ ବାସହରାର ଭୟରେ ରୁହନ୍ତି। ସେମାନଙ୍କ ପାଖରେ ନିଜର ଜମି କି ଘର ନଥାଏ। ଦଳିତ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଅବସ୍ଥା ମଧ୍ୟ ଚିନ୍ତାଜନକ। ସରକାରୀ ବିଦ୍ୟାଳୟଗୁଡ଼ିକ, ଯେଉଁଠାରେ ଅଧିକାଂଶ ଦଳିତ ଛାତ୍ରଛାତ୍ରୀ ପଢ଼ନ୍ତି, ଅବହେଳିତ ଓ ଶିକ୍ଷକ ଅଭାବରେ ପୀଡ଼ିତ। ଘରୋଇ ବିଦ୍ୟାଳୟଗୁଡ଼ିକ ସଂରକ୍ଷିତ ଆସନ ସଂଖ୍ୟା ପୂରଣ କରିବାରେ ବିଫଳ ହେଉଛନ୍ତି। ଶିକ୍ଷାର ଅଧିକାର ଆଇନ ଏହି କ୍ଷେତ୍ରରେ ବିଫଳ ହୋଇଛି। ଦଳିତ ଉଦ୍ୟୋଗୀମାନେ ବ୍ୟବସାୟ ଆରମ୍ଭ କରିବାରେ ଏବଂ ଋଣ ପାଇବାରେ ବାଧାର ସମ୍ମୁଖୀନ ହୁଅନ୍ତି। ବଜାର ଓ ଋଣ ସୁବିଧା ସେମାନଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରେ ନାହିଁ। ଏହା ଦଳିତଙ୍କ ଆର୍ଥିକ ପ୍ରଗତି ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ। ଦଳିତଙ୍କ ସ୍ୱାସ୍ଥ୍ୟ ଓ ଜୀବନସ୍ତର ମଧ୍ୟ ଅତ୍ୟନ୍ତ ନିମ୍ନ। ସେମାନେ ଅଧିକାଂଶ ସମୟରେ ବସ୍ତି ଓ ଝୁଡ଼ି-ଝୋପଡ଼ାରେ ବାସ କରନ୍ତି, ଯେଉଁଠାରେ ମୌଳିକ ସୁବିଧା ଉପଲବ୍ଧ ନୁହେଁ। ପାନୀୟ ଜଳ, ବିଦ୍ୟୁତ ଓ ପରିମଳ ବ୍ୟବସ୍ଥାରୁ ସେମାନେ ବଞ୍ଚିତ। ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଶିକ୍ଷା ଦଳିତ ଉନ୍ନତିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ପରିଗଣିତ। ଆମ୍ବେଦକର ଶିକ୍ଷାକୁ ମୁକ୍ତିର ସାଧନ ବୋଲି କହିଥିଲେ। କିନ୍ତୁ ବ୍ୟାବହାରିକ କ୍ଷେତ୍ରରେ ଦଳିତ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଭେଦଭାବର ସମ୍ମୁଖୀନ ହୁଅନ୍ତି। ତାମିଲନାଡୁର କେତେକ ବିଦ୍ୟାଳୟରେ ଉପସ୍ଥିତି ରେଜିଷ୍ଟରରେ ଜାତି କଲମ ରହିଛି ଏବଂ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଜାତି ନାମରେ ଡାକନ୍ତି। କର୍ଣ୍ଣାଟକର ଯାଦଗିରି ଜିଲ୍ଲାରେ ଜଣେ ରୋଷେୟା ଓ ତାଙ୍କ ସହାୟକ ଦଳିତ ଛାତ୍ରଛାତ୍ରୀଙ୍କ ଥାଳି ସଫା କରିବାକୁ ମନା କରିଦେଇଥିଲେ। ସେହି ଜିଲ୍ଲାରେ ଜଣେ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜଣେ ଦଳିତଙ୍କୁ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଆମନ୍ତ୍ରଣ କରିବାରୁ ତାଙ୍କୁ ହତ୍ୟା ଧମକ ମିଳିଥିଲା। ତାମିଲନାଡୁରେ ଛାତ୍ରଛାତ୍ରୀମାନେ ରଙ୍ଗୀନ ବ୍ରେସଲେଟ ପିନ୍ଧି ନିଜ ଜାତି ପରିଚୟ ଦିଅନ୍ତି। ଥେଭାରମାନେ ଲାଲ ଓ ହଳଦିଆ, ନାଡାରମାନେ ନୀଳ ଓ ହଳଦିଆ, ଯାଦବମାନେ କେଶରୀ ଏବଂ ଦଳିତ ପଲ୍ଲରମାନେ ସବୁଜ ଓ ଲାଲ ରଙ୍ଗର ବ୍ରେସଲେଟ ପିନ୍ଧନ୍ତି। ନ୍ୟାୟମୂର୍ତ୍ତି କେ ଚନ୍ଦ୍ରୁଙ୍କ ରିପୋର୍ଟ ଅନୁଯାୟୀ, ଏହା ଜାତି ଚିହ୍ନଟର ଏକ ପ୍ରତୀକ ଏବଂ ଏହା ବିଦ୍ୟାଳୟରେ ଜାତିଗତ ବିବାଦ ସୃଷ୍ଟି କରେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଶିବମ ସୋନକର ନାମକ ଜଣେ ଦଳିତ ଛାତ୍ର ସାଧାରଣ ବର୍ଗରେ ଦ୍ୱିତୀୟ ସ୍ଥାନ ପାଇଥିଲେ ମଧ୍ୟ ପିଏଚଡି ପାଇଁ ତାଙ୍କୁ ପ୍ରବେଶ ଦିଆଯାଇ ନ ଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ ଯେ ସଂରକ୍ଷିତ ଆସନ ପାଇଁ ଯୋଗ୍ୟ ପ୍ରାର୍ଥୀ ନଥିଲେ। ଏହି ଘଟଣା ଶିକ୍ଷାନୁଷ୍ଠାନରେ ଜାତିଗତ ଭେଦଭାବକୁ ଦର୍ଶାଏ।

ଛୁଆଁ-ଅଛୁଆଁ ଭେଦଭାବ ଏକ ଗଭୀର ସାମାଜିକ ସମସ୍ୟା, ଯାହାର ମୂଳ ହଜାର ହଜାର ବର୍ଷ ପୁରୁଣା। ସମ୍ବିଧାନ ଓ ଆଇନ ଦ୍ୱାରା ଏହାକୁ ନିଷେଧ କରାଯାଇଥିଲେ ମଧ୍ୟ ବ୍ୟବହାରିକ କ୍ଷେତ୍ରରେ ଏହା ଜାରି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ଶିକ୍ଷା, ସଚେତନତା, ଆଇନର କଠୋର ପ୍ରୟୋଗ ଏବଂ ଦଳିତଙ୍କ ରାଜନୈତିକ ତଥା ଆର୍ଥିକ ସଶକ୍ତୀକରଣ ଆବଶ୍ୟକ। ବର୍ଣ୍ଣ ବ୍ୟବସ୍ଥାରେ ଥିବା କୁତ୍ସିତ ପରମ୍ପରାଗତ 'ଅଛୁଆଁ କାନ୍ଥ' କୁ ଭାଙ୍ଗିବା ପାଇଁ ଆମକୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ହେବ।

ଭୁବନେଶ୍ୱର, ମୋ: ୯୪୩୭୦୦୬୩୬୩

## ଇତିହାସର ଅନ୍ତ ନାହିଁ

ପ୍ରଶାନ୍ତ ମିଶ୍ର

୧୯୯୨ରେ ଆମେରିକୀୟ ରାଜନୀତି ବିଜ୍ଞାନୀ ଫ୍ରାନ୍ସିସ୍ ଫୁକୁୟାମାଙ୍କ ରଚିତ 'ଇତିହାସର ଅନ୍ତ ଓ ଶେଷ ମଣିଷ' (ଏଣ୍ଡ ଅଫ୍ ହିଷ୍ଟ୍ରି ଆଣ୍ଡ ଦ ଲାଷ୍ଟ ମ୍ୟାନ୍) ପୁସ୍ତକ ପ୍ରକାଶ ପାଇଥିଲା। ସେଥିରେ ଫୁକୁୟାମା ଦର୍ଶାଇବାକୁ ଚାହିଁଥିଲେ ଯେ - ବସ୍ତୁ ଜଗତ ଓ ଚେତନା ଜଗତ ମଧ୍ୟରେ ପ୍ରଭେଦ ରହିଛି। ପୃଥିବୀର ସବୁ ଦେଶରେ ଉଦାର ଗଣତନ୍ତ୍ର (ଲିବେରାଲ୍ ଡିମୋକ୍ରାସି) ସଫଳତାର ସହ ପ୍ରତିଷ୍ଠିତ ହୋଇ ପାରି ନ ଥିଲେ ବି ଏହା ପ୍ରଭାବ ବିସ୍ତାର କରିପାରିଛି ମଣିଷର ଚେତନା ଜଗତରେ। ବର୍ତ୍ତମାନ ଆଉ ଏମିତି କୌଣସି ଆଦର୍ଶ ନାହିଁ, ଯାହା ଉଦାର ଗଣତନ୍ତ୍ର ଓ ବଜାର ଅର୍ଥନୀତିକୁ ଆହ୍ୱାନ ଦେଇପାରିବ। ଫାସିବାଦ ଓ ସାମ୍ୟବାଦ ଉଭୟ ପରାସ୍ତ। ଶ୍ରେଣୀ ସଂଗ୍ରାମ ଅପ୍ରାସଙ୍ଗିକ। ଆନ୍ତର୍ଜାତିକ ସ୍ତରରେ ତେଣୁ ସମ୍ପର୍କର ମୂଳଦୁଆ ଅର୍ଥନୀତି ହେବ, ରାଜନୀତି କି ରଣକୌଶଳ ନୁହେଁ। ହିଂସାତ୍ମକ ସଂଘର୍ଷ ଓ ମତଭେଦର ତୀବ୍ରତା ବି କମିଯିବ।

ସଂଘର୍ଷପ୍ରବଣତାର ସ୍ଥାନ ନେବ ରୁଚି। ନିଜ ରୁଚି ଅନୁକୂଳରେ ମଣିଷ କାର୍ଯ୍ୟ କରିବ। ଭାବିବ ଯେ ସମାଜରେ ସେ ଅଚିହ୍ନା ନୁହେଁ। ରାଷ୍ଟ୍ର ତା'କୁ ଅଧିକାର ଦେଇଛି। ଆଇନ ତା'କୁ ସୁରକ୍ଷା ଦେଇଛି। ସେ ନାଗରିକ, ସେ ମତଦାତା, ଜଣେ ସ୍ୱୀକୃତିପ୍ରାପ୍ତ ଓ ମର୍ଯ୍ୟାଦାବନ୍ତ ବ୍ୟକ୍ତି। ଅନ୍ୟ ଭାଷାରେ କହିଲେ ସ୍ୱୀକୃତି ଦାବି କରୁଥିବା ଓ ସ୍ୱୀକୃତି ଆଗ୍ରାହ୍ୟ କରୁଥିବା ଭଳି ଦୁଇ ବିପରୀତ ଶ୍ରେଣୀ ରହିବ ନାହିଁ। ଉଦାର ଗଣତାନ୍ତ୍ରିକ ବ୍ୟବସ୍ଥା ହିଁ ମଣିଷକୁ ସମ୍ପତ୍ତି, ସୁଖ, ସୁବିଧା ଓ ବ୍ୟକ୍ତି ସ୍ୱାଧୀନତା ଦେଇ ପାରିବ।

ଶୀତଳ ଯୁଦ୍ଧର ଅବସାନ ପରେ ଏ ବ୍ୟବସ୍ଥା ଅଧିକ ଶକ୍ତିଶାଳୀ ହୋଇଛି। ବଜାର ଅର୍ଥନୀତି ବି। ପାଶ୍ଚାତ୍ୟ ଜଗତର ସୀମା ଡେଇଁ ଉଦାର ଗଣତନ୍ତ୍ର ପ୍ରବେଶ କରିଛି ଅନ୍ୟ ଅନେକ ଦେଶରେ। ସୋଭିଏତ ସଂଘର ପତନ ପରବର୍ତ୍ତୀ ରାଜନୈତିକ ଚର୍ଚ୍ଚା ଅନୁଯାୟୀ ଇତିହାସଠୁ ଛୁଟି ନେଇ ପୃଥିବୀ ଏମିତି ଏକ ବ୍ୟବସ୍ଥାକୁ ଆଦରି ନେଇଛି, ଯାହାର ଉନ୍ନତିକରଣ ସମ୍ଭାବନା କ୍ଷୀଣ। କିନ୍ତୁ ଇତିହାସର ଅନ୍ତ ଧାରଣା ଅବିଳମ୍ବେ ହିଁ ଅସାର ପ୍ରମାଣିତ ହୋଇଛି। ଇତିହାସଠାରୁ ତଥାକଥିତ ଛୁଟି ନେଇଥିବା ପୃଥିବୀ ପୁଣି ଫେରିଛି ଇତିହାସକୁ। ୧୧ ସେପ୍ଟେମ୍ବର ୨୦୦୧ରେ ଆମେରିକା ସମ୍ମୁଖୀନ ହୋଇଛି ଆତଙ୍କବାଦୀ ଆକ୍ରମଣର। ଆତଙ୍କବାଦ-ବିରୋଧୀ ଅଭିଯାନ ଜୋର୍ ଧରିଛି ବିଭିନ୍ନ ଦେଶରେ। ଗଣତନ୍ତ୍ରର ନୈତିକ ପତନ ଘଟିବା ସହ ଗଣତନ୍ତ୍ର-ବିରୋଧୀ ଆନ୍ଦୋଳନ ବି ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ବେଳକୁ ମୁଣ୍ଡ ଟେକିଛି। ପୃଥିବୀ ସାରା ଶାସନ ବ୍ୟବସ୍ଥା କ୍ଷେତ୍ରରେ ଦେଖା ଦେଇଛି ସ୍ୱେଚ୍ଛାଚାରର ଆଉ ଏକ ତରଙ୍ଗ।

ଫୁକୁୟାମା ସମାଲୋଚିତ ହୋଇଛନ୍ତି। ମତ ପ୍ରକାଶ ପାଇଛି ଯେ, ଗୋଷ୍ଠୀ ବା ସମ୍ପ୍ରଦାୟ ପ୍ରତି ବ୍ୟକ୍ତିର ଆନୁଗତ୍ୟ ଓ ଧର୍ମ-ଭିତ୍ତିକ ଆନ୍ଦୋଳନର ଘାତଶକ୍ତି ରହିଛି। ଉଦାର ଗଣତନ୍ତ୍ର ଓ ବଜାର ଅର୍ଥନୀତିର ଅଗ୍ରଗତି ପଥରେ ଏହା ପ୍ରତିବନ୍ଧକ ହୋଇଥିବା ବେଳେ ଫୁକୁୟାମାଙ୍କ ବିଚାର ପରିସରକୁ କିନ୍ତୁ ଆସିନାହିଁ। ଜାକ୍ ଦେରିଦା କହିଛନ୍ତି - ଫୁକୁୟାମା ଦାର୍ଶନିକ ଆଲେକ୍‌ଜାଣ୍ଡାର କୋଜେଭଙ୍କ ଜଣେ ନୂଆ ପାଠକ। ତାଙ୍କର 'ଇତିହାସର ଅନ୍ତ' ଧାରଣା ମାର୍କ୍ସବାଦର ମୃତ୍ୟୁକୁ ନିଶ୍ଚିତ କରିବା ପାଇଁ ଏକ ସାଂସ୍କୃତିକ ଉଦ୍‌ବେଗ। ସ୍ଲାଭୋଜ ଜିଜେକଙ୍କ ମତରେ ଉଦାର ଗଣତନ୍ତ୍ର ସହ ପୁଞ୍ଜିବାଦର ସମ୍ପର୍କ ରହିଛି। କିନ୍ତୁ ସ୍ୱେଚ୍ଛାଚାରୀ ଶାସନ ଚାଲିଥିବା ଦେଶମାନଙ୍କରେ ପୁଞ୍ଜିବାଦର ସଫଳତା ସୂଚାଏ ଯେ, ଗଣତନ୍ତ୍ର ଓ ପୁଞ୍ଜିବାଦକୁ ଯୋଡୁଥିବା ଶିକୁଳିର ଯୋଜକ ଭାଙ୍ଗି ଗଲାଣି। ସେ ଦେଶସବୁ ସାମାଜିକ ଅସମାନତା ଓ ପରିବେଶ କୈନ୍ଦ୍ରିକ ସମସ୍ୟା ଦ୍ୱାରା ଆକ୍ରାନ୍ତ। ନିର୍ବାଚିତ ସରକାରମାନଙ୍କ ପ୍ରତି ବି ସେସବୁ ଦେଶରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯେଉଁ ଉଦାର ଗଣତନ୍ତ୍ରକୁ ଫୁକୁୟାମା ଗ୍ରହଣୀୟ ଅନ୍ତିମ ବ୍ୟବସ୍ଥା ରୂପେ ଚିତ୍ରଣ କରିଛନ୍ତି, ସେ ଉଦାର ଗଣତନ୍ତ୍ର ଏବେ ତିଷ୍ଠି ରହିବା ପାଇଁ ସଂଗ୍ରାମରତ।

'ଇତିହାସର ଅନ୍ତ' ଧାରଣା ପାଇଁ ଅନ୍ୟତମ ଆହ୍ୱାନ ହେଲା ରୁଷ୍ ଓ ଚୀନର ଶକ୍ତିବୃଦ୍ଧି। ଚୀନରେ କମ୍ୟୁନିଷ୍ଟ ଶାସନ ଚାଲିଛି ବୋଲି କୁହାଯାଉଛି। ବାସ୍ତବରେ କିନ୍ତୁ ସେଠି ଶାସନ ବ୍ୟବସ୍ଥାର ବାହାରଟା କେବଳ ଲାଲ୍, ଭିତରଟା ନୁହେଁ। ରୁଷ୍‌ରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ରହିଛି ବୋଲି ଦାବି କରାଯାଉଥିବା ବେଳେ ସେଠି ଏକପ୍ରକାର ନିରଙ୍କୁଶ ଶାସନ ହିଁ ଚାଲିଛି। 'ଇତିହାସ ଅନ୍ତ'ର ଅନ୍ତ ଘଟାଇବା ପାଇଁ ଏହି ଦୁଇ ଦେଶ ବେଶ୍ ସମର୍ଥ। ତେଣୁ ମନେହୁଏ, ଫୁକୁୟାମାଙ୍କ ବିଚାର ଅନୁକୂଳରେ ଉଲ୍ଲେଖନୀୟ କିଛି ଘଟୁନାହିଁ। ଉଦାର ଗଣତନ୍ତ୍ରର ସୀମା ଭିତରେ ସବୁ ମୌଳିକ ପ୍ରଶ୍ନର ସମାଧାନ ମିଳିଯିବ ଏବଂ ଶ୍ରେଣୀସଂଗ୍ରାମ ଅପ୍ରାସଙ୍ଗିକ ବୋଲି ମତ ରଖି ପରୋକ୍ଷରେ ସେ ଆମେରିକାର ସାମ୍ରାଜ୍ୟବାଦୀ ନୀତି ଓ ସ୍ଥିତାବସ୍ଥାକୁ ହିଁ ସମର୍ଥନ ଜଣାଇଛନ୍ତି। ସମାଜବାଦର ସ୍ୱାଦ ଚାଖି ସାରିଥିବା ମେହନତୀ ଲଢୁଆ ମଣିଷ କିନ୍ତୁ ତାଙ୍କ କଳ୍ପିତ ଆତ୍ମକେନ୍ଦ୍ରୀ 'ଶେଷ ମଣିଷ'ର ପରିଚୟ ଆଦରି ନେବାକୁ ପ୍ରସ୍ତୁତ ନୁହେଁ। ଦାସତ୍ୱରୁ ମୁକ୍ତି ଓ ସମାଜରେ ସାମ୍ୟ ଶାନ୍ତି ନ୍ୟାୟର ପ୍ରତିଷ୍ଠା ପାଇଁ ତା'ର ସଂଗ୍ରାମ ଜାରି ରହିଛି। ଇତିହାସରେ ଫର୍ଦ୍ଦ ପରେ ଫର୍ଦ୍ଦ ଯୋଡ଼ି ଚାଲିଛି ସମୟର ହାତ।

କାଶୀନଗର(ଗଜପତି)
ମୋ: ୭୮୭୩୫୭୩୫୬୯

## ପ୍ରଗତି ଓ ପରମ୍ପରା ପଥର ଅଭିଯାତ୍ରୀ: ଲୋକରତ୍ନ କୁଞ୍ଜବିହାରୀ

**ସାହିତ୍ୟ ସରିତ୍**

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଲୋକରତ୍ନ କୁଞ୍ଜବିହାରୀ ଦାଶ ସନ୍ଧାନ କରିପାରିଛନ୍ତି ଯେ, ଏକ ମହାନ ଜାତିକୁ ଉଦବୁଦ୍ଧ କରିବା ପାଇଁ ହେଲେ କେଉଁଠୁ କିପରି ରତ୍ନ ସଂଗ୍ରହ କରିବାକୁ ପଡ଼ିବ। ସେଥିପାଇଁ ସେ ପରମ୍ପରା ପ୍ରତି ଯେପରି ଉନ୍ମୁଖ, ପ୍ରଗତି ନିମିତ୍ତ ସେପରି ଜାଗ୍ରତ। ଓଡ଼ିଶାର ଲୋକଗୀତ ଓ କାହାଣୀରେ ଭରି ରହିଛି ଯେଉଁ ଚିରନ୍ତନ ଆବେଦନ, ତାହା ମର୍ମେ ମର୍ମେ ଅନୁଭବ କରି ସେ ସଂଗ୍ରହ କରିଛନ୍ତି ସେସବୁ ତପସ୍ୟାମଗ୍ନ ହୋଇ।

ଓଡ଼ିଶାର ଲୋକଗୀତ ଓ କାହାଣୀ ସଂଗ୍ରାହକ ଭାବରେ ତାଙ୍କର ପ୍ରସିଦ୍ଧି ତେଣୁ ଶୀର୍ଷ ସୋପାନରେ ପ୍ରତିଷ୍ଠିତ। ତାଙ୍କ ସମୟର ସାହିତ୍ୟିକ ପରିମଣ୍ଡଳ ଦ୍ୱାରା ପ୍ରଭାବିତ ହେବା ପରି ସ୍ରଷ୍ଟା ନଥିଲେ ସେ। ନିଜସ୍ୱ ଅନ୍ତର୍ଚେତନା ପ୍ରତି ସେ ରହିଥିଲେ ଏକାନ୍ତ ବିଶ୍ୱସ୍ତ। ପରମ୍ପରା ମଧ୍ୟରେ ରହିଥିବା ବିରଳ ପ୍ରେରଣାକୁ ସେ ଯେପରି ଆଲୋକକୁ ନେଇ ଆସି ପାରିଛନ୍ତି ସେହିପରି ପ୍ରଗତିବାଦୀ ଚେତନାର ଅନ୍ତଃସ୍ୱର ଅନୁସରଣ କରିଛନ୍ତି ସଚେତନ ଭାବରେ। କୌଣସି ଗୋଷ୍ଠୀ ଅନ୍ତର୍ଭୁକ୍ତ ନ ହୋଇ ସେ ଚାଲିଛନ୍ତି ଏକୁଟିଆ। ଅନ୍ତରର ସତ୍ୟ ସହିତ ଯାହାଙ୍କ ଘନିଷ୍ଠ ସମ୍ବନ୍ଧ ସେମାନଙ୍କ ସକାଶେ ଲୋଡ଼ା ନଥା'ନ୍ତି ଆଉ ସହଯାତ୍ରୀ।

କବିତା ସର୍ଜନାରୁ ଆରମ୍ଭ ହୋଇଥିବା ତାଙ୍କ ସାଧନା-ନିମଗ୍ନ ଜୀବନ ପ୍ରଥମରୁ ଉଦ୍‌ବେଳିତ ହୋଇଛି ପ୍ରକୃତିର ଶାନ୍ତ ସ୍ନିଗ୍ଧ ରୂପ ଦର୍ଶନ କରି। ଏହି ପ୍ରକୃତି -ସଂପ୍ରୀତି ତାଙ୍କୁ ଗଢ଼ିତୋଳିଛି ଜାତୀୟତାବାଦୀ କବି ରୂପରେ। ତାଙ୍କର ପ୍ରଥମ କବିତା ସଂକଳନ 'ପ୍ରଭାତୀ' ଶାନ୍ତିପାଠର ଏକ ପବିତ୍ର ଶଙ୍ଖଧ୍ୱନି। ତାଙ୍କ ରଚିତ କବିତାପୁସ୍ତକ କାବ୍ୟ ନାଟିକା ମଧ୍ୟରେ ବିଶେଷ ଦୃଷ୍ଟି ଆକର୍ଷଣ କରିଛି 'ଚାରଣିକା', 'କଙ୍କାଳର ଲୁହ', 'ନବମାଳିକା', 'ମାଟି ଓ ଲାଠି', 'ସେ ଏକ ଲୋମଶ ନୀଳହାତ' ଆଦି। 'ଚାରଣିକା'ରେ ବିଶୁ ମହାରଣା ଓ ଧର୍ମପଦର ଚରିତ୍ର ଚିତ୍ରଣ ମଧ୍ୟରେ ତ୍ୟାଗର ଯେଉଁ ମହିମ୍ନ ଉପଲବ୍ଧିକୁ ସେ ପ୍ରକଟ କରିଛନ୍ତି, ତାହା ଯେତେଥର ପାଠକଲେ ସେତିକି ଉଚ୍ଛଳ ହୋଇଉଠେ ଅନ୍ତଃସ୍ଥଳ।

ନିଜ ଚତୁର୍ଦ୍ଦିଗରେ ଭୋକିଲା ମଣିଷର ବିକଳ ଅବସ୍ଥା ଦେଖି କେଉଁ କବିଚିତ୍ତ କରୁଣ କ୍ରନ୍ଦନରେ ଥରି ଉଠି ନାହିଁ? ଏହି ସମୟର ଅନ୍ତର୍ବେଦନା ବିବ୍ରତ କରିଦେଇଛି କୁଞ୍ଜବିହାରୀଙ୍କୁ। କାରୁଣ୍ୟର ଗଭୀର ଅନୁଭୂତିରେ ଥରକୁ ଥର ଭିଜିଛି ତାଙ୍କ ଆଖିପତା। ପୁନଶ୍ଚ ସେ ଲକ୍ଷ୍ୟ କରିଛନ୍ତି ମଣିଷ ପ୍ରତି ପ୍ରକୃତିର କ୍ରୂରତାଠାରୁ ଆହୁରି ଭୟଙ୍କର ମଣିଷ ପ୍ରତି ମଣିଷର କଠୋର ବ୍ୟବହାର ଓ ଅତ୍ୟାଚାରର କଷଣ। 'ମାଟି ଓ ଲାଠି' କବିତା ପୁସ୍ତକରେ ସେ ଅବତୀର୍ଣ୍ଣ ହୋଇଛନ୍ତି ଅସାମାନ୍ୟ ବୈପ୍ଳବିକ ସମ୍ବେଦନା ବହନ କରି। ଯେଉଁ କବି ଦିନେ ପ୍ରକୃତିର ଅପରୂପ ସୁଷମାରେ ହୋଇଥିଲେ ମୁଗ୍ଧ, ପରବର୍ତ୍ତୀ ସମୟରେ ମାନବିକତାର ପ୍ରତିଷ୍ଠା ସକାଶେ ନିଜ କଲମକୁ କରିଛନ୍ତି ସେ ତୀକ୍ଷଣ ଓ ସଶକ୍ତ। ପାରସ୍ୟର କବି ଓମାର ଖ୍ୟାୟାମଙ୍କ ପରି ସେ ପ୍ରତ୍ୟକ୍ଷ କରିଛନ୍ତି ମଣିଷ କିପରି ନିୟତିର ଅସହାୟ କ୍ରୀଡ଼ନକ ସଦୃଶ। 'ସେ ଏକ ଲୋମଶ ନୀଳହାତ'ରେ ସେହି ଚେତନାର ଛାୟାପାତ ଦେଖିବାକୁ ମିଳେ। ତାଙ୍କ ରଚିତ ଭ୍ରମଣ କାହାଣୀ 'ଲଙ୍କାଯାତ୍ରୀ', 'ମୋ ସ୍ୱପ୍ନର କାଶ୍ମୀର', 'ଆମେରିକାରୁ ୟୁରୋପ ଆଫ୍ରିକା', 'ପଥ ଓ ପଥିକ', 'ଦୁଇ ଦିଗନ୍ତର ଆକାଶ' ଆଦି ଧ୍ୟାନସ୍ଥ ପାଠକ ଅନ୍ତର ମଧ୍ୟରେ ସୃଷ୍ଟି କରିଦେଇପାରେ ପୁସ୍ତକ ବର୍ଣ୍ଣିତ ବହୁ ଅଭିଳଷିତ ଜଗତ। 'ଦୁଇଦିଗନ୍ତର ଆକାଶ' ନାମଟି ମଧ୍ୟରେ ପ୍ରତୀକିତ ହୋଇ ଉଠିଛି ତାଙ୍କ ବକ୍ତବ୍ୟ ଓ ବାର୍ତ୍ତାର ମର୍ମବାଣୀ।

କୁଞ୍ଜ ବିହାରୀ ସାହିତ୍ୟ ସମାଲୋଚନାତ୍ମକ ଅନେକ ପ୍ରବନ୍ଧ ରଚନା କରିଛନ୍ତି। ସେଥିରେ ଜଟିଳତା ଅଥବା ଦୁର୍ବୋଧ ତାତ୍ତ୍ୱିକ ବ୍ୟାଖ୍ୟା ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ। କି ସରଳ, ଅକୃତ୍ରିମ ଶୈଳୀରେ ସେ ଆପଣାର ଅନୁଭବ ବ୍ୟକ୍ତ କରୁଛନ୍ତି, ତାହା ପ୍ରତ୍ୟେକଙ୍କ ପାଇଁ ଅନୁଧ୍ୟାନଯୋଗ୍ୟ। 'ସାହିତ୍ୟିକ' ନାମରେ ସଂକଳିତ ହୋଇଥିବା ଏହି ଗ୍ରନ୍ଥ ତାଙ୍କର ଆଉ ଏକ ମହାନ ଅବଦାନ ଓଡ଼ିଆ ସାହିତ୍ୟ ପ୍ରତି। ଘଟଣାବହୁଳ ନିଜ ଜୀବନାନୁଭୂତିକୁ ସେ ଦେଲେ ସୁସଜ୍ଜିତ ରୂପ କାନ୍ତି 'ମୋ କାହାଣୀ 'ପୁସ୍ତକରେ। ଆଜିର ବହୁ ଆତ୍ମଜୀବନୀ ରଚୟିତାଙ୍କ ପାଇଁ ତାହା ଏକ ଶ୍ରେଷ୍ଠ ପ୍ରେରଣା। ଯେଉଁ ଚରିତ୍ରମାନଙ୍କ ସଂସ୍ପର୍ଶରେ ସେ ଆସିଛନ୍ତି ସେମାନଙ୍କ ବିଷୟରେ ସତ୍ୟ ବ୍ୟକ୍ତ କରିବାକୁ ତାଙ୍କ କଲମ ଅଟକି ଯାଇନାହିଁ। କୌଣସି ବ୍ୟକ୍ତିଗତ ଈର୍ଷା, କ୍ରୋଧ କି ପ୍ରତିଶୋଧ ପ୍ରବଣତା ସେଥିରେ ନାହିଁ। ଅଛି ସତ୍ୟର ଉଚ୍ଚାରଣ, ଶିବର ମହିମାଗାନ ଓ ସୁନ୍ଦରର ହୃଦୟସ୍ପର୍ଶୀ ବର୍ଣ୍ଣନା। ଶେଷରେ ତାଙ୍କ ଡାଏରୀର ଗୋଟିଏ ବାକ୍ୟ ଉଦ୍ଧାର କରିବା ହେବ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ତାହା ହେଲା 'କବିର କବିତା ଅପେକ୍ଷା ତା'ର ବ୍ୟକ୍ତିତ୍ୱର ମୂଲ୍ୟ ଅଧିକ।'

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମାଓ ସଂଗଠନରେ ଗୋଷ୍ଠୀ କନ୍ଦଳ

# ସାଥୀକୁ ହତ୍ୟା କରି ଜଙ୍ଗଲରେ ପୋତିଲା ଶୁକ୍ରୁ

ଫୁଲବାଣୀ/ଦାରିଙ୍ଗବାଡ଼ି,୨୫।୨(ସମିସ): କନ୍ଧମାଳ ଜିଲ୍ଲାରେ ମାଓ ସଂଗଠନ ମଧ୍ୟରେ ଥିବା ବିବାଦ ଏବେ ରକ୍ତାକ୍ତ ରୂପ ନେଇଛି। ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଥିବା ଜଣେ ସାଥୀକୁ ଅତି ନିର୍ମମ ଭାବେ ହତ୍ୟା କରି ଜଙ୍ଗଲରେ ପୋତି ଦେଇଛି ଦୁର୍ଦ୍ଧାନ୍ତ ମାଓବାଦୀ ଶୁକ୍ରୁ। ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ

- ପକାରୀ ସଂରକ୍ଷିତ ଜଙ୍ଗଲରୁ ଅନ୍ୱେଷର ଗଳିତ ଶବ ଉଦ୍ଧାର
- ଆତ୍ମସମର୍ପଣ ଜିଦ୍ ପାଇଁ ରକ୍ତାକ୍ତ ହେଲା ସଂଗଠନ
- ଏବେ ପୁଲିସର ମୁଖ୍ୟ ଟାର୍ଗେଟରେ ମୋଷ୍ଟ ୱାଣ୍ଟେଡ୍ ଶୁକ୍ରୁ

କୁଟିମାହା ଗ୍ରାମ ନିକଟ ପକାରୀ ସଂରକ୍ଷିତ ଜଙ୍ଗଲରୁ ଦୁର୍ଦ୍ଧାନ୍ତ ମାଓବାଦୀ ଅନ୍ୱେଷର ଗଳିତ ଶବକୁ ପୁଲିସ ଉଦ୍ଧାର କରିଛି। ଏହି ଘଟଣା ପରେ ମାଓବାଦୀ ନେତା ତଥା ଷ୍ଟେଟ୍ କମିଟି ମେମ୍ବର ଶୁକ୍ରୁ ଏବେ ପୁଲିସର ମୁଖ୍ୟ ଟାର୍ଗେଟକୁ ଆସିଛି।

କନ୍ଧମାଳ ଏସ୍‌ପି ହରିଶ ବିସିଙ୍କ ସୂଚନା ମୁତାବକ, କେକେବିଏନ ଡିଭିଜନାଲ କମିଟିର ସଦସ୍ୟ ଅନ୍ୱେଷ ଏବଂ ତାଙ୍କର କିଛି ସହଯୋଗୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଯୋଜନା କରିଥିଲେ। ମାତ୍ର ସଂଗଠନର ନେତୃତ୍ୱ ନେଉଥିବା ଷ୍ଟେଟ୍ କମିଟି ମେମ୍ବର ଶୁକ୍ରୁ ଏହାକୁ ଘୋର ବିରୋଧ କରିଥିଲା। ଅନ୍ୟ ମାଓବାଦୀ ଯେପରି ଅନ୍ୱେଷଙ୍କୁ ଦେଖି ସଂଗଠନ ଛାଡ଼ି






ନଯାଆନ୍ତି, ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିବାକୁ ଶୁକ୍ରୁ ଏହି ହତ୍ୟାକାଣ୍ଡ ଘଟାଇଥିବା ଚର୍ଚ୍ଚା ହେଉଛି। ଗତ ଜାନୁଆରୀ ୨୯ରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ପରେ ଶୁକ୍ରୁ ଅନ୍ୱେଷକୁ ହତ୍ୟା କରି ଜଙ୍ଗଲ ମଧ୍ୟରେ ପୋତି ଦେଇଥିଲେ। ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ପୁଲିସ ଜଙ୍ଗଲ ମଧ୍ୟରୁ ମାଟି ତଳୁ ଅନ୍ୱେଷର ଗଳିତ ଶବ ଉଦ୍ଧାର କରିଛି।

# ମାର୍ଚ୍ଚରୁ ବଢ଼ିବ ତାତି: ୪୦ ଡିଗ୍ରୀ ଛୁଇଁବ ପାରଦ

ଭୁବନେଶ୍ୱର,୨୫।୨(ସମିସ): ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି। ରାଜଧାନୀ ଭୁବନେଶ୍ୱର ସମେତ ଝାରସୁଗୁଡ଼ା, ଟିଟିଲାଗଡ଼ ଓ ବୌଦ୍ଧ ଆଦି ସ୍ଥାନରେ ତାପମାତ୍ରା ଉପର ମୁହାଁ ହେବ। ଗୋଟିଏ ପଶ୍ଚିମାଝଡ଼ର ପ୍ରଭାବ ଯୋଗୁଁ ଗଲା ଦୁଇ ଦିନ ହେବ ରାଜ୍ୟର କେତେକ ସ୍ଥାନରେ ବର୍ଷା ଲାଗି ରହିଥିଲା। ତେଣୁ ବର୍ଷା ଯୋଗୁଁ କିଛିକାଂଶରେ ତାପମାତ୍ରା ହ୍ରାସ ପାଇଛି; ହେଲେ ଆଗକୁ ବର୍ଷା ନେଇ ସେପରି କୌଣସି ସ୍ଥିତି ନ ଥିବାରୁ ତାପମାତ୍ରା ବୃଦ୍ଧି ପାଇଁ ପାଗ ଅନୁକୂଳ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୩ ଦିନ ମଧ୍ୟରେ ଦିନର ତାପମାତ୍ରା ୨-୩ ଡିଗ୍ରୀ ବୃଦ୍ଧି ପାଇବ। ପରବର୍ତ୍ତୀ ସମୟରେ ଏହାର ଧାରା ଜାରି ରହିବ। ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହେବା ପରେ ବାୟୁ ମଣ୍ଡଳରେ ଆର୍ଦ୍ରତା ରହୁନାହିଁ। କେବଳ ଶୁଷ୍କ ବାୟୁ ପ୍ରବାହ ଯୋଗୁଁ ତାପମାତ୍ରା ବଢ଼ୁଛି। ଆକାଶ ନିର୍ମଳ ରହୁଥିବାରୁ ପୃଥିବୀ ଉପରେ ଖରା ସିଧା ପଡ଼ୁଛି। ତେଣୁ ଖରାର ପ୍ରକୋପ ବୃଦ୍ଧି ହେଉଛି। ଏହି କ୍ରମରେ ବୁଧବାର ଝାରସୁଗୁଡ଼ାରେ ତାପମାତ୍ରା ୩୫.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ବାକି କେତେକ ସ୍ଥାନରେ ତାପମାତ୍ରା ୩୩-୩୪ ଡିଗ୍ରୀ ରେକର୍ଡ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭୟଙ୍କର ତୁଷାର ଝଡ଼ରେ...

ରାଜ୍ୟରେ ୩୭ ଇଞ୍ଚ ଉଚ୍ଚର ବରଫ ଜମି ରହିଛି। ଏହି ତୁଷାର ଝଡ଼ କାରଣରୁ ଆମେରିକାର ଉତ୍ତରପୂର୍ବାଞ୍ଚଳରେ ୬,୦୦,୦୦୦ ପରିବାର ବିଜୁଳିରୁ ବଞ୍ଚିତ ହୋଇଛନ୍ତି। ସୋମବାର ସନ୍ଧ୍ୟାସୁଦ୍ଧା ୫୧୯,୨୩୨ ଘର ଓ ଅଫିସ୍ ବିଜୁଳି ସେବାରୁ ବଞ୍ଚିତ ହୋଇଥିଲା। ଏହି କାରଣରୁ ଆମେରିକାର ଜଣାଶୁଣା ତଥା ଲୋକପ୍ରିୟ ଖବର କାଗଜ 'ବୋଷ୍ଟନ ଗ୍ଲୋବ୍' ପ୍ରଥମଥର ପାଇଁ ଖବର କାଗଜ ଛାପି ପାରିନାହିଁ। ୧୫୩ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଏହି ଖବର କାଗଜ ଛପା ଯାଇପାରି ନାହିଁ। କର୍ମଚାରୀମାନେ ବରଫ ପାତ କାରଣରୁ ପ୍ରିଣ୍ଟିଂ ପ୍ରେସ୍ ନିକଟରେ ପହଞ୍ଚି ନପାରିବାରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଥିଲା। ଏହି ଭୟଙ୍କର ତୁଷାର ଝଡ଼ କାରଣରୁ ଆମେରିକାର କେତୋଟି ରାଜ୍ୟରେ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ଗତ ରବିବାରରୁ ସୋମବାର ମଧ୍ୟରେ ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ ପାର୍କରେ ୨୦ ଇଞ୍ଚ୍‌ର ବରଫ ଜମିଥିବା ରେକର୍ଡ କରାଯାଇଛି। ନ୍ୟୁୟର୍କରେ ରେଳ ସେବା ମଧ୍ୟ ଏହି କାରଣରୁ ବାଧାପ୍ରାପ୍ତ ହୋଇଛି। ନ୍ୟୁୟର୍କ ସିଟିରେ ସ୍କୁଲ, ରାସ୍ତା, ବ୍ରିଜ୍ ଓ ହାଇୱେଗୁଡ଼ିକୁ ବନ୍ଦ କରିଦିଆଯାଇଥିଲା।

### ଚାଉଳ ପୀଡ଼ା...

ମେଟ୍ରିକ୍ ଟନ୍‌ରୁ ଅଧିକ ଚାଉଳ ବଳକା ରହିଥିଲା। ଏହି ଚାଉଳ କେନ୍ଦ୍ର ସରକାରଙ୍କୁ ନେବା ପାଇଁ ବାରମ୍ବାର ଅନୁରୋଧ କରାଯାଉଛି। ପୂର୍ବରୁ ବିଜେଡି ସରକାର ସମୟରେ ମଧ୍ୟ କେନ୍ଦ୍ର ଏମିତି ଚାଉଳ ଉଠାଇବାରେ ବିଳମ୍ବ କରୁଥିବା ବେଳେ ବିଜେପିର ଡବଲ ଇଂଜିନ ସରକାରରେ ମଧ୍ୟ ସମାନ ଘଟଣା ଘଟୁଛି। ରାଜ୍ୟ ସରକାରଙ୍କ ଦାବି ଓ ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଓଡ଼ିଶାରୁ ଚାଉଳ ନେଉ ନାହାନ୍ତି। ଫଳରେ ମିଲରଙ୍କ ପାଖରେ ଗୋଦାମରେ ପୁରୁଣା ଚାଉଳ ଓ ଧାନ ଗଚ୍ଛିତ ହୋଇ ପଡ଼ି ରହିଛି। ପୁରୁଣା ଚାଉଳ ହଟୁ ନ ଥିବାରୁ ନୂଆ ଧାନ କିଣି ରଖିବା ପାଇଁ ମଧ୍ୟ ଅନେକ ମିଲର ଅସମର୍ଥ ହେଉଛନ୍ତି। ରାଜ୍ୟର ମିଲରମାନଙ୍କ ଗୋଦାମରେ ଏବେ ପ୍ରାୟ ୮୦ ଲକ୍ଷ କ୍ୱିଣ୍ଟାଲ ଚାଉଳ ଗଚ୍ଛିତ ଥିବା କୁହାଯାଉଛି ଏବଂ ଏହା ରାଜ୍ୟ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଛି।

### ନବୀନ ସରକାରଙ୍କ ସମୟରେ...

ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୪୧୫୪, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୪୧୫୪, ଜଙ୍ଗଲ ବିଭାଗରେ ୩୫୮୯, ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗରେ ୩୩୫୨, କୃଷି ଓ କୃଷକ ଶସକ୍ତିକରଣ ବିଭାଗରେ ୨୯୫୫, ଜଳ ସମ୍ପଦ ବିଭାଗରେ ୨୭୨୪ ଟି ପଦ ଖାଲି ରହିଛି। ଏହି ପଦଗୁଡ଼ିକ ସରକାର କେବେ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ବରଗଡ଼ରେ ସାଇବର...

ଏହି ଠକେଇର ଜାଲ ପଦ୍ମପୁରରୁ ମୁମ୍ବାଇ ପର୍ଯ୍ୟନ୍ତ ଲମ୍ବିଥିବା ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ମାନଙ୍କ ଠାରୁ ନଗଦ ୭ ଲକ୍ଷ ଟଙ୍କା ସହିତ ୪ ଟି ମୋବାଇଲ ଗୋଟିଏ ଲାପଟପ୍, ବିଭିନ୍ନ ବ୍ୟାଙ୍କର ୨୦ଟି ଚେକ୍‌ବୁକ୍, ୧୯ଟି ବ୍ୟାଙ୍କ ପାସବୁକ୍, ୩୮ ଟି ଏଟିଏମ୍ ଜବତ କରାଯାଇଛି। ବରଗଡ଼ରେ ୨ଟି ମାମଲାରେ ୭ କୋଟି ଟଙ୍କାର କାରବାର ହୋଇଥିବା ଏସ୍‌ପି ଶ୍ରୀ ମୀନା ସୂଚନା ଦେଇଛନ୍ତି। ପୂର୍ବରୁ ସାଇବର ଠକେଇ ମାମଲାରେ ୧୧ ଜଣ ଗିରଫ ହୋଇଥିବା ବେଳେ ପୁଣି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର, ଡିଏସପି ସୁମନ୍ତ କିଷାନ୍, ଥାନା ଅଧିକାରୀ କ୍ରେସେନ୍ସିଆ ସମାରିଆ, ଏସଆଇ ପ୍ରମିଳା ମରାଇ, ଶାନ୍ତନୁ ପ୍ରଧାନ, ରତ୍ନମଣି ସାହୁଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଏହି ମିଶନରେ ସାମିଲ ଥିଲେ।

### ଏନ୍‌ସିଇଆର୍‌ଟି ବହିରେ...

ଇଣ୍ଡିଆ ଆଣ୍ଡ ବିୟଣ୍ଡ ପାର୍ଟ-୨'ରେ 'ଆମ ସମାଜରେ ନ୍ୟାୟପାଳିକାର ଭୂମିକା' ଶୀର୍ଷକରେ ଏହି ବିଷୟ ଯୋଡ଼ା ଯାଇଛି। ଏହି ବହିରେ 'ଜଷ୍ଟିସ ଡିଲେଡ୍ ଇଜ୍ ଜଷ୍ଟିସ ଡିନାଏଡ୍' ଅର୍ଥାତ ନ୍ୟାୟରେ ବିଳମ୍ବ ଅର୍ଥ ନ୍ୟାୟରୁ ବଞ୍ଚିତ ବିଷୟରେ ଉଲ୍ଲେଖ ରହିଛି। ଏଥିରେ ସୁପ୍ରିମକୋର୍ଟରେ ୮୧ ହଜାର, ହାଇକୋର୍ଟଗୁଡିକରେ ୬୨ ଲକ୍ଷ ୪୦ ହଜାର ଏବଂ ନିମ୍ନ ଅଦାଲତଗୁଡ଼ିକରେ ୪ କୋଟି ୭୦ ଲକ୍ଷ ମାମଲା ପଡ଼ି ରହିଥିବା ସଂଖ୍ୟା ଦର୍ଶାଯାଇଛି। ବହିରେ ଉଲ୍ଲେଖ ଅଛି ଯେ, ନ୍ୟାୟପାଳିକାରେ ବିଭିନ୍ନ ସ୍ତରରେ ଲୋକମାନେ ବିଭିନ୍ନ ପ୍ରକାର ଦୁର୍ନୀତିର ସମ୍ମୁଖୀନ ହୁଅନ୍ତି, ଯାହା ଗରିବ ଲୋକଙ୍କ ପାଇଁ ନ୍ୟାୟ ପାଇବାରେ ବାଧା ସୃଷ୍ଟି କରିଥାଏ। ଏହି ବହିରେ ପୂର୍ବତନ ସିଜେଆଇ ବିଆର ଗଭାଇଙ୍କ ମତକୁ ମଧ୍ୟ ଉଲ୍ଲେଖ କରାଯାଉଛି। ସେ ୨୦୨୫ ଜୁଲାଇରେ କହିଥିଲେ ଯେ ନ୍ୟାୟପାଳିକା ମଧ୍ୟରେ ହେଉଥିବା ଦୁର୍ନୀତି ଓ ଭୁଲ୍ କାର୍ଯ୍ୟ କାରଣରୁ ଜନସାଧାରଣଙ୍କ ବିଶ୍ୱାସ ତୁଟିଯାଉଛି। ଲୋକଙ୍କ ବିଶ୍ୱାସକୁ ପୁଣି ଫେରିପାଇବାକୁ ଓ ଜିତିବାକୁ ହେଲେ ନିର୍ଣ୍ଣାୟକ ଓ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ତେବେ ସିଜେଆଇଙ୍କ କଠୋର ଟିପ୍ପଣୀ ପରେ, ଏନ୍‌ସିଇଆରଟି ନିଜ ୱେବ୍‌ସାଇଟ୍‌ରୁ ଏହି ବହିର ଦ୍ୱିତୀୟ ଭାଗକୁ ହଟାଇ ଦେଇଛି। ଏପରିକି ଫେବୃଆରୀ ୨୪ରୁ ବହିର ଅଫ୍‌ଲାଇନ୍ ବିକ୍ରି ମଧ୍ୟ ବନ୍ଦ କରି ଦିଆଯାଇଥିବା ରିପୋର୍ଟ ମିଳିଛି। ଖଣ୍ଡପୀଠରେ ଥିବା ଜଷ୍ଟିସ୍ ବାଗଚୀ କହିଛନ୍ତି ଯେ, ଏହି ବିଷୟବସ୍ତୁ ସମ୍ବିଧାନର 'ମୌଳିକ ସଂରଚନା' ବିରୋଧୀ ପରି ମନେ ହେଉଛି।

### ୬ଟି ନାଁ ଦିଲ୍ଲୀ...

ସଭାପତି ପୂର୍ଣ୍ଣିମା କେର୍କେଟାଙ୍କୁ ରାଜ୍ୟସଭା ସମ୍ଭାବ୍ୟ ପ୍ରାର୍ଥୀ ସୂଚୀରେ ସାମିଲ କରାଯିବା ଦଳର ଅନେକ ବରିଷ୍ଠ ମହିଳା ନେତ୍ରୀଙ୍କୁ ନିରାଶ କରିଛି । କେବଳ ମହିଳାଙ୍କ ନାମ ସୁପାରିସ ପାଇଁ ସେମାନଙ୍କ ନାମ ସୁପାରିସ କରାଯାଇଛି; ନା ଏହା ପଛରେ ଆନ୍ତରିକତା ଅଛି ବୋଲି ମଧ୍ୟ କେହିକେହି ପ୍ରଶ୍ନ କରିଛନ୍ତି । ଏପରିକି ଏହି ଏମାନଙ୍କ ପ୍ରାର୍ଥିତ୍ୱ ସୁପାରିସ ଦ୍ୱାରା ଅନ୍ୟ ମହିଳା ନେତ୍ରୀ ଉପେକ୍ଷିତ ହୋଇଥିବା ମଧ୍ୟ ଆଲୋଚନା ଚାଲିଛି । ପୁନଶ୍ଚ କୌଣସି ରାଜନୈତିକ ଅଭିଜ୍ଞତା ନ ଥିବା ସତ୍ତ୍ୱେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୟାରେ ରାଜ୍ୟସଭାକୁ ନିର୍ବାଚିତ ସୁଜିତ୍ କୁମାର ବିଜେପିରେ ଯୋଗଦାନ ପରେ ପୁନର୍ବାର ତାଙ୍କ ନାମ ସୁପାରିସ ଅନେକ ନେତାଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ରାଜ୍ୟସଭା ସଦସ୍ୟ ଥିବା ଦୃଷ୍ଟିରୁ ଯଦି ସୁଜିତ୍ କୁମାରଙ୍କୁ ପୁନର୍ବାର ରାଜ୍ୟସଭା ପ୍ରାର୍ଥୀ କରାଯିବ, ତେବେ ମମତା ମହାନ୍ତଙ୍କୁ କାହିଁକି ବାଦ ଯିବ ବୋଲି ମଧ୍ୟ ପ୍ରଶ୍ନ ଉଠିଛି । ସେହିପରି ଗତ ନିର୍ବାଚନରେ ଦଳୀୟ ଟିକଟରୁ ବଞ୍ଚିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ କାହିଁକି ପ୍ରାର୍ଥୀ କରାଯିବ ନାହିଁ ବୋଲି ମୟୂରଭଞ୍ଜର ଅନେକ ନେତା ପ୍ରଶ୍ନ କରୁଛନ୍ତି।

ଅପରପକ୍ଷରେ ଗତ ନୂଆପଡ଼ା ଉପନିର୍ବାଚନ ସମୟରେ ପୂର୍ବତନ ରାଜ୍ୟ ବସନ୍ତ ପଣ୍ଡାଙ୍କୁ ଦଳ ଦେଇଥିବା ପ୍ରତିଶ୍ରୁତି ଦୃଷ୍ଟିରୁ ତାଙ୍କ ନାମ ରାଜ୍ୟସଭା ପାଇଁ ସୁପାରିସ କରାଯାଇଛି ଏବଂ ଦଳ ପାଇଁ ନିଜର ସମର୍ପିତ ଜୀବନ ପାଇଁ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନାମକୁ ବିଚାର କରିବାକୁ ସୂଚୀରେ ସାମିଲ କରାଯାଇଥିବା କୁହାଯାଉଛି । ଅନୁରୂପ ଭାବରେ ରାଜ୍ୟରେ ଦଳକୁ କ୍ଷମତାର ସ୍ୱାଦ ଚଖାଇଥିବା ଦୃଷ୍ଟିରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ପୁରସ୍କୃତ କରିବା ପାଇଁ ତାଙ୍କ ନାମକୁ ସୁପାରିସ ସୂଚୀରେ ଶୀର୍ଷରେ ରଖାଯାଇଛି । ରାଜ୍ୟସଭା ପାଇଁ ସେ ସବୁଠାରୁ ଯୋଗ୍ୟତମ ବ୍ୟକ୍ତି ବୋଲି ରାଜ୍ୟ ବିଜେପି କୋର କମିଟି ବିଚାର କରୁଛି। ମାତ୍ର କୌତୂହଳର ବିଷୟ ହେଉଛି ମନମୋହନ ନିଜେ କୁଆଡ଼େ ରାଜ୍ୟସଭାକୁ ଯିବା ନିମନ୍ତେ ବିଶେଷ ଆଗ୍ରହୀ ନ ଥିବା ତାଙ୍କ ନିକଟତମ ମହଲରେ ଆଲୋଚନା ହେଉଛି ।

### ନାବାଳିକା ଝିଅ...

କରିଥିଲା। ମା ପାଖରେ ଶୋଇଥିବା ୧୪ ବର୍ଷର ପୁଅ ଏହାନ ଉଠି ପଡ଼ିବାରୁ ଆଦି ନାରାୟଣ ତାକୁ ଜୋରରେ ଧରିବା ପରେ ପ୍ରୀତ ଗଳା କାଟି ହତ୍ୟା କରିଥିବା ବିଷୟ ଅଭିଯୁକ୍ତ ମାନେ ପୁଲିସ ନିକଟରେ ସ୍ୱୀକାର କରିଥିବା ଏସ୍‌ପି ରୋହିତ ବର୍ମା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଉଭୟଙ୍କୁ ହତ୍ୟା ପରେ ଅନୁଷ୍କାଙ୍କ ସ୍କୁଟିରେ ମୃତଦେହ ଗୁଡ଼ିକ ନେଇ କେନାଲରେ ଫିଙ୍ଗି ଦେଇଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ନାବାଳିକା ଝିଅ ମା ଓ ଭାଇ ନିଖୋଜ ଥିବା ନାଟକ କରିଥିଲା। ଅନୁଷ୍କା ଓ ତାଙ୍କ ପୁଅ ନିଖୋଜ ଥିବା ଖବର ଶୁଣି ଅନୁଷ୍କାଙ୍କ ଭାଇ ସତ୍ୟବ୍ରତ ପାତ୍ର ୨୧ ତାରିଖରେ ବୋରିଗୁମ୍ମା ଥାନାରେ ମାଆ ପୁଅ ନିଖୋଜ ନେଇ ଏକ ଲିଖିତ ଅଭିଯୋଗ କରିଥିଲେ। ବୋରିଗୁମ୍ମା ପୁଲିସ ତଦନ୍ତ ଚଳାଇ ଥିବା ବେଳେ ସୋମବାର କୋଟପାଡ଼ ଥାନା ଅନ୍ତର୍ଗତ ଅଣ୍ଡିରା ମୁଣ୍ଡା କେନାଲରେ ଏକ ଅଖାରେ ଶବ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ତୁରନ୍ତ ଅଗ୍ନିଶମ ବିଭାଗ ଏବଂ ସାଇଣ୍ଟିଫିକ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତାହା ନିଖୋଜ ଏହେମ ପରିଡାର ବୋଲି ଚିହ୍ନଟ କରିଥିଲା।

ମଙ୍ଗଳବାର ଦିନ ଜୟନ୍ତିଗିରି କେନାଲରୁ ଅନୁଷ୍କାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉଭୟଙ୍କ ଶବ ମିଳିବା ପରେ ପୁଲିସ ନାବାଳିକା ଝିଅ ସହ ଅଭିଯୁକ୍ତ ପ୍ରେମିକ ପି ଆଦି ନାରାୟଣଙ୍କୁ ଜେରା କରିବା ପରେ ସମସ୍ତ ତଥ୍ୟ ପଦାକୁ ଆସିଥିଲା। ପୁଲିସ ହତ୍ୟାରେ ବ୍ୟବହୃତ ଛୁରୀ, ଅନୁଷ୍କାଙ୍କ ସ୍କୁଟି, ରକ୍ତ ଛିଟା ଥିବା କେତେକ ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରା ଯାଇଥିବା ବେଳେ ନାବାଳିକାକୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରା ଯାଇଥିବା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ୬୦ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରି ଅଭିଯୁକ୍ତ ମାନଙ୍କୁ ଦଣ୍ଡ ବିଧାନ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ପି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବୋରିଗୁମ୍ମା ଏସଡିପିଓ ଏବଂ ଥାନା ଅଧିକାରୀ ଉପସ୍ଥିତ ଥିଲେ।

## AFFIDAVIT

By virtue of an Affidavit before Notary Public, Malkangiri, I **Santi Musaki,** aged about 24 Years, W/o.: Irma Musaki, D/o: Bhia Sodhi, resident of village: Kadabahal, PO.: Goudaguda, P.S./Dist.: Malkangiri, Odisha, declare by this Affidavit No.: 497/ 2026, Dated: 25/02/2026 that I have changed my name from **Santi Sodhi @ Shanti Sodhi to Santi Musaki**. Henceforth I shall be known as **Santi Musaki** for all future purposes.

## AFFIDAVIT

We, Nitusmita Das, W/o- Tapas Kumar Bhol and Tapas Kumar Bhol, S/O-Late Gopal Bhol of At-Matiali(Natapada), PS-Berhampur, Tahasil-Nilagiri, Dist-Balasore, Odisha, At Present At-Padhuanpada,Ps-Sahadevkhunta,Po/Dist-Balasore,Odisha ,declare by this affidavit before In the Court of SRI B.B.Dutta. (ORS) Executive Magistrate, Balasore,Vide No-1284, Dtd-19.02.2026, that now onwards our daughter Manyata Das will be known as **MANYATA DAS BHOL**, D/o-Tapas Kumar Bhol(Father) and D/o-Nitusmita Das(Mother) for all future purposes.

## AFFIDAVIT

I, **Debashish Jena,** aged about 24 years, S/o-Debendra Jena, resident of At/Po: Ghagara, PS: Nikirai, Dist: Kendrapara, PIN: 754214, Odisha declared that, I have corrected my father's name from **Debendra Kumar Jena** to **Debendra Jena** & corrected my mother's name from **Arnapurna Jena** to **Annapurna Jena,** vide affidavit CF No. 38, dtd-24/02/2026 before the Executive Magistrate, Bhubaneswar, Odisha.

## NOTICE (FOR MINOR)

By virtue of an affidavit sworn before **Notary Public, Udala, Mayurbhanj, dated 05.01.2026**, I, **Dibakar Murmu,** Address AT-Dighi Nuasahi, PO-Jaida, PS-Udala, Dist- Mayurbhanj, PIN-757041 declare that I have changed the name of my son from Samu Murmu to Shyam Murmu . Henceforth, he shall be known as **Shyam Murmu** for all purposes.

**Dibakar Murmu**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 140, dated 02.02.2026 I, TRINATH MALI, S/o - Bhagaban Mali, Permanent Resident of Village - Ekamba, Po- Nandahandi, Ps-Nabarangpur , Dist-Nabarangpur, Odisha, Pin - 764078, declare that I have changed the name of my Son from TAPICHANDAN MALI to CHANDAN MALI. Henceforth, he shall be known as **CHANDAN MALI** for all purposes.

**Sd/- Trinath Mali**

## WANTED

A well-established firm invites applications for the following positions:

**1. Senior Accountant - (1 No.)**
Experience : 10 yrs. above

**2. Junior Accountant - (1 No.)**
Experience : 2-5 yrs. above

**3. Supervisor - (2 Nos.)**
Experience : 2-5 yrs. above

**4. Sales Executive - (1 No.)**
Experience : 2-5 yrs. above

**Salary: Best in the industry** | **Location : Bhubaneswar**

Interested candidates can send their CV to
**Email: 19sanatang@gmail.com**

**Contact**
**7978386707**

## AFFIDAVIT

I KABITA AGRAWAL, W/o Ghanshyam Das Agarwal, R/O-QTR No: EM-61 Basanti Colony, Rourkela, Dist- Sundargarh, State- Odisha, Pin-769012 declare by this **affidavit No-A/54, dated 25.02.2026** sworn before **Executive Magistrate, Rourkela,** that now onwards I shall be known as **KABITA AGARWAL** for all future purposes.

**(KABITA AGARWAL)**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 394, dated 25.02.2026 I, JUDHASTI MALI, S/o - Banamali Mali, Permanent Resident of Village - S. Maliguda, Po- Sindhigam, Ps- Nabarangpur, Dist-Nabarangpur, Odisha, Pin - 764063, declare that I have changed the name of my Daughter from NIAHRIKA MALI to NEHARIKHA MALI. Henceforth, She shall be known as **NEHARIKHAMALI** for all purposes.

**Sd/- Judhasti Mali**

## AFFIDAVIT

By virtue of an affidavit sworn before the Executuve Magistrate, Nabarangpur, Vide no- 147, dated. 02.02.2026 I, DURYANN GOUDA , S/o- Khagapati Gouda, Permanent Resident of Village - Tanda, Po.- Jambaguda, Ps.-Papadahandi , Dist- Nabarangpur, Odisha, Pin - 764059, declare that I have changed my name from DURYANN MAJHI to DURYANN GOUDA. Henceforth, I shall be known as **DURYANN GOUDA** for all purposes.

**Sd/- Duryann Gouda**

## AFFIDAVIT

By virtue of an affidavit **No.117** before the **Executive Magistrate, Gania, dtd. 24.02.2026.** I, **Dillip Kumar Paschimira,** S/o-Ramachandra Lenka, At-Khalisara, Po: Balaramaprasad, Ps: Gania, Dist- Nayagarh, Odisha, Pin-752085 hereby declare that I have changed my name from **Shankar Lenka to Dillip Kumar Paschimira.** Henceforth, I shall be known as **Dillip Kumar Paschimira** for all future purposes.

## WANTED

A well-established firm invites applications for the following position

**Tele Sales Executive**
**Out Bound Uk process**
Good English Speaking
**Salary: 10k to 20k**
depend upon experience

Interested candidates can send their CV to
**Email: pin24u@gmail.com**

**9776245778**
**7752003261**

**Location: Bhubaneswar**

## LOST

I, **Paramananda Nag,** aged 57 years, S/o Late Nilambar Nag, resident of Village: Khajurpada, PO: Sirol, PS: Titilagarh, Dist: Balangir, Odisha, do hereby declare that I am the owner of the Registered Sale Deed No. 998 of 1998 (Book No. 1, Vol. No. 24, Pages 34 to 39) , registered before the Sub-Registrar, Titilagarh. On 07/01/2026, at approximately 7:30 AM, while traveling toward Titilagarh, I lost a bag containing the aforementioned Regd. Sale Deed (No. 998/1998) and other important documents. If found, please contact me at my residential address or return the documents to the nearest police station. I hereby declare that I shall not be held responsible for any misuse of these documents by any unauthorized person.

---

ଅଧକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ ୧, ଭୁବନେଶ୍ୱର
34001/124/2526

**OFFICE OF THE SUPERINTENDING ENGINEER**
**BHUBANESWAR (R & B) DIVISION NO. I, BHUBANESWAR**
Email: eebbsr1@yahoo.co.in

**INVITATION FOR BIDS (IFB)**
No-1553, Date- 19.02.2026
**Bid Identification No. C.C. (R&B)-01**
**e-Procurement Notice No. 115 of 2025-26**

| | | |
|---|---|---|
| 1 | Name of the Work | E.I Work |
| 2 | Total No. of Work | 06 Nos Work |
| 3 | Estimated Cost | i) Rs. 21,49,598.00 (Excluding GST) ii) Rs. 15,66,532.00 (Excluding GST) iii) Rs. 25,74,990.00 (Excluding GST) iv) Rs. 24,32,408.00 (Excluding GST) v) Rs. 6,75,672.00 (Excluding GST) vi) Rs. 7,94,184.00 (Excluding GST) |
| 4 | Class of Contractor | 1) SL No.(i), (iv) and (v): Manufacturer/Authorised dealer having MOU with M.V / H.T Electrical Contractor or MV/HT Electrical Contractor having Authorisation (Make: Thyssenkrupp) 2) SL No.(ii), (iii), and (vi): Manufacturer/Authorised dealer having MOU with M.V / H.T Electrical Contractor or MV/HT Electrical Contractor having Authorisation (Make: OTIS) |
| 5 | Period of Completion | 1) SL No.(i), (ii), (iii): 11 (Eleven) Calendar Months 2) SL No.(v) and (vi): 12 (Twelve) Calendar Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 12.00 Hours of 26.02.2026 to 14.00 Hours of 09.03.2026 |
| 8 | Last Date & Time for Receipt of bids in the portal | 09.03.2026 up to 14.00 hrs |
| 9 | Name & Address of the Officer inviting Bid | Superintending Engineer, Bhubaneswar (R&B) Division No.I, Bhubaneswar |

Further details can be seen from the e-procurment portal https://tendersorissa.gov.in
N.B: Subsequent Corrigendum/addendum if required shall be available in the website as indicated above.

OIPR-34001/34076/1/25-26/0002

Sd/-Er. Prabhudatta Pradhan
Superintending Engineer
Bhubaneswar (R&B) Division No.I, BBSR

---

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B)**
**NIRMAN SOUDHA BHUBANESWAR**
34001/126/2526
E-mail: seec.bbsr2010@gmail.com

**Bid Identification No. S.E.E.C (R&B) 34/2025-26**
No. 781 / Date 25.02.2026

The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: https://tendersorissa.gov.in. The details of bid documents will be available in the above website from dt. 02.03.2026 at 05.00 P.M. to dt. 11.03.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 12.03.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum / Corrigendum, if required, will be available only in the Website.

OIPR-34001/34006/1/25-26/0022

Sd/- Superintending Engineer
Electrical Circle (R&B), Odisha, BBSR

---

**Office of the Superintending Engineer**
Telengiri Canal Division, Ambaguda
Dist: Koraput, Pin: 764055
Mail: setcdambaguda@gmail.com
32001/142/2526

**SHORT QUATATION CALL NOTICE NO. 10/25-26 DATE: 23.02.2026**

Sealed quotation in plain paper are invited by the undersigned from the reputed authorized firms/dealers or registered agencies for **Furnishing the U.K.P Guest House at Bariniput**. The sale and receive of quotation shall start from dt: **25.02.2026 at 11:00 hr** and to reach in this office at **15.00 hr on dated 05.03.2026** and will be opened on dated **05.03.2026 at 15:30 hr** in the presence of suppliers or their authorized agents. Attested copies of valid **STCC (GSTIN)** and **ITCC (PAN CARD)** along with **1% E.M.D.** of their quoted amount in shape of **N.S.C./KVP/P.P.I.D** duly pledged in favour of **Superintending Engineer, Telengiri Canal Division, Ambaguda** are to be submitted along with quotation, failing which the quotation are liable to be rejected. Conditional offer are also not accepted. E.M.D. from other works is also not entertained. The authority reserves the right to reject any or all quotations without assigning any reason thereof.

| Sl. No. | Description of Items | Unit | Quantity |
|---|---|---|---|
| 1 | V-Guard Sieta Plus 10lts Geyser | Each | 2.00 |
| 2 | Orient Rapid Air 1200mm C. Fan | Each | 10.00 |
| 3 | King Size Bed 78*72 | Each | 3.00 |
| 4 | King Size Mattress 78725 | Each | 4.00 |
| 5 | Dressing Table | Each | 4.00 |
| 6 | Centre Table | Each | 4.00 |
| 7 | Dinning Set (6+1) | Set | 1.00 |
| 8 | Supreme ornate Chair | Each | 8.00 |

Sd/-Superintending Engineer
Telengiri Canal Division

OIPR-32001/32434/1/25-26/0003

---

## ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ନିମନ୍ତେ ଦୃଷ୍ଟି ଆକର୍ଷଣ

ଏତଦ୍ୱାରା ସମସ୍ତ ବନସୁରକ୍ଷା ସମିତି ଓ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ବିନୀତ ଅନୁରୋଧ:

୧- ଦୟାକରି ଜଙ୍ଗଲରେ ବା ଜଙ୍ଗଲ ନିକଟବର୍ତ୍ତୀ ଜାଗାରେ ନିଆଁ ଲଗାନ୍ତୁ ନାହିଁ | ସାମାନ୍ୟ ନିଆଁ ସଂପୂର୍ଣ୍ଣ ଜଙ୍ଗଲକୁ ଧ୍ୱଂସ କରି ପାରେ ଓ ଏହା ଜୀବଜନ୍ତୁଙ୍କ ପାଇଁ ବିପଦ ଆଣିପାରେ | ଜଙ୍ଗଲ ନିଆଁର ପ୍ରାଦୁର୍ଭାବ ଅତି ଭୟାନକ ହୋଇପାରେ, ଏହା ଆପଣଙ୍କ ଅଞ୍ଚଳର ତାପମାତ୍ରା ବଢାଇବା ସହିତ ବର୍ଷାରେ ବିଳମ୍ବ କରିଥାଏ |

୨- ନିଆଁ ଲାଗିଥିବାର ଦେଖିଲେ ତାକୁ ଗାଁ ଲୋକ ମିଶି ଲିଭାଇ ଦିଅନ୍ତୁ ଓ ବନଖଣ୍ଡ କଣ୍ଟ୍ରୋଲ ରୁମ ନମ୍ବର ୯୪୩୭୧୧୮୪୩୮ରେ ସୂଚନା ଦେଇ ନିଆଁ ଲିଭାଇବାରେ ସାହାର୍ଯ୍ୟ କରନ୍ତୁ |

୩- ମହୁଲ ଗୋଟାଇବା ପାଇଁ ଗଛ ମୂଳରେ ନିଆଁ ନ ଲଗାଇ ଏହାକୁ ଝାଡୁ ଦ୍ୱାରା ସଫା କରି ମହୁଲ ସଂଗ୍ରହ କରନ୍ତୁ |

୪- ମଜା ଦେଖିବା ପାଇଁ ଜଙ୍ଗଲ ତଳ ଅଞ୍ଚଳରେ ନିଆଁ ଲଗାନ୍ତୁ ନାହିଁ । ଏହା ଜଙ୍ଗଲକୁ ବ୍ୟାପି କ୍ଷତି କରିପାରେ ।

୫- ବନ୍ୟ ଜନ୍ତୁ ଶିକାର ପାଇଁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ | ବନ୍ୟଜନ୍ତୁ ଶିକାର ଏବଂ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଅଟେ ।

୬- କୌଣସି ବ୍ୟକ୍ତି ନିଆଁ ଲଗାଉଥିବାର ଧରାପଡିଲେ ଜଙ୍ଗଲ ବିଭାଗକୁ ଖବର ଦିଅନ୍ତୁ ।

୭- ବନ ସୁରକ୍ଷା ସମିତିର ଜାଗା ଓ ଏହାର ଆଖପାଖ ଅଞ୍ଚଳରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କଠାରୁ ଭି.ଏସ.ଏସ.ର ସଭ୍ୟମାନେ ଜୋରିମାନା ଆଦାୟ କରିପାରିବେ ଓ ଏହା ଆପଣଙ୍କ ଭି.ଏସ.ଏସ. ପାଣ୍ଠିରେ ଜମା କରିପାରିବେ ।

**ବନଖଣ୍ଡ ଅଧିକାରୀ,**
**ନୟାଗଡ଼ ବନଖଣ୍ଡ**

---

## ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

**ଉଦ୍ୟାନ ବିଭାଗ ଫଳ ବଗିଚା ନିଲାମ ଇସ୍ତାହାର** 1001/36/2526

ଚଳିତ ବର୍ଷ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ପାନପୋଷ/ବଣେଇ ଓ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁନ୍ଦରଗଡ ଅଧୀନରେ ଥିବା ସରକାରୀ ଫଳ ବଗିଚାର ଆମ୍ବ, ଲିଚୁ ଓ ପଣସ ଫଳ ବିକ୍ରୟ ପାଇଁ ଜମାମୂଳକ ସର୍ଟ ଟେଣ୍ଡର ଆହ୍ୱାନ କରାଯାଇଛି । ଟେଣ୍ଡର ଫର୍ମ ଓ ସର୍ତ୍ତାବଳୀ ଟଙ୍କା ୫୦/- ବିନିମୟରେ କାର୍ଯ୍ୟାଳୟରୁ ମିଳିବ ଏବଂ ନିର୍ଦ୍ଦିଷ୍ଟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ସୁନ୍ଦରଗଡ ) ରେ ଉଦ୍ୟାନ ଉପନିର୍ଦ୍ଦେଶକ, ସୁନ୍ଦରଗଡ ନାମରେ ଦାଖଲ କରିବେ । ଆବେଦନଗୁଡିକ ୧୨.୦୩.୨୦୨୬ ରିଖ ଅପରାହ୍ନ ୫ଟା ସୁଦ୍ଧା ପୋଷ୍ଟ/ କୋରିଅର ମାଧ୍ୟମରେ ପହଞ୍ଚିବା ଆବଶ୍ୟକ ଏବଂ ୧୩.୦୩.୨୦୨୬ ରେ ନିଲାମଧାରୀ ଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ । ଆଗ୍ରହୀ ନିଲାମଧାରୀମାନେ ୧୧.୦୩.୨୦୨୬ ପର୍ଯ୍ୟନ୍ତ ସକାଳ ୧୦ଟାରୁ ଅପରାହ୍ନ ୪ଟା ମଧ୍ୟରେ ଫଳ ବଗିଚା ପରିଦର୍ଶନ କରିପାରିବେ|

| କ୍ର. ନଂ. | ସହକାରୀ ଉଦ୍ୟାନ ନିର୍ଦ୍ଦେଶକ/ ସହକାରୀ ଉଦ୍ୟାନ ଅଧିକାରୀଙ୍କ ନାମ | ଫଳ ବଗିଚାର ନାମ ଓ ଠିକଣା | ଫଳ ଗଛ ସଖ୍ୟା | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ସ୍ଥାନ ଓ ସମୟ |
|---|---|---|---|---|---|
| ୧ | ପାନପୋଷ | ଏଚ.ଡି.ଏନ. ପାନପୋଷ | ଆମ୍ବ- ୪୧୦ | ଟ.୫୦୦୦/- | ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ତା.୧୩.୦୩.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା |
| ୨ | ବଣେଇ | ଫଳ ବଗିଚା, କେନ୍ଦୁଡିହି | ଆମ୍ବ - ୪୨୫ | ଟ.୭୦୦୦/- | |
| | | ଫଳ ବଗିଚା, କୁଜିପୋଷ | ଆମ୍ବ - ୨୮ | ଟ.୫୦୦୦/- | |
| | | | ଲିଚୁ - ୧୭ | ଟ.୨୫୦୦/- | |
| | | ଫଳ ବଗିଚା, ତାଳବାହାଲି | ଆମ୍ବ - ୯୬ | ଟ.୬୦୦୦/- | |
| | | | ଲିଚୁ - ୩୨ | ଟ.୨୫୦୦/- | |
| ୩ | ସୁନ୍ଦରଗଡ | ପ୍ରୋଜେନି ଅର୍ଚାଡ, ସୁନ୍ଦରଗଡ | ଆମ୍ବ - ୪୪୮ | ଟ.୪୦୦୦/- | |
| | | | ପଣସ - ୯ | ଟ.୫୦୦/- | |
| ୪ | ଲେଫ୍ରିପଡା | ସ୍କୁନିଟ ଅର୍ଚାଡ, ଲେଫ୍ରିପଡା | ଆମ୍ବ - ୧୫ | ଟ.୫୦୦/- | |
| | | | ପଣସ - ୮ | ଟ.୫୦୦/- | |

OIPR-1001/1381/1/25-26/0001

ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ
ସୁନ୍ଦରଗଡ

# ଆବାସ କାର୍ଯ୍ୟ ଶେଷ ପାଇଁ ହିତାଧିକାରୀଙ୍କୁ କଡ଼ା ତାଗିଦ୍



ନନ୍ଦପୁର,୨୫।୨(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ନନ୍ଦପୁର ବ୍ଲକ୍‌ର ଆବାସ ହିତାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ । ଚଳିତ ମାର୍ଚ୍ଚ ମାସ ଶେଷ ତାରିଖ ସୁଦ୍ଧା ଆବାସ ଗୃହ ନିର୍ମାଣ ଶେଷ ନ କଲେ ସରକାରୀ ଯୋଜନାରୁ ବାଦ୍ ଦିଆଯିବ ବୋଲି ଚେତନାବନୀ ଦିଆଯାଇଛି। ଏହିପରି କଡ଼ା ନିର୍ଦ୍ଦେଶ ସହ ନୋଟିସ ଅଧାପନ୍ତରିଆ ଗୃହ କରିଥିବା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୂଚିତ ଯେ ୨୦୨୧, ୨୦୨୨,୨୦୨୪ ଓ ୨୦୨୫ ଆର୍ଥିକ ବର୍ଷରେ ନନ୍ଦପୁର ବ୍ଲକର ମୋଟ ୩୩୯୩ ହିତାଧିକାରୀଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥଲା। ସେଥି ମଧ୍ୟରୁ ୧୦୦୩ଟି ଆବାସ ଗୃହ ଆଜି ସୁଦ୍ଧା ଅସଂପୂର୍ଣ୍ଣ ହୋଇଥିବା ବେଳେ ସରକାର ଓ ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ପ୍ରଥମ ପର୍ଯ୍ୟାୟ ଗୃହ କାର୍ଯ୍ୟ ଶେଷ ପାଇଁ ବୁଝାସୁଝା କରାଯିବା ପରେ ବର୍ତ୍ତମାନ ଘର ଘର ବୁଲି ଆବାସ ନିର୍ମାଣ ପାଇଁ ହିତାଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେବା ସହ ରେଡ୍ ଆଲର୍ଟ ଜାରି କରାଯାଇଛି। ସିଧା ସିଧା ଚଳିତ ମାର୍ଚ୍ଚ ଶେଷ ସୁଦ୍ଧା ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନୋଟିସ ଜାରି କରିଛି ପ୍ରଶାସନ । ନଚେତ୍ ମାର୍ଚ୍ଚ ପର ଠାରୁ ସରକାରୀ ଯୋଜନାରୁ ପାଉଥିବା ସମସ୍ତ ଯୋଜନାରୁ ବାଦ୍ ଦିଆଯିବା ନେଇ ତାଗିଦ୍ କରାଯାଇଛି। ମଙ୍ଗଳବାର ଏକ ସ୍ଵତନ୍ତ୍ର ଦଳ ନନ୍ଦପୁର ବ୍ଲକ୍ ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କ ନେତୃତ୍ୱରେ ବିପିସି ପବିତ୍ର କୁମାର ସାହୁ, ବିପିଏ ସୁରେଶ୍ ବାଙ୍କିଆ , ବିଆର୍‌ସି ନବୀନ ଲିମା ପ୍ରମୁଖ ବାଡେଲ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମର ଆବାସ ହିତାଧିକାରୀଙ୍କ ଘର ଘର ବୁଲି ତୁରନ୍ତ ଗୃହ ନିର୍ମାଣ ଶେଷ କରିବାକୁ ନୋଟିସ କରିଥିଲେ। ଏହି ସମୟରେ ବାଡେଲ ସରପଞ୍ଚ ତୁଳା ହଂସାଙ୍କ ସହ କାର୍ଯ୍ୟନିର୍ବାହୀ ଅଧିକାରୀ ସୀମାଦ୍ରି କ୍ରିସାନି, ଯୁବ ସାମାଜିକ କର୍ମୀ ନୀଳାମ୍ବର ହଂସାଙ୍କ ସମେତ ପଞ୍ଚାୟତ ୱାର୍ଡ ସଭ୍ୟ ମାନେ ମଧ୍ୟ ଉପସ୍ଥିତ ରହି ଆବାସ ହିତାଧିକାରୀ ତୁରନ୍ତ ଗୃହ ନିର୍ମାଣ ଶେଷ କରିବାକୁ ବୁଝାସୁଝା କରିଥିଲେ।

# ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ




ରାୟଗଡ଼ା,୨୫।୨(ସମିସ): ଦେଶରେ ଶ୍ରମିକ ମାନଙ୍କର ଦୀର୍ଘ ଦିନର ବିଭିନ୍ନ ସମସ୍ୟା ଓ ଦାବି ଗୁଡିକର ସମାଧାନ ପାଇଁ ଭାରତୀୟ ମଜଦୁର ସଂଘ (ବିଏମଏସ) ୨୫ ଫେବୃଆରୀ ୨୦୨୬କୁ ସାରା ଦେଶରେ ପ୍ରତିବାଦ ଦିବସ ଭାବେ ପାଳନ କରୁଛି । ଏହି ଅବସରରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ସମସ୍ତେ ଏକତ୍ରିତ ହୋଇ ରାୟଗଡ଼ା ସହରର ବ୍ଲକ କଲୋନୀ ସ୍ଥିତ ମାଁ କାଳୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ସହାୟିକା ଜିଲ୍ଲାପାଳ ଲିପ୍ସା ପଟେଲଙ୍କୁ ପ୍ରଦାନ କରାଯାଇଛି। ଭାରତୀୟ ମଜଦୁର ସଂଘର ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଯୋଗ ଦେଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଜୟନ୍ତୀ ପଦ୍ମାଳୟା ସାହୁ , ଉଷା ରାଣୀ ଦାଶ , ମମତା ବିଶ୍ୱାଳ , ଗୀତାଞ୍ଜଳି ହିଆଲ , ସୁରେଶ ସାହୁ , ତମାଳ ସାହୁକାର , ନିରଞ୍ଜନ ସେନାପତି , ସୁନ୍ଦର ରାଓ କାଡାରାକା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଏମଏସ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱର୍କରର୍ସ ଆସୋସିଏସନ, ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ, ରାୟଗଡ଼ା ଜିଲ୍ଲା ସିକ୍ୟୁରିଟି ୟୁନିଅନ, ରାୟଗଡ଼ା ଜିଲ୍ଲା ହସ୍ପିଟାଲ କର୍ମଚାରୀ ସଂଘ, ପାଚିକା ସଂଘ , ରାୟଗଡ଼ା ଜିଲ୍ଲା ସଫେଇ ମଜଦୁର ସଂଘ ଭଳି ଅନ୍ୟାନ୍ୟ ସଂଘର ସମସ୍ତ ନେତୃବୃନ୍ଦ ସହ ଶ୍ରମିକ ଭାଇ ଭଉଣୀ ଯୋଗ ଦେଇଥିଲେ। ଆଜି ପ୍ରଦାନ କରାଯାଇଥିବା ଦାବି ମଧ୍ୟରେ ଶ୍ରମ ଆଇନ କଡାକଡି ଭାବେ ଲାଗୁ କରିବା, ଶିଳ୍ପ ସମ୍ପର୍କ କୋଡ୍ ୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ସ୍ଥିତି କୋଡ୍, ୨୦୨୦ ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ କରିବା, ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଶୀଘ୍ର ଭାରତୀୟ ଶ୍ରମ ସମ୍ମିଳନ କରିବା, ସମସ୍ତ ସ୍କିମ୍ ୱାର୍କର ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରିବା, ଇପିଏସ -୯୫ରେ ଥିବା ସର୍ବନିମ୍ନ ପେନ୍‌ସନ୍ ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି ସହିତ ମହଙ୍ଗା ଭତ୍ତା ପ୍ରଦାନ କରିବା, ବ୍ୟାଙ୍କିଙ୍ଗ୍ ଶିଳ୍ପରେ ୫-ଦିନିଆ କାର୍ଯ୍ୟ ସପ୍ତାହ ପ୍ରଚଳନ କରିବା, ଶ୍ରମିକଙ୍କ ସୁବିଧା ପାଇଁ ଇଏସଆଇ ଏବଂ ଇପିଏଫରେ ଥିବା ସୀମା ବୃଦ୍ଧି କରିବା, ବର୍ତ୍ତମାନର ମଜୁରୀସ୍ତର ସହିତ ସମାନତା ରଖି ବୋନସ୍ ପ୍ରଦାନ ଆଇନ , ୧୯୬୫ ଅନୁଯାୟୀ ବୋନସ୍ ସୀମାକୁ ବୃଦ୍ଧି କରିବା, ଭାରତୀୟ ସମ୍ବିଧାନ ଧାରା ୧୪, ୧୫, ୧୬ ଏବଂ ୨୧ ଅନୁଯାୟୀ ସ୍କିମ୍ ୱାର୍କର ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ନିୟମିତ କରିବା, ସାଧାରଣ ନିଯୁକ୍ତି ଉପରେ ଥିବା ନିଷେଧାଦେଶକୁ ତୁରନ୍ତ ହଟାଯାଇ ଚାକିରିର ସୁରକ୍ଷା ସହିତ ଗ୍ୟାରେଣ୍ଟିଯୁକ୍ତ ନିଯୁକ୍ତି ନିଶ୍ଚିତ କରିବା, ସେବା ସର୍ତ୍ତାବଳୀରେ ଥିବା ଅନିଶ୍ଚିତତା ଏବଂ ଅସୁରକ୍ଷିତତା ଦୂର ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ନୂତନ ଏସ୍‌ଡିପିଓ ଆଇପିଏସ୍ ଅର୍ଚ୍ଚିତାଙ୍କ କାର୍ଯ୍ୟଭାର ଗ୍ରହଣ

ଜୟପୁର,୨୫ ।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ଏସ୍‌ଡିପିଓ ଭାବେ ନୂତନ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ଅର୍ଚ୍ଚିତା ମିତ୍ତଲ ଆଜି ଏସ୍‌ଡିପିଓ କାର୍ଯ୍ୟାଳୟର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭାରତୀୟ ପ୍ରଶାସନିକ ସେବା ୨୦୨୨ ବ୍ୟାଚର ଅଧିକାରୀ ନୂତନ ଏସ୍‌ଡିପିଓ ଅର୍ଚ୍ଚିତା ଏହା ପୂର୍ବରୁ ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏଏସପି ଭାବେ ନିଜର ଟ୍ରେନିଂ ସମାପ୍ତ କରିଥିଲେ। ଏହିପରି ଜୟପୁର ପୁଲିସ ଉପଖଣ୍ଡରେ ରହିଥିବା ୫ଟି ଥାନାର



ଆଇନଶୃଙ୍ଖଳା ବ୍ୟବସ୍ଥା କିଭଳି ନିୟନ୍ତ୍ରଣରେ ରହିବେ, ସେଥିପ୍ରତି ସ୍ୱତନ୍ତ୍ର ପଦକ୍ଷପ ଗ୍ରହଣ କରିବେ ବୋଲି ନୂତନ ଏସଡିପିଓ ଅର୍ଚ୍ଚିତା ମିତ୍ତଲ ପ୍ରକାଶ କରିଛନ୍ତି। ଗତକାଲି କୋରାପୁଟ ପୁଲିସ ମୁଖ୍ୟାଳୟରେ ଯୋଗଦେବା ପରେ ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ଜୟପୁର ଏସଡିପିଓ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ଏସ୍‌ଡିପିଓ ପାର୍ଥ କାଶ୍ୟପ ଜଗଦୀଶଙ୍କ ସହିତ ବିଭିନ୍ନ କାର୍ଯ୍ୟ ସମ୍ବନ୍ଧୀୟ ଆଲୋଚନା ପରେ କୋରାପୁଟ ଫେରି ଯାଇଥିଲେ। ଆଜି ପୂର୍ବାହ୍ନ ସାଢେ ୧୦ ଟାରେ ଜୟପୁର ଠାରେ ଏସ୍‌ଡିପିଓ ଶ୍ରୀମତି ଅର୍ଚ୍ଚିତା ପହଞ୍ଚି ପୂର୍ବତନ ଏସଡିପିଓ ଶ୍ରୀ କାଶ୍ୟପଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଏସ୍‌ଡିପିଓ ଶ୍ରୀ କାଶ୍ୟପ ବର୍ତ୍ତମାନ କୋରାପୁଟ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି ଭାବେ ଯୋଗଦାନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜୟପୁର ମହିଳା ଆଇପିଏସ୍ ଅଧିକାରୀ ଭାବେ ସାଗରିକା ନାଥ ଏସ୍‌ଡିପିଓ ଭାବେ କାର୍ଯ୍ୟ କରିଥିବା ବେଳେ ଅର୍ଚ୍ଚିତା ମିତ୍ତଲ ୨ୟ ଆଇପିଏସ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

# ୧ ରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ



ନବରଙ୍ଗପୁର,୨୫।୨(ସମିସ): ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ମାଇଁ ଭାରତ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ ଆୟୋଜନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହା ଆସନ୍ତା ମାର୍ଚ୍ଚ ୧ ତାରିଖରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିନୋଦ ବିହାରୀ ପ୍ରଧାନ, ମାଇଁ ଭାରତ ଯୁବ ଭାରତର ଯୁବ କାର୍ଯ୍ୟକ୍ରମ ଅଧିକାରୀ ବି.ରମେଶ, ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୁନିତା ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୨ ଶହରୁ ଅଧିକ ଛାତ୍ରଛାତ୍ରୀ ଏବଂ ୧୫ ବର୍ଷରୁ ୨୫ ବର୍ଷ ବୟସର ଇଚ୍ଛୁକ ଅନ୍ୟ ଯୁବ ଗୋଷ୍ଠୀମାନେ ଯୋଗ ଦେଇପାରିବେ। 'ବିକଶିତ ୧୦୦ ବର୍ଷର ଭାରତ ଏବଂ ୫୦ ବର୍ଷର ଗଣତନ୍ତ୍ର' ବିଷୟବସ୍ତୁ ଉପରେ ଆଧାରିତ ଆଲୋଚନା କରାଯିବା ସହିତ ଏକ ଛାୟା ସଂସଦ ପ୍ରକ୍ରିୟାରେ ଜୁରୀ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳ ବିଚାର କରିବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନେ ଜାତୀୟସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା, ତାଇରା ବେଗମ୍, ରଞ୍ଜୁଷା କୁମାରୀ ପ୍ରହରାଜ, ତାରାନୁମ୍ ଆରା, ଡ.ରୋହିଣୀ ରାଣୀ ପ୍ରମୁଖ ସହଯୋଗ କରିଥିଲେ।

# ସ୍ନାତକ ମହାବିଦ୍ୟାଳୟର ନୂଆ ଏକାଡେମିକ୍ କୋଠା ନିର୍ମାଣ ଦାବି



ମାଲକାନଗିରି,୨୫ ।୨ (ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ମାଲକାନଗିରି ଠାରେ ନୂତନ ଏକାଡେମିକ୍ କୋଠା ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବେଳେ ଏନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ମାଲକାନଗିରି ବିଧାୟକ। ଏଥିସହିତ ମହାବିଦ୍ୟାଳୟର ଅନେକ ସମସ୍ୟା ଉପରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ବିଧାୟକ ନରସିଂହ ମାଡ଼କାମୀ ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରି ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏହା ଉପରେ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ର ନିଜେ ଭୁବନେଶ୍ୱର ପହଞ୍ଚି ଶିକ୍ଷାମନ୍ତ୍ରୀ ଏବଂ ବିଧାୟକଙ୍କୁ ସାକ୍ଷାତ କରି ମଧ୍ୟ ଅନୁଷ୍ଠାନର ବିକାଶ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାଲକାନଗିରି ଜିଲ୍ଲା ଏକ ଅନୁନ୍ନତ ଜିଲ୍ଲା ହୋଇଥିବା ବେଳେ ଏଠାରେ ଉଚ୍ଚଶିକ୍ଷା ଅର୍ଜନ କରିବା ପାଇଁ ଛାତ୍ରଛାତ୍ରୀ ବାହାର ରାଜ୍ୟ ସହିତ ଭୁବନେଶ୍ୱର, ବ୍ରହ୍ମପୁର ଭଳି ସହରକୁ ଶିକ୍ଷା ଅର୍ଜନ ପାଇଁ ଯାଆନ୍ତି। ଯାହାକି ଗରିବ ମଧ୍ୟବିତ୍ତ ପିଲାଙ୍କ ପାଇଁ ଅନେକ ସମୟରେ ସମ୍ଭବପର ହୋଇ ନଥାଏ। ବାଧ୍ୟ ହୋଇ ଜିଲ୍ଲାର ଅନେକ ଛାତ୍ରଛାତ୍ରୀ ଅଧା ବାଟରେ ପାଠ ଛାଡ଼ନ୍ତି। ତେଣୁ ମାଲକାନଗିରି ଜିଲ୍ଲାରେ ଉଚ୍ଚ ଶିକ୍ଷା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଏଠାରେ ଅନେକ ଅଧାପନ୍ତରିଆ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ ପୁନର୍ବାର ନିଶ୍ଚୟ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ସେ ଅନୁରୋଧ କରିଛନ୍ତି। ତେବେ ଏଦିଗରେ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବେ ବୋଲି ମନ୍ତ୍ରୀ ଆଶ୍ୱସନା ଦେଇଛନ୍ତି।

# ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ




ସେମିଳିଗୁଡ଼ା,୨୫।୨(ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ଅଛି। ପ୍ରବଳ ଗରମ ଆରମ୍ଭ ହୋଇଥିବା ବେଳେ ଜନ ଗୋଲି ଅଞ୍ଚଳରେ ଲୋକ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିଲେ। ପୌର ପରିଷଦ ଦ୍ୱାରା ପିଇବା ପାଣି ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ବର୍ଗ ଦାବି କରୁଛନ୍ତି। ଲୋକଙ୍କ ଦାବି ଅନୁଯାୟୀ ପୌର ପରିଷଦ ଦ୍ୱାରା ସୁନାବେଡ଼ା , ସେମିଳିଗୁଡା ଅଞ୍ଚଳର ୭ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ରକୁ ଆୟୋଜନ କରିଥିଲେ। ପୂର୍ବରୁ ମଧ୍ୟ ଦୁଇ ସହରରେ ୪ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ରକୁ ସ୍ଥାପନ କରିଥିଲେ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ଖରା ଦିନରେ ଲୋକ ଥଣ୍ଡା ପାଣି ପାଇବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଅଧିକାରୀଙ୍କ ଅବହେଳା ଯୋଗୁଁ ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଥିବା ଲକ୍ଷ୍ୟ କରାଯାଉଛି। ନନ୍ଦପୁର ରୋଡ୍‌ରେ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ଆୟୋଜନ କରିଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ । ପୁରୁଣା ବସ୍‌ଷ୍ଟାଣ୍ଡରେ ବି ସେହି ଅବସ୍ଥା। ବହୁତ ଦିନରୁ ଅଚଳ ଅବସ୍ଥାରେ ଅଛି। ଯାହା ଫଳରେ ବସ୍‌ଷ୍ଟାଣ୍ଡକୁ ଆସିବା ପାଇଁ ଯାତ୍ରୀ ଅନେକ ଅସୁବିଧା ଭୋଗୁଛନ୍ତି। ସେହିପରି ଅନ୍ୟ ଅଞ୍ଚଳରେ ଠିକ୍ ଭାବରେ କାମ କରୁନି ବୋଲି ସୂଚନା ମିଳିଛି। ପୌର ପରିଷଦ ଅଧିକାରୀ ମାନେ ଦୃଷ୍ଟି ଆକର୍ଷଣ କରି ଅଚଳ ହୋଇ ପଡିଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଠିକ୍ କରିବା ପାଇ ଦାବି ହେଉଛି।

# ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା




ଉମରକୋଟ,୨୫।୨(ସମିସ): ପିଏମ୍‌ଶ୍ରୀ ନୋଡାଲ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ଉମରକୋଟ ଠାରେ ବିଦ୍ୟାଳୟ ସ୍ତରୀୟ କୁଇଜ୍ ଉଭୟ ଜୁନିୟର ଓ ସିନିୟର ଗ୍ରୁପର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ଗଣିତ ଏବଂ ବିଜ୍ଞାନ ସର୍କଲର ମଧ୍ୟ କୁଇଜ୍ ପ୍ରତିଯୋଗିତା ହୋଇଯାଇଛି। ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଞ୍ଜିତା କୁଅଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ସରକାରୀ ଯୁଜି ହାଇସ୍କୁଲ ଚଡେଇଗୁଡାର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉମରକୋଟର ପ୍ରଧାନ ଶିକ୍ଷକ ଅସୀମ ବିଶ୍ୱାସ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ବେଞ୍ଜାମିନ ଉପାସି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖୁସି ବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। କୃତୀମାନଙ୍କୁ ବିଚାରକ ମଣ୍ଡଳି ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗ ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବ୍ରଜବନ୍ଧୁ କାଣ୍ଡି ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

■ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ନେଇ ସୁନାବେଡ଼ା ଥାନାରେ ଅଭିଯୋଗ



ସୁନାବେଡ଼ା,୨୫।୨(ସମିସ): ପଟାଙ୍ଗି ଥାନା ଝାଙ୍କରଗୁଡା ଗ୍ରାମର ମାଧବ ବଡଗୁଡ଼ିଆଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକଙ୍କ ବଡ଼ଭାଇ ନାଥ ବଡ଼ଗୁଡ଼ିଆ ତାଙ୍କ ଭାଇଙ୍କୁ ହତ୍ୟା କରା ଯାଇଥିବା ନେଇ ଅଭିଯୋଗ ଆଣି ସୁନାବେଡ଼ା ଥାନାରେ ଏତଲା ଦେଇଛନ୍ତି। ମାଧବ ବଡ଼ଗୁଡ଼ିଆ ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ଛୋଟ ଝିଅକୁ ଧରି ଆଜକୁ ୧୫ ବର୍ଷ ହେଲା ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟ ସତ୍‌ସଙ୍ଗ ଅଞ୍ଚଳରେ ରହି ଆସୁଥିଲେ। ମାଧବ, ପେଷାରେ ଜଣେ ଡ୍ରାଇଭର। ଗତକାଲି ସକାଳେ ବଡ଼ଗୁଡ଼ିଆଙ୍କୁ ଗୁରୁତର ଅବସ୍ଥାରେ ମାଥାଲପୁଟ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ କେହି ହତ୍ୟା କରିଥିବା ନେଇ ସନ୍ଦେହ କରୁଥିବା ସୁନାବେଡ଼ା ଥାନାରେ ଏତଲା ଦେଇଥିଲେ। ଏନେଇ ପୁଲିସ କେସ ନମ୍ବର ୩୫/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ତେବେ ଘଟଣା ନେଇ ତଦନ୍ତ ଜାରି ରହିଥିବା ସୁନାବେଡ଼ା ଥାନା ଅଧିକାରୀ ସୁଷ୍ମୁମା କଅଁର କହିଛନ୍ତି।

## ସୌର ପାନୀୟ ଜଳ ପ୍ରକଳ୍ପ ଅଚଳ, ଚୁଆ ପାଣି ଭରସା

# ଜଳକଷ୍ଟ ଭୋଗୁଛନ୍ତି ସୁରିପଡ଼ାବାସୀ



କୋରୁକୋଣ୍ଡା,୨୫ ।୨(ସମିସ): ମାଲକାନଗିରି ଭଳି ପାହାଡ଼ିଆ ଜିଲ୍ଲାରେ ଅଞ୍ଚଳବାସୀଙ୍କୁ ବର୍ଷକ ବାର ମାସ ପାନୀୟଜଳ ପାଇଁ କସରତ କରିବାକୁ ପଡ଼ିଥାଏ। କେତେବେଳେ ନଳକୂପ ଖରାପ ତ ପୁଣି କେତେବେଳେ ଗୋଳିଆ ପାଣି ବାହାରୁଥିବା ସମସ୍ୟା ଦେଖିବାକୁ ମିଳିଥାଏ। ଆଉ କେଉଁଠି ପାଣି ପାଇଁ ପ୍ରାୟ ଦୁଇ କିମି ଚାଲିବାକୁ ପଡିଥାଏ। ଏମିତି ଏକ ଗାଁ ଦେଖିବାକୁ ମିଳିଛି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ଗ୍ରାମ ପଞ୍ଚାୟତ ସୁରିପଡା ଗାଁରେ ଏଭଳି ପାନୀୟଜଳର ଘୋର ଅଭାବର ଦୃଶ୍ୟ ଦେଖିବାକୁ ମିଳିଛି। ଗାଁରେ ଗୋଟିଏ ମାତ୍ର ସୌର ପାନୀୟଜଳ ପ୍ରକଳ୍ପ ଦୀର୍ଘ ଦିନ ପୂର୍ବରୁ ଖରାପ ହୋଇ ପଡ଼ିଥିବା ବେଳେ ଗାଁର ଅଧିକାଂଶ ଲୋକେ ଏକ ଚୁଆ ଉପରେ ନିର୍ଭରଶୀଳ ହୋଇ ରହିଛନ୍ତି। ଗ୍ରାମବାସୀ ଅନେକ ଥର ପାନୀୟଜଳ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ପାଇପାରି ନାହାନ୍ତି। ତେବେ ଗାଁର ଠାରୁ କିଛି ଦୂରରେ ଥିବା ସେହି ଚୁଆଟିର ଗଭୀରତା ଅଧିକ ନୁହେଁ କିନ୍ତୁ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବାରେ ସହଯୋଗ କରୁଛି। ଫୁଟେ ଦୁଇ ଫୁଟ ଗଭୀରତା ମଧ୍ୟରୁ ତଳେ ଜମିଥିବା ଶିଉଳି , ଗଛପତ୍ର , କାଠି କୁଟା ଜଳଜଳ ଭାବରେ ଦେଖାଯାଉଛି। ହେଲେ ବି ସେହି ଚୁଆରୁ ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ। ଚୁଆ ନିକଟରେ ରହିଛି ସୌର ପାନୀୟଜଳ ଯୋଗାଣର ପମ୍ପ କିନ୍ତୁ ଅଚଳ ଅବସ୍ଥାରେ ପଡ଼ି ରହିଛି। ସୌର ପାନୀୟଜଳ ଯୋଗାଣ ପାଇଁ ଗାଁ ମଝିରେ ଗୋଟିଏ ସ୍ଥାନରେ ଚାରୋଟି ଯୋଗାଣ ପଏଣ୍ଟ ରହିଛି,ହେଲେ ତାହା ଏବେ ଶୁଷ୍କ ପାଲଟି ଯାଇଛି। ଗାଁରେ ପାନୀୟଜଳର ଘୋର ଅଭାବକୁ ଦୃଷ୍ଟିରେ ରଖି ଓ୍ୱାର୍ଡ ମେମ୍ବର ଜୟ ଚାଲାଣ , ତାଙ୍କା ଚାଲାଣ , ଓଗିନ ଚାଲାଣ, କମଲୁ ଚାଲାଣ, ଶୁକା ଚାଲାଣ, ଧନେଶ୍ୱର ଚାଲାଣ , ରାଜୁ ଚାଲାଣ , ଗୁରୁବାରୀ ଚାଲାଣ ଭଳି ଗ୍ରାମବାସୀ ମାନେ ତୁରନ୍ତ ସୌର ପାନୀୟଜଳ ପ୍ରକଳ୍ପକୁ ମରାମତି କରାଯିବା ସହ ଗାଁରେ ଏକ ନଳକୂପ ନିମନ୍ତେ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସୁରିପଡା ଗାଁର ସୌର ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ଯଥାଶୀଘ୍ର ମରାମତି କରି ଦିଆଯିବ ବୋଲି କହିଛନ୍ତି।

# ପ୍ରଶାସନର ହସ୍ତକ୍ଷେପ, ରକ୍ତହୀନତା ଶିଶୁର ଜୀବନ ବଞ୍ଚିଲା




ପଦ୍ମପୁର,୨୫।୨(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଡେରିଗା ପଞ୍ଚାୟତର ଦୁର୍ଗମ ମୁଟ୍ଟୁକୁଣି ଗ୍ରାମର ଜଣେ ଏକବର୍ଷର ଶିଶୁ ପୁତ୍ର ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ତାଙ୍କୁ ରକ୍ତର ନିହାତି ଜରୁରୀ ଥିଲା।

ଶିଶୁକୁ ରକ୍ତ ଚଢାଇବାକୁ ଗୁଣପୁର ମେଡିକାଲକୁ ପଠାଇବାକୁ ଚେଷ୍ଟା କରି ଶିଶୁର ପିତା ରାଜି ନହେବାରୁ ପଦ୍ମପୁର ବିଡିଓ କୁରେଶୁ ଚନ୍ଦ୍ର ଜାନୀ, ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ପଦ୍ମପୁର ମେଡିକାଲ ଇନ୍‌ଚାର୍ଯ୍ୟ ରତ୍ନପର୍ଣ୍ଣା ପଟ୍ଟନାୟକ, ମ୍ୟାଲେରିଆ ନିରାକରଣ ଅଧିକାରୀ ଜୟଦେବ ଲିମାଲପୁରୀଙ୍କ ସହ ପ୍ରଶାସନିକ ଅଧିକାରୀ ମାନେ ନାକେଦମ ହୋଇଥିଲେ। ପରେ ଶିଶୁ ଟିର ପିତାକୁ ବହୁ ବୁଝାସୁଝା କରି କିଛି ଅର୍ଥରାଶି ପ୍ରଦାନ ସହ ଗୋଟିଏ ଦିନ ପଦ୍ମପୁର ମେଡିକାଲରେ ରଖିବା ପରେ ଆଜି ସକାଳୁ ଆମ୍ବୁଲାନ୍ସ ଯୋଗେ ଗୁଣପୁର ମେଡିକାଲକୁ ରକ୍ତ ଚଢାଇବାକୁ ପଠାଯାଇଥିବା ମେଡିକାଲ ସୂତ୍ରରୁ ପ୍ରକାଶ। ପ୍ରକାଶ ଥାଉକି ଗତକାଲି ପଦ୍ମପୁର ଅନ୍ତଗତ ଡେରିଗା ପଞ୍ଚାୟତର ଦୁର୍ଗମ ମୁଟ୍ଟୁକୁଣି ଗ୍ରାମକୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ବେଳେ ଗ୍ରାମର ତିଳପାଙ୍ଗି ଦିସ୍ୱାକା ପୁତ୍ର ରୋହିତ୍ ଦିସ୍ବାକାର ରକ୍ତହୀନତା ରୋଗଥିବା ଜଣାପଡ଼ିଥିଲା। ତାଙ୍କୁ ଶୀଘ୍ର ରକ୍ତ ଦେବାର ଆବଶ୍ୟକ ପଡ଼ିଥିଲା। ସେହି ଗ୍ରାମରୁ ମେଡିକାଲ ଗାଡ଼ିରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମା' ଓ ଶିଶୁ ପୁତ୍ର ଓ ପିତାକୁ ଆଣିଥିଲେ ମଧ୍ୟ ରକ୍ତ ଛଡ଼ାଇବାକୁ ଶିଶୁଙ୍କ ପିତା ମାତା ରାଜି ହୋଇ ନଥିଲେ। ଉଭୟ କାହାକୁ କିଛି ନକହି ପିଲାକୁ ଧରି ନିଜ ଗାଁକୁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ବହୁ ପ୍ରକାରେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରାଯାଇଥିଲା। ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶୁ ଚନ୍ଦ୍ର ଜାନୀ, ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଯ୍ୟ ରତ୍ନପର୍ଣ୍ଣା ପଟ୍ଟନାୟକ ଓ ବ୍ଲକ୍ କିଛି ପ୍ରଶାସନିକ ଅଧିକାରୀ ତାଙ୍କୁ ବୁଝାସୁଝା କରିଥିଲେ। ଶିଶୁକୁ ବଞ୍ଚାଇବା ପାଇଁ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ସେମାନଙ୍କୁ କିଛି କିଛି ଆର୍ଥିକ ସାହାଯ୍ୟ ଯୋଗାଇ ଦେବାପରେ ଆଜି ସେହି ଶିଶୁକୁ ଆମ୍ବୁଲାନ୍ସ ଯୋଗେ ଗୁଣପୁର ମେଡିକାଲକୁ ନେଇ ରକ୍ତ ନେବାକୁ ପଠାଯାଇଥିବା ଜଣାପଡ଼ିଛି।

## କିଏ ବାଣ୍ଟିବ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କାମ ?

# ହରଡ଼ଘଣାରେ ଖଇରପୁଟ ବ୍ଲକ୍ ପ୍ରଶାସନ

ଖଇରପୁଟ,୨୫।୨(ସମିସ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ଆରମ୍ଭ ହେବାକୁ ଥିବା ଉନ୍ନୟନମୂଳକ କାମକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିଶେଷତଃ ବାକି ଥିବା ୬୦ ପ୍ରତିଶତ କାମ କାହାକୁ ବଣ୍ଟନ କରାଯିବ ତାହାକୁ ନେଇ ବ୍ଲକ ପ୍ରଶାସନ ହରଡ଼ଘଣାରେ ପଡ଼ିଛି। ଏହି ଯୋଜନା ଅଧୀନରେ ଖଇରପୁଟ ବ୍ଲକକୁ ମୋଟ ୫୬ଟି ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ୪,୩୫,୧୨,୮୪୨ ଟଙ୍କାର ଅନୁଦାନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ ସଡ଼କ ନିର୍ମାଣ, ପିଣ୍ଡ ପାଣି ବ୍ୟବସ୍ଥା ସୁଧାର, ଡ୍ରେନେଜ୍ ବ୍ୟବସ୍ଥା, ସମୁଦାୟ ଭବନ


ଜିଲ୍ଲା ପରିଷଦ, ମାଲକାନଗିରି
ZILLA PARISHAD, MALKANGIRI

Letter No. .../BGBO-XXXV-35/2026 Date ../02/2026.

To
All Block Development Officers in this District.

Sub:- Communication of Approved 60% Project Proposal under Bikashita Gaon Bikashita Odisha (BGBO) Scheme for the year 2025-26.

Ref:- Govt. in PR & DW Department, Letter No.799 dated 07.01.2026 & Letter No.1155 dated 09.01.2026.

Sir,
With reference to the subject cited above, I am directed to communicate herewith the approval of the 60% project proposal under the Bikashita Gaon Bikashita Odisha (BGBO) Scheme for the year 2025-26.
You are hereby requested to proceed in accordance with the prescribed scheme guidelines and take necessary steps for execution of the above-mentioned project within the stipulated time period.
This is for your information and necessary action.

Yours faithfully,
Chief Development Officer-Cum-EO,
Zilla Parishad, Malkangiri.

Memo No. .../2026 Date ../02/2026.
Copy submitted to the Addl. Secretary to Govt. Panchayati Raj & Drinking Water Department, Odisha, Bhubaneswar for favour of kind information.

Chief Development Officer-Cum-EO,

ନିର୍ମାଣ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଉନ୍ନତି କାମ ସମ୍ମିଳିତ ରହିଥିବା ସୂଚନା ମିଳିଛି। କିନ୍ତୁ କିଛି ଦିନ ପୂର୍ବରୁ ଯୋଜନାର ପ୍ରଥମ ୪୦ ପ୍ରତିଶତ କାମ ବଣ୍ଟନକୁ ନେଇ ମଧ୍ୟ ବିବାଦ ଦେଖାଯାଇଥିଲା। ଏହି କାମଗୁଡ଼ିକୁ ବିଧାୟକଙ୍କ ଅନୁଗାମୀ କିମ୍ବା ତାଙ୍କ ପକ୍ଷରୁ ବଛାଯାଇଥିବା ବ୍ୟକ୍ତିଙ୍କୁ ଦିଆଯାଇଥିଲା। ଏହାକୁ ନେଇ ବିପକ୍ଷ ଦଳ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାକି କାମ ଉପରେ ଅସ୍ପଷ୍ଟତା। ଏବେ ବାକି ଥିବା ୬୦ ପ୍ରତିଶତ କାମ ବଣ୍ଟନକୁ ନେଇ ପ୍ରଶାସନ ସ୍ପଷ୍ଟ ମତ ଦେଇପାରୁନାହିଁ। ବ୍ଲକ ଅଧ୍ୟକ୍ଷା କାମ ବଣ୍ଟନ କରିବେ ନା ଶାସକ ଦଳର ସ୍ଥାନୀୟ କର୍ମକର୍ତ୍ତାମାନେ ଏଥିରେ ଭୂମିକା ନେବେ ନା ସରପଞ୍ଚ ସମିତି ସଭ୍ୟ ମାନଙ୍କୁ ମଧ୍ୟ ଏଠାରୁ କିଛି ଦିଆଯିବ କୌଣସି ଦିଗକୁ ନେଇ ସ୍ପଷ୍ଟତା ଦେଖା ଯାଉନାହିଁ। କିଛି ପ୍ରଶାସନିକ ଅଧିକାରୀଙ୍କ କହିବା ଅନୁଯାୟୀ, ଖଇରପୁଟ ବ୍ଲକର ଲୋକମାନଙ୍କ ମତାମତକୁ ଗୁରୁତ୍ୱ ଦେଇ ଶେଷ ନିଷ୍ପତି ନିଆଯିବ। ତଥାପି ବାସ୍ତବରେ ଲୋକମାନଙ୍କ ମତକୁ କେତେ ଦୂର ପର୍ଯ୍ୟନ୍ତ ଗ୍ରହଣ କରାଯିବ, ସେନେଇ ସନ୍ଦେହ ରହିଛି। ଏହି କାମଗୁଡ଼ିକୁ ନେଇ ସ୍ଥାନୀୟ ମହଲରେ ରାଜନୈତିକ ଟଣାଟଣି ବଢ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। ବଣ୍ଟନ ପ୍ରକ୍ରିୟାରେ ପାରଦର୍ଶୀତା ନ ରହିଲେ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବା ସହ ପ୍ରତିବାଦ ହେବାର ସମ୍ଭାବନା ରହିଛି। ଖଇରପୁଟ ବ୍ଲକ ବାସୀଙ୍କ ମୁଖ୍ୟ ଦାବି ହେଉଛି, କାମ ବଣ୍ଟନରେ ପାରଦର୍ଶୀ ପ୍ରକ୍ରିୟା ଅନୁସରଣ।

## କେନ୍ଦୁପତ୍ର ବ୍ୟବସାୟୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ମାଲକାନଗିରି,୨୫।୨(ସମିସ):



ମାଲକାନଗିରି ଜିଲ୍ଲା କେନ୍ଦୁପତ୍ର ବ୍ୟବସାୟୀ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତ ବର୍ଷ ୧୧୧ଟି ପଞ୍ଚାୟତରେ କେନ୍ଦୁପତ୍ର ସ୍ଥାନୀୟ ବ୍ୟବସାୟୀ ମାନେ କ୍ରୟ କରିବାକୁ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ବିଗତ ବର୍ଷ ବାହାରୁ କେନ୍ଦୁପତ୍ର ବ୍ୟବସାୟୀ ମାନେ କେନ୍ଦୁପତ୍ର କ୍ରୟ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ପ୍ରାୟ ୫ କୋଟିରୁ ଅଧିକ ଟଙ୍କା ଦେଇନଥିବା ଉଲ୍ଲେଖ କରିଥିଲେ। କେନ୍ଦୁପତ୍ର ସଂଘ ସଭାପତି ଘନଶ୍ୟାମ ମାଡକାମୀ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟମାନେ ଏ ସମ୍ପର୍କରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଦାବିପତ୍ର ଦେବା ସହିତ ଆଲୋଚନା କରିଥିଲେ। ପ୍ରକାଶ ଥାଉକି କେନ୍ଦୁପତ୍ର କ୍ରୟ ଲାଗି କେନ୍ଦୁପତ୍ର ବ୍ୟବସାୟୀମାନେ ପୂର୍ବରୁ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ କରୁଥିଲେ। ବର୍ତ୍ତମାନ କେନ୍ଦୁପତ୍ର କ୍ରୟ ଲାଗି ପଞ୍ଚାୟତ କାର୍ଯ୍ୟାଳୟକୁ ନଯାଇ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟଙ୍କା ଓ ଆବେଦନପତ୍ର ପୈଠ କରାଯିବ ବୋଲି ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। ସଂପୃକ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ, କେଉଁ ବ୍ୟବସାୟୀ କେଉଁ ପଞ୍ଚାୟତରେ କେନ୍ଦୁପତ୍ର କ୍ରୟ କରିବ ବିଜ୍ଞପ୍ତି ପ୍ରକାଶ କରି ନିଷ୍ପତ୍ତି ଗ୍ରହଣ କରିବେ। ଗତ ବର୍ଷ କେନ୍ଦୁପତ୍ର କେରି ପ୍ରତି ସରକାରୀ ସ୍ତରରେ ୩ ଟଙ୍କା ୨୦ ପଇସା, ବୋନସ ୮୦ ପଇସାରେ କ୍ରୟ କରାଯାଇଥିବା ବେଳେ ଘରୋଇ ବ୍ୟବସାୟୀମାନେ ୫ ଟଙ୍କାରେ କେନ୍ଦୁପତ୍ର କେରି କ୍ରୟ କରୁଥିଲେ। ଚଳିତ କେନ୍ଦୁପତ୍ର କ୍ରୟ ଲାଗି କେରି ପ୍ରତି ସରକାରୀ ସ୍ତରରେ ମୂଲ୍ୟ ନିର୍ଦ୍ଧାରଣ ହୋଇ ନଥିବା ବେଳେ ଆଗାମୀ ଦିନରେ ଦର ଧାର୍ଯ୍ୟ ହେବ ବୋଲି କୁହାଯାଉଛି।

## ରାଜଧାନୀ ଚାଷୀ ଆନ୍ଦୋଳନରେ ସାମିଲ ହେଲା ମାଲକାନଗିରି ବିଜେଡି



ମାଲକାନଗିରି, ୨୫।୨(ସମିସ): ରାଜଧାନୀରେ ବିଜେଡି ପକ୍ଷରୁ ଚାଷୀ ସମସ୍ୟା ନେଇ ବିଶାଳ ସମାବେଶ କରାଯାଇଥିବା ବେଳେ ଏଥିରେ ମାଲକାନଗିରି ବିଜୁ ଜନତା ଦଳର କର୍ମକର୍ତ୍ତା ସାମିଲ ହୋଇ ଆନ୍ଦୋଳନ କରିବା ସହ ଜିଲ୍ଲାର ଚାଷୀଙ୍କ ସମସ୍ୟା ବିଷୟରେ ଦଳର ସୁପ୍ରିମୋଙ୍କୁ ଅବଗତ କରାଇଲେ। ଚାଷୀଙ୍କ ଅଧିକାର ପାଇଁ, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୁଦ୍ଧରେ ରାଜଧାନୀର ରାଜରାସ୍ତାରେ ବିଜେଡିର ବିଶାଳ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସାମିଲ ହୋଇଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କ ସହ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ନେତୃମଣ୍ଡଳୀ ମଧ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ। ମାଲକାନଗିରି ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମି ଦଳୀୟ କର୍ମକର୍ତ୍ତାଙ୍କ ସହ ନବୀନ ନିବାସ ଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ମାଲକାନଗିରି ଜିଲ୍ଲାର ଚାଷୀ ମାନଙ୍କ ସମସ୍ୟା ବିଷୟରେ ଜଣାଇବା ସହ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସୁଦୃଢ଼ ସଂଗଠନ ବିଷୟରେ ଜଣାଇଛନ୍ତି। ଏଥିରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ବ୍ଲକ ଏବଂ ଜିଲ୍ଲା ସ୍ତରର କର୍ମକର୍ତ୍ତା ଯୋଗଦେଇଥିଲେ।

# ଶ୍ରମିକଙ୍କ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କୋରାପୁଟ, ୨୫।୨(ସମିସ): ଭାରତୀୟ ମଜଦୂର ସଂଘ (ବିଏମଏସ) କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ଶ୍ରମମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ବିଏମଏସ୍ ଜିଲ୍ଲା ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଜିଲ୍ଲାର ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଠିକା ଶ୍ରମିକମାନଙ୍କ ଦରମା ବୃଦ୍ଧି, ଚାକିରି ନିୟମିତ କରଣ ଓ ସାମାଜିକ ସୁରକ୍ଷା ସୁବିଧା ସମ୍ବନ୍ଧୀୟ ବିଷୟରେ ଉଲ୍ଲେଖ କରାଯାଇଛି। ଏଥିସହ ଜୟପୁର ସେବା ପେପର ମିଲକୁ ପୁନର୍ବାର ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ମିଲ ସହ ସଂପୃକ୍ତ ଶ୍ରମିକମାନଙ୍କ ଜୀବିକା ସୁରକ୍ଷା ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି। ଗତ ଫେବୃଆରୀ ୬ରୁ ୮ ତାରିଖରେ ପୁରୀରେ ଆୟୋଜିତ ହୋଇଥିବା ରାଷ୍ଟ୍ରୀୟ ଅଧିବେଶନରେ ଦେଶବ୍ୟାପୀ



ଶ୍ରମିକ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେଠାରେ ଫେବୃଆରୀ ୨୫ ତାରିଖ ଦିନ ସାରା ଦେଶରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିଲା। ତେଣୁ ଆଜି କୋରାପୁଟ ଜିଲ୍ଲାରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରମିକଙ୍କ ସମସ୍ୟାକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ବିଏମଏସ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସମ୍ପାଦକ ଏ. ଭିମା ରାଓ, ଜିଲ୍ଲା ସଂଗଠନ ସମ୍ପାଦକ ପ୍ରମୋଦ ସାମନ୍ତରାୟ, ରାଷ୍ଟ୍ରୀୟ ଆଶାକର୍ମୀ ମହାସଂଘର ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ସଂଯୁକ୍ତା ସାହୁ ଏବଂ ବିଭିନ୍ନ ଶ୍ରମିକ ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣର ଆଇନ ସଚେତନତା ଶିବିର

ରାୟଗଡ଼ା,୨୫।୨(ସମିସ): ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ସ୍ଥାନୀୟ ବଡ ଇରକୁବାଡି ଗ୍ରାମ ପଞ୍ଚାୟତ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା ଓ ଜିଲ୍ଲା ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଶ୍ରମ ଆଇନ ଏବଂ ପ୍ରବାସୀ ଶ୍ରମିକ, ସଡକ ସୁରକ୍ଷା, ଏମ୍.ଏ.ସିଟି, ଏମ୍.ଭି ଆକ୍ଟ, ଏମ୍.ସି.ଟି.ଏ.ପି, ସ୍ଥାୟୀ ଓ ନିରନ୍ତନ ଲୋକ ଅଦାଲତର କାର୍ଯ୍ୟକ୍ରମ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ନାଥ ତ୍ରିପାଠୀ, ଜିଲ୍ଲାର ଅତିରିକ୍ତ ଶ୍ରମ ଅଧିକାରୀ, ବଡ଼ ଇରକୁବାଡି ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ତ୍ରିପାଠୀ ଶ୍ରମିକ ମାନଙ୍କ ପାଇଁ ଉପଲବ୍ଧ ଥିବା ସରକାରଙ୍କର ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ସେହିପରି ଉପସ୍ଥିତ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ସଡକ ସୁରକ୍ଷା, ମୋଟରଯାନ ଆଇନକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସଙ୍ଗେ ସଙ୍ଗେ କ୍ଷତିଗ୍ରସ୍ତଙ୍କ ନିକଟରେ ମଟର ଦୁର୍ଘଟଣା ଜନିତ କ୍ଷତିପୂରଣର ଶିକାର ହେଉଥିବା ପୀଡ଼ିତ ମାନଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶି ଯଥା ସମୟରେ ପହଞ୍ଚାଇବା ପାଇଁ ହାଇକୋର୍ଟ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ସେ ସମ୍ପର୍କରେ



ଆଲୋଚନା କରିବା ସହିତ ଶ୍ରମିକ ମାନଙ୍କର ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ କହିଥିଲେ। ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜର ବକ୍ତବ୍ୟରେ ଅନ୍ୟ ସ୍ଥାନକୁ କାର୍ଯ୍ୟ କରିବା ପାଇଁ ଗଲେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ ପଞ୍ଜିକରଣ କରିବା ପାଇଁ ସମସ୍ତ ଶ୍ରମିକ ମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ ଇରକୁବାଡି ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମବାସୀ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଥିଲା।

## ବାଲ୍ୟ ବିବାହ ଦୂରୀକରଣ ପାଇଁ ଆଇନ ସଚେତନତା ଶିବିର

ଜୟପୁର,୨୫।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି ଜିଲ୍ଲା କୋର୍ଟ ପରିସରରେ ଆଇନସେବା ପ୍ରାଧିକରଣର ସଭାଗୃହ ଠାରେ ବାଲ୍ୟବିବାହ ଦୂରୀକରଣ ସକାଶେ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି।



ଏଥିରେ ମୁଖ୍ୟ ଅତିଥି ଭାବେ ସିଭିଲ କୋର୍ଟ ରେଜିଷ୍ଟ୍ରାର ତଥା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ବିଷ୍ଣୁ ପ୍ରସାଦ ଦେବତା, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ଡ.ବି ଗାୟତ୍ରୀ ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତା ରାଣି ପାଣି, ମାଛକୁଣ୍ଡ ଏସଡିପିଓ ଡ.ହୃଷିକେଶ ମେହେର, ମୁଖ୍ୟ ଆଇନ ପରାମର୍ଶ ଦାତା ତଥା ଡିଫେନ୍ସ କାଉନସିଲ ପ୍ରମୋଦ କୁମାର ଦାଶ, ଉପ ଆଇନପରାମର୍ଶ ଦାତା ତଥା ଏଡ ଡିଫେନ୍ସ କାଉନସିଲ ହରିଶଚନ୍ଦ୍ର ମୁଦୁଲି, ସହକାରୀ ଶ୍ରମ ଅଧିକାରୀ ରାମେଶ୍ୱରୀ ହିକକ୍କା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବାଲ୍ୟବିଭାଗ ଏକ ଦଣ୍ଡନୀୟ ଅପରାଧ , ତେଣୁ ଏଥିନେଇ ନାଲସା ଆଶା ଆଇନ ଅନୁଯାୟୀ ବାଲ୍ୟବିବାହର ପୀଡିତମାନଙ୍କୁ ସୁରକ୍ଷା ଏବଂ ପୁନର୍ବାସ କରିବା ପାଇଁ ଜାତୀୟ ଆଇନଗତ ସେବା ପ୍ରାଧିକରଣ ଦ୍ୱାରା ଏକ ବ୍ୟାପକ ଆଇନ ଗତ ଢାଞ୍ଚା ପ୍ରସ୍ତୁତ କରାଯାଇ ଯାହା ଆସନ୍ତା ୨୦୨୫ ମସିହା ସୁଦ୍ଧା ଏହି ପ୍ରଥାକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଶିବିରରେ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସିଆର୍‌ପି ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ବଙ୍ଗାଳୀ ସମାଜ ପକ୍ଷରୁ ରକ୍ତଦାନ ଶିବିର



ପଦ୍ମଗିରି,୨୫।୨(ସମିସ): ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପେଡାକୋଣ୍ଡା ଗ୍ରାମ ପଞ୍ଚାୟତ ଏମ.ଭି ୮୬ ଗ୍ରାମରେ ମାଲକାନଗିରି ବଙ୍ଗାଳୀ ସମାଜ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। କିଛିଦିନ ଧରି ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର ଠାରେ ରକ୍ତର ଅଭାବ ଦେଖାଯାଉଥିବାବେଳେ ବଙ୍ଗାଳୀ ସମାଜର ଯୁବକ ମାନେ ୧୫ ୟୁନିଟ ରକ୍ତଦାନ କରିଛନ୍ତି। ତେବେ କେବଳ ରକ୍ତଦାନ ଯଥେଷ୍ଟ ନୁହେଁ, ସମାଜର ପ୍ରତିଟା ସକ୍ଷମ ଲୋକଙ୍କ ମନରେ ରକ୍ତଦାନ ପାଇଁ ଆଗ୍ରହ ଉଜାଗର କରିବା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ବଙ୍ଗାଳୀ ସମାଜ ଟାଉନ୍ ଜୋନର ସମାଜସେବୀ ମନୋଜ ବାବୁ ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପେଡାକୋଣ୍ଡା ଗ୍ରାମପଞ୍ଚାୟତର ସରପଞ୍ଚ ଲକ୍ଷ୍ମଣ କବାସୀ, ସମାଜର ଟାଉନ୍ ଜୋନ ସଭାପତି ଦିଲୀପ ଦାସ, ଉପଦେଷ୍ଟା ନଗେନ ରାୟ, କୋଷାଧ୍ୟକ୍ଷ ସଞ୍ଜୟ ଗୋଲଦାର ପ୍ରମୁଖ ଯୋଗଦେଇ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଚମ୍ପିକୋଟା ସେବାଶ୍ରମର ବାର୍ଷିକ ଉତ୍ସବ



ରାୟଗଡ଼ା,୨୫।୨(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଗଜିଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚମ୍ପିକୋଟା ସେବାଶ୍ରମ ବିଦ୍ୟାଳୟରେ ଗୁରୁବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶ୍ୟାମଘନ ଭୂୟାଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଲେସୁ ଏସଏସଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଲାଡି, ତଡ଼ମା ପଞ୍ଚାୟତର ସମାଜସେବୀ ଚନ୍ଦ୍ରଶେଖର ଏବଂ ମୁଖ୍ୟବକ୍ତା ଭାବେ ଗୋପୀନାଥ ପରିଚ୍ଛା ସଭା ମଣ୍ଡନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ମହେଶ୍ୱର ତାଡିଙ୍ଗି ଯୋଗଦେଇ ବାର୍ଷିକ ଉତ୍ସବର ମହତ୍ତ୍ୱ ଏବଂ ବିଶେଷତା ପିଲାମାନଙ୍କୁ ବୁଝାଇ ଥିଲେ। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ମଞ୍ଚ ଦୁଲୁକେଇ ଦେଇଥିଲେ। ଗ୍ରାମର ଅଧିବାସୀ ଏବଂ ଅଭିଭାବକ ଉପସ୍ଥିତ ରହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ନିକଟସ୍ଥ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତି ଥିଲେ। ବିଦ୍ୟାଳୟର ସହ ଶିକ୍ଷକ ଏମ. ଶିବ ପ୍ରସାଦ ରାଓ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜଣାଇଥିଲେ। ଶିକ୍ଷକ ସୁବାସ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ୫ ବର୍ଷ ହେଲା ପୂରଣ ହୋଇନି ଲକ୍ଷ୍ୟ ଧାର୍ଯ୍ୟ

# ଅସମ୍ପୂର୍ଣ୍ଣ ରହିଛି ୬୫୮୭ ପିଏମ୍‌ଏୱାଇ ଗୃହ

ରାୟଗଡ଼ା,୨୫।୨(ସମିସ): ରାୟଗଡ଼ା ଜିଲ୍ଲାରେ ଗତ ୫ ବର୍ଷ (୨୦୨୧-୨୨ ରୁ ୨୦୨୫-୨୬) ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୩୦୩୪୩ ଗୃହ ମଞ୍ଜୁର ହୋଇଥିବା ବେଳେ ୬୫୮୭ଟି ଗୃହ ହିତାଧିକାରୀଙ୍କ ସ୍ଥାନାନ୍ତର ,ହିତାଧିକାରୀଙ୍କ ମତ୍ୟୁ , ପାରିବାରିକ ଜମି ବିବାଦ ଆଦି କାରଣରୁ ଅସମ୍ପୂର୍ଣ୍ଣ ହୋଇ ରହିଛି। ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୫୪୮୦ଟି ଗୃହ ମଞ୍ଜୁର ହୋଇଥିଲେ ମଧ୍ୟ କେବଳ ୧୨୫୪ଟି ଗୃହ ସଂପୂର୍ଣ୍ଣ ହୋଇଛି ଏବଂ ୪୨୨୬ଟି ଗୃହ ନିର୍ମାଣଧୀନ ରହିଥିବା ନେଇ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା ୧୯୧୪ର ଉତ୍ତର ରଖିଛନ୍ତି ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ। ରାୟଗଡ଼ା ବିଧାୟକ ଶ୍ରୀ କାଡ୍ରକା ଜିଲ୍ଲାରେ ଆବାସ ଗୃହ ଯୋଜନାରେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିବା ଶୀର୍ଷକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ଯୋଜନାରେ ପୂର୍ବ ସରକାର ସମୟରେ କିଛି ନିର୍ମାଣଧୀନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲେ ମଧ୍ୟ କେତେ ବକେୟା ରହିଥିବା ନେଇ ପ୍ରଶ୍ନ ଉଲ୍ଲେଖ କରିବା ସହ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ଗତ ୫ ବର୍ଷରେ କେଉଁ ବ୍ଲକ୍‌ରେ କେତେ ଆବାସ ଗୃହ ପ୍ରଦାନ



କରାଯାଇଛି ଓ ସେଥିମଧ୍ୟରୁ କେତେ ଗୃହ କେଉଁ କାରଣରୁ କେବେ ଠାରୁ ଅସମ୍ପୂର୍ଣ୍ଣ ହୋଇ ରହିଛି ଏବଂ କେତେ ଜଣ ହିତାଧିକାରୀ ଅନ୍ୟ ଜମିକୁ ଦଖଲ କରି ଆବାସ ଗୃହ ନିର୍ମାଣ କରିଛନ୍ତି ଏବଂ ଆବାସ ଗୃହ ନିର୍ମାଣ ପରେ କେତେ ଜଣ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ ରାୟଗଡା ଜିଲ୍ଲାରେ ପୂର୍ବ ସରକାର ଦ୍ୱାରା ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିବା ପ୍ରକଳ୍ପ ଗୁଡିକୁ ସମ୍ପୂର୍ଣ୍ଣ କରାଯାଇଛି ଏବଂ ପ୍ରକଳ୍ପ ଗୁଡିକର କୌଣସି ପ୍ରାପ୍ୟ ବକେୟା ନ ଥିବା କହିଛନ୍ତି। ସେହିପରି ଜିଲ୍ଲାରେ ଗତ ୫ବର୍ଷ ମଧ୍ୟରେ ହିତାଧିକାରୀ ଅନ୍ୟର ଜମିରେ ଜବର ଦଖଲ କରି ଗ୍ରାମୀଣ ଗୃହ ନିର୍ମାଣ କରିବାର କୌଣସି ଅଭିଯୋଗ ହସ୍ତଗତ ହୋଇ ନ ଥିବା ଏବଂ ପୂର୍ବରୁ ଗ୍ରାମୀଣ ଗୃହ ନିର୍ମାଣ ନିମନ୍ତେ ଜମିର ମାଲିକାନା, ହିତାଧିକାରୀଙ୍କ ଘୋଷଣାନାମା ଦ୍ୱାରା ନିର୍ଦ୍ଧାରିତ କରାଯାଉଥିଲା। ପରବର୍ତୀ ସମୟରେ କ୍ଷେତ୍ର କର୍ମଚାରୀମାନଙ୍କ ଦ୍ୱାରା ହିତାଧିକାରୀମାନଙ୍କ ଠାରୁ ଘୋଷଣାନାମା ସହିତ ଜମି ପଟ୍ଟାର ନକଲ ସଂଗ୍ରହ

> ➤ ୪୨୨୬ ଅନ୍ତ୍ୟୋଦୟ ଗୃହ ଅସମ୍ପୂର୍ଣ୍ଣ
> ➤ ୨୦୭୩୮ ହିତାଧିକାରୀଙ୍କୁ ମିଳିଛି ପ୍ରୋତ୍ସାହନ ରାଶି

କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ ଉତ୍ତର ରଖିଥିଲେ। ସେହିପରି ଜିଲ୍ଲାରେ ବିଭିନ୍ନ ଗ୍ରାମୀଣ ଗୃହ ଯୋଜନାରେ ୪ କିମ୍ବା ୬ମାସ ମଧ୍ୟରେ ଗୃହ ନିର୍ମାଣ ସଂପୂର୍ଣ୍ଣ କରି ଜିଲ୍ଲାର ମୋଟ ୨୦୭୩୮ ଜଣ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇଛନ୍ତି ବୋଲି କହିଛନ୍ତି। ମନ୍ତ୍ରୀ ଶ୍ରୀ ନାୟକ ବିଧାନସଭାରେ ଦେଇଥିବା ତଥ୍ୟ ପ୍ରକାରେ ପିଏମଏୱାଇ (ଗ୍ରାମୀଣ) ଯୋଜନା ଅନ୍ତର୍ଗତରେ ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକ୍‌ରେ ୩୧୯୨ ଗୃହ ମଞ୍ଜୁର ମଧ୍ୟରୁ ୬୮୧ଟି ଅସମ୍ପୂର୍ଣ୍ଣ ହୋଇଥିବା ବେଳେ ଚନ୍ଦ୍ରପୁରରେ ୨୨୦୭ଟି ମଞ୍ଜୁର ମଧ୍ୟରୁ ୪୯୪ଟି, ଗୁଡାରୀରେ ୧୮୫୮ରୁ ୩୩୩, ଗୁଣପୁରରେ ୨୭୫୬ରୁ ୨୫୬,କଲ୍ୟାଣସିଙ୍ଗପୁରରେ ୩୭୪୨ରୁ ୯୨୨,କାଶିପୁରରେ ୩୫୪୯ରୁ ୯୯୯ଟି ଗୃହ ଅସମ୍ପୂର୍ଣ୍ଣ ହୋଇ ରହିଥିବା ବେଳେ କୋଲନରା ବ୍ଲକରେ ୩୦୭୬ରୁ ୬୩୪, ମୁନିଗୁଡାରେ ୩୪୮୦ରୁ ୧୦୯୮, ପଦ୍ମପୁରରେ ୧୬୧୦ରୁ ୩୫୭, ରାମନାଗୁଡାରେ ୧୫୪୨ରୁ ୧୪୨ ଏବଂ ରାୟଗଡ଼ା ବ୍ଲକ୍‌ରେ ୩୩୩୦ ଗୃହ ମଧ୍ୟରୁ ୬୭୧ଟି ମୋଟ ୬୫୮୭ଟି ଗୃହ ଅସମ୍ପୂର୍ଣ୍ଣ ହୋଇ ରହିଥିବା ଜଣାପଡିଛି। ସେହିପରି ଜିଲ୍ଲାରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବିଷମକଟକ ବ୍ଲକରେ ୬୩୫ଟି ଗୃହ ମଞ୍ଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୪୮୯ଟି ଅସମ୍ପୂର୍ଣ୍ଣ ହୋଇ ରହିଥିବା ସ୍ଥଳେ ଚନ୍ଦ୍ରପୁରରେ ୨୬୪ରୁ ୧୮୦, ଗୁଡାରୀରେ ୨୮୨ରୁ ୧୯୨, ଗୁଣପୁରରେ ୫୨୩ରୁ ୩୮୮,କଲ୍ୟାଣସିଙ୍ଗପୁରରେ ୪୦୯ରୁ ୩୪୨,କାଶିପୁରରେ ୮୮୫ରୁ ୭୫୪,କୋଲନରାରେ ୪୯୩ରୁ ୪୦୩, ମୁନିଗୁଡାରେ ୩୯୭ରୁ ୨୮୭,ପଦ୍ମପୁରରେ ୩୮୯ରୁ ୨୬୯, ରାମନାଗୁଡାରେ ୩୪୨ରୁ ୧୮୮ ଏବଂ ରାୟଗଡ଼ା ବ୍ଲକରେ ୮୬୧ରୁ ୭୩୪ଟି ମୋଟ ୪୨୨୬ଟି ଗୃହ ଅସମ୍ପୂର୍ଣ୍ଣ ହୋଇ ରହିଛି ବୋଲି ମନ୍ତ୍ରୀ ଗୃହରେ ତଥ୍ୟ ଉପସ୍ଥାପନା କରିଛନ୍ତି।

# ରୁଷୀୟ ମହିଳାଙ୍କ ସହ ସମ୍ପର୍କ କଥା ମାନିଲେ ବିଲ୍ ଗେଟ୍ସ

ୱାସିଂଟନ, ୨୫ ।୨(ଏଜେନ୍ସି): ମାଇକ୍ରୋସଫ୍ଟର ସହ- ପ୍ରତିଷ୍ଠାତା ବିଲ୍ ଗେଟ୍ସ ନିଜର ଚାରିଟେବଲ ଫାଉଣ୍ଡେସନର କର୍ମଚାରୀଙ୍କୁ ସମ୍ବୋଧିତ କରି ନିଜର ଅତୀତର କିଛି ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ଆମେରିକା ଜଣାଶୁଣା ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନଙ୍କ ସହ ତାଙ୍କର ସମ୍ପର୍କକୁ ସେ ଏକ ମସ୍ତବଡ଼ ଭୁଲ୍ ବୋଲି ସ୍ୱୀକାର କରିଛନ୍ତି। ଏଥିସହ ସେ ମାନିଛନ୍ତି ଯେ ବିବାହ ପରେ ମଧ୍ୟ ତାଙ୍କର ଦୁଇଜଣ ରୁଷୀୟ ମହିଳାଙ୍କ ସହ ସମ୍ପର୍କ ଥିଲା। ସେମାନଙ୍କ ମଧ୍ୟରୁ ଜଣେ ବ୍ରିଜ୍ ଖେଳାଳି ଓ ଅନ୍ୟଜଣେ ପରମାଣୁ ପଦାର୍ଥ ବିଜ୍ଞାନୀ ଥିଲେ। ୨୦୧୧ରେ ସେ



ପ୍ରଥମଥର ପାଇଁ ଏପଷ୍ଟିନଙ୍କୁ ଭେଟିଥିଲେ ଓ ୨୦୧୪ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ସାକ୍ଷାତ ଜାରି ରହିଥିଲା। ସେ କହିଛନ୍ତି ଯେ, ଏହି ସମୟରେ ସେ ଏପଷ୍ଟିନଙ୍କ ପୃଷ୍ଠଭୂମି ବିଷୟରେ ଠିକ୍ ଭାବେ ଯାଞ୍ଚ୍ କରି ନଥିଲେ। ତେବେ ଗେଟ୍ସ କର୍ମଚାରୀମାନଙ୍କୁ କହିଛନ୍ତି, 'ମୁଁ କୌଣସି ଅବୈଧ କାର୍ଯ୍ୟ କରିନାହିଁ କିମ୍ବା ଏମିତି କିଛି ଘଟୁଥିବାର ଦେଖିନାହିଁ। ମୁଁ କେବେବି ପୀଡିତ ବା ମହିଳାଙ୍କ ସହ ସମୟ ବିତାଇନାହିଁ। ଗେଟ୍ସ କହିଛନ୍ତି ଯେ, ତାଙ୍କ ପୂର୍ବତନ ପତ୍ନୀ ମେଲିଣ୍ଡା ଏପଷ୍ଟିନଙ୍କ ସହ ସମ୍ପର୍କକୁ ନେଇ ସବୁବେଳେ ସନ୍ଦେହ ପ୍ରକଟ କରୁଥିଲେ, କିନ୍ତୁ ସେ ତାହାକୁ ଅଣଦେଖା କରୁଥିଲେ। ଏହି ବିବାଦ କାରଣରୁ 'ଗେଟ୍ସ ଫାଉଣ୍ଡେସନ'ର ସୁନାମ ଉପରେ ଆଞ୍ଚ ଆସିଥିବା ସେ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ଏହା ଫାଉଣ୍ଡେସର ମୂଲ୍ୟବୋଧର ବିରୁଦ୍ଧ। ନିକଟରେ ଆମେରିକାର ନ୍ୟାୟ ବିଭାଗ (ଡିଓଜେ) ହଜାର ହଜାର ଦସ୍ତାବେଜ ଜାରି କରିଛି, ଯେଉଁଥିରେ ବିଶ୍ୱର ଅନେକ ବଡ଼ବଡ଼ ପ୍ରଭାବଶାଳୀଙ୍କ ସହ ଏପଷ୍ଟିନର ସମ୍ପର୍କ ଥିବା ପ୍ରମାଣ ମିଳିଥିଲା। ସୂଚନାଯୋଗ୍ୟ ଯେ, ଏପଷ୍ଟିନ ଆମେରିକାର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଥିଲେ, ଯିଏକି ନାବାଳିକା ଯୌନ ଚାଲାଣ ଓ ଅନ୍ୟାନ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୧୯ ଅଗଷ୍ଟରେ ସେ ଜେଲ୍ ଭିତରରେ ସନ୍ଦେହଜନକ ଭାବେ ଆତ୍ମହତ୍ୟା କରିଥିଲେ। ମୃତ୍ୟୁର ୭ ବର୍ଷ ପରେ ମଧ୍ୟ ସେ ସାରା ବିଶ୍ୱରେ ଚର୍ଚ୍ଚା ଓ ବିବାଦରେ ରହିଛନ୍ତି।

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ; ୯ ମୃତ

ଇସଲାମାବାଦ୍, ୨୫ ।୨(ଏଜେନ୍ସି): ପାକିସ୍ତାନରେ ମଙ୍ଗଳବାର ଘଟିଥିବା ପୃଥକ ପୃଥକ ଆତଙ୍କବାଦୀ ଆକ୍ରମଣରେ ୭ ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି। ପଞ୍ଜାବ ରାଜ୍ୟର ଭକ୍କର ଜିଲ୍ଲାରେ ଏକ ସୁରକ୍ଷା ଚୌକି ଉପରେ ଆତ୍ମଘାତୀ ଆକ୍ରମଣ ହୋଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ପଞ୍ଜାବ ପୁଲିସ ମୁଖ୍ୟ ଅବଦୁଲ କରିମଙ୍କ କହିବା ଅନୁଯାୟୀ, ଏହି ଆତ୍ମଘାତୀ ବିସ୍ଫୋରଣରେ ୨ ଜଣ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନାଗରିକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୋଲିଓ ନିରୋଧୀ ଅଭିଯାନରେ ନିୟୋଜିତ ଥିବା ୨ ଜଣ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି। ଅନ୍ୟଏକ ଘଟଣାରେ, ଖାଇବର ପଖତୁନଖ୍ୱା ରାଜ୍ୟର କୋହାଟ ଅଞ୍ଚଳରେ ଉଗ୍ରବାଦୀମାନେ ପୁଲିସ ଗାଡ଼ି ଉପରେ ଆକ୍ରମଣ କରିଥିଲେ। ଏଥିରେ ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ୫ ଜଣ ପୁଲିସ ଓ ୨ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଏକ ସପ୍ତାହ ମଧ୍ୟରେ ଖାଇବର ପଖତୁନଖ୍ୱା ଓ ବେଲୁଚିସ୍ତାନ ରାଜ୍ୟରେ ସୁରକ୍ଷା ବାହିନୀ ଓ ଉଗ୍ରବାଦୀଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷରେ ଅତିକମ୍‌ରେ ୧୬ ଜଣ ସୁରକ୍ଷାକର୍ମୀ ମୃତ୍ୟୁବରଣ କରିଛନ୍ତି। ସେହିପରି ୫୩ ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି ବୋଲି ସେନା ତରଫରୁ କୁହାଯାଇଛି।

# ବ୍ରାଜିଲରେ ବନ୍ୟା ବିଭୀଷିକା; ୨୫ ମୃତ


ରିଓ ଡି ଜେନେରିଓ, ୨୫ ।୨(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ବ୍ରାଜିଲର ଦକ୍ଷିଣ- ପୂର୍ବ ରାଜ୍ୟ ମିନାସ ଗେରାଇସ୍‌ରେ ପ୍ରବଳ ବର୍ଷା ଯୋଗୁଁ ଆସିଥିବା ବନ୍ୟା ଓ ଭୂସ୍ଖଳନରେ ଅତିକମ୍‌ରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ବର୍ଷା ଯୋଗୁଁ ଜୁଇଜ ଡି ଫୋରା ଓ ଉବା ସହରରେ ସବୁଠାରୁ ଅଧିକ କ୍ଷୟକ୍ଷତି ହୋଇଛି। ଅଧିକାରୀଙ୍କ ସୂଚନାଅନୁଯାୟୀ, ଜୁଇଜ୍ ଡି ଫୋରାରେ ୧୮ ଓ ଉବାରେ ୭ ଜଣ ଲୋକ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷା କାରଣରୁ ଅନେକ ଘର ଓ କୋଠାବାଡ଼ି ଭୁଶୁଡ଼ି ପଡ଼ିଛି। ବର୍ତ୍ତମାନ ସୁଦ୍ଧା ଅନେକ ଲୋକ ନିଖୋଜ ଅଛନ୍ତି ଓ ଉଦ୍ଧାର କର୍ଯ୍ୟ ଜାରି ରହିଛି। ରାଷ୍ଟ୍ରପତି ଲୁଲା ଡି ସିଲଭା ଜୁଇଜ୍ ଡି ଫୋରା ସହରରେ 'ଷ୍ଟେଟ୍ ଅଫ୍ କାଲାମିଟି' ଅର୍ଥାତ ବିପର୍ଯ୍ୟୟ ଅବସ୍ଥା ଘୋଷଣା କରିଛନ୍ତି। ମାନବୀୟ ସହାୟତା ଓ ପୁନଃନିର୍ମାଣ ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସାହାଯ୍ୟ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଜୁଇଜ୍ ଡି ଫୋରା ସହରରେ ୪୪୦ ଲୋକ ବାସହାରା ହୋଇଛନ୍ତି। ପ୍ରଶାସନ ତରଫରୁ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି।

# ୫ଟି ଓଟିଟି ପ୍ଲାଟଫର୍ମକୁ ବନ୍ଦ କଲେ ସରକାର

ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୫ଟି ଅନ୍‌ଲାଇନ୍ ଷ୍ଟ୍ରିମିଂ ପ୍ଲାଟଫର୍ମ (ଓଟିଟି)କୁ ବ୍ଲକ କରିଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପ୍ଲାଟଫର୍ମଗୁଡ଼ିକ ହେଲା ମୁଡ୍‌ଏକ୍ସଭିଆପି, କୋଏଲ-ପ୍ଲେ-ପ୍ରୋ, ଡିଜି ମୁଭିପ୍ଲେକ୍ସ, ଫିଲି ଓ ଜୁଗ୍‌ନୁ। ପୂର୍ବରୁ ୨୦୨୫ ଜୁଲାଇ ୨୫ରେ ଉଲ୍ଲୁ ଓ ଅଲ୍‌ଟ ସମେତ ୨୫ଟି ଓଟିଟି ପ୍ଲାଟଫର୍ମ ବ୍ୟାନ୍ କରାଯାଇଥିଲା। ସେହିପରି ୨୦୨୪ ମାର୍ଚ୍ଚରେ ୧୮ଟି ଓଟିଟି ପ୍ଲାଟଫର୍ମ, ୧୯ଟି ୱେବ୍‌ସାଇଟ୍ ଓ ୫୭ଟି ସୋସିଆଲ ମିଡ଼ିଆ ହ୍ୟାଣ୍ଡଲକୁ ବ୍ଲକ କରାଯାଇଥିଲା। ଆଇଟି ଆକ୍ଟର ବିଭିନ୍ନ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଶ୍ଳୀଳ କଣ୍ଟେଣ୍ଟ ଦେଖାଇବା ଅଭିଯୋଗ କାରଣରୁ ଏହି ପଦକ୍ଷେପ ନିଆଯାଇଛି।

## ଇସ୍ରାଏଲ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ

# କୂଟନୀତି, ରଣନୀତି ଓ ପ୍ରତିରକ୍ଷା ଚୁକ୍ତି



ତେଲ ଆଭିଭ, ୨୫।୨ (ଏଜେନ୍ସି): ବିଶ୍ୱରେ ଯୁଦ୍ଧ ବିଭୀଷିକା, ଶୁଳ୍କ ଏବଂ ଭୂରାଜନୈତିକ ପରିବର୍ତ୍ତନ ଆଦିକୁ ନେଇ ଅନିଶ୍ଚିତତା ଜାରି ରହିଛି। ବନ୍ଧୁତାର ସମ୍ପର୍କ କୁଟା ଖିଅ ପରି ହୋଇଯାଇଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲରେ ପହଞ୍ଚିଛନ୍ତି। ନଅ ବର୍ଷ ପରେ ପୁଣି ଦୁଇ ଦିନିଆ ଗସ୍ତରେ ତେଲ ଆଭିଭରେ ପହଞ୍ଚିବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଏବଂ ତାଙ୍କ ପତ୍ନୀ ସାରା ନେତନ୍ୟାହୁ ମୋଦୀଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଇସ୍ରାଏଲ ସଂସଦକୁ ସମ୍ବୋଧନ କରିଛନ୍ତି। ଏଠାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସଂସଦର ସର୍ବୋଚ୍ଚ ସମ୍ମାନ 'ସ୍ପିକର ଅଫ୍ ଦ ନେସେଡ ମେଡାଲ'ରେ ମୋଦୀଙ୍କୁ ସମ୍ମାନିତ କରାଯାଇଛି। ମୋଦୀ ସଂସଦକୁ ସମ୍ବୋଧନ କରି ଇସ୍ରାଏଲକୁ ଅକୁଣ୍ଠ ସମର୍ଥନ ଦେଇଛନ୍ତି। ଭାରତ ଏବେ ଏବଂ ଭବିଷ୍ୟତରେ ଇସ୍ରାଏଲକୁ ସମର୍ଥନ ଦେବା ଜାରି ରଖିବ ବୋଲି କହିଛନ୍ତି। ଇସ୍ରାଏଲ ଉପରେ ହମାସ କରିଥିବା ଆତଙ୍କବାଦୀ ଆକ୍ରମଣକୁ ମୋଦୀ ତୀବ୍ର ନିନ୍ଦା କରିଛନ୍ତି। ଆତଙ୍କବାଦର ମିଳିତ ମୁକାବିଲା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଇସ୍ରାଏଲ ଏବଂ ଭାରତର ସମ୍ବନ୍ଧ ରକ୍ତ ଓ ବଳିଦାନରେ ଲିଖିତ ବୋଲି ମୋଦୀ କହିଛନ୍ତି। ତାଙ୍କ ଜନ୍ମଦିନରେ ଇସ୍ରାଏଲକୁ ଭାରତ ମାନ୍ୟତା ଦେଇଥିଲା ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗସ୍ତ ଉପରେ ସାରା ନଜର ରହିଛି। ରଣନୀତି, କୂଟନୀତି, ପ୍ରତିରକ୍ଷା ଚୁକ୍ତି ଦୃଷ୍ଟିରୁ ଏହି ଗସ୍ତ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲ ଯିବା ବାଟରେ ମଧ୍ୟ ମୋଦୀ ବଡ଼ ବାର୍ତ୍ତା ଦେଇଛନ୍ତି। ସେ ପାକିସ୍ତାନ ବାୟୁସୀମା ପରିବର୍ତ୍ତେ ଓମାନ, ସାଉଦି ଆରବ ଏବଂ ଜୋର୍ଡାନ ଦେଇ ତେଲ ଆଭିଭରେ ପହଞ୍ଚିଛନ୍ତି। ମୋଦୀଙ୍କ ଏହି ଫ୍ଲାଇଟକୁ ସାରା ବିଶ୍ୱରେ ସର୍ବାଧିକ ଟ୍ରାକ କରାଯାଇଛି। ଏହି ଗସ୍ତ ଭାରତ କୂଟନୀତି ପାଇଁ ମଧ୍ୟ ବଡ଼ ପରୀକ୍ଷା ଆଣିଦେବ। ଭାରତ ସବୁ ଦେଶ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବାକୁ ଚାହୁଁଛି। ଏପରି ସ୍ଥଳେ ମୋଦୀଙ୍କ ଇସ୍ରାଏଲ ଗସ୍ତ ଯୋଗୁଁ ଇରାନ ଏବଂ ରୁଷ ଅସନ୍ତୁଷ୍ଟ ହୋଇପାରନ୍ତି। କାରଣ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଅହି ନକୂଳ ସମ୍ପର୍କ ରହିଛି। ଇରାନ ଅସ୍ଥିରତା ଦେଇ ଗତି କରୁଥିବାବେଳେ ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ପାଇଁ ପ୍ରସ୍ତୁତି କରୁଛନ୍ତି। ଅନ୍ୟପଟେ ରୁଷ ମଧ୍ୟ ଇରାନକୁ ସମର୍ଥନ ଦେଉଛି। ଏପରି ସ୍ଥଳେ ଇରାନ, ଆମେରିକା ଏବଂ ରୁଷକୁ ସାଧି ଭାରତ ବଡ଼ ବାର୍ତ୍ତା ଦେବାକୁ ଚାହୁଁଛି। ଇସ୍ରାଏଲ ଗସ୍ତରେ ଭାରତ ଅନେକ ଚୁକ୍ତି କରିପାରେ। ମୋଦୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ନବୋନ୍ମେଷ କୃଷି, ଜଳ ପରିଚାଳନା, ବ୍ୟବସାୟ,ଲୋକ ଲୋକଙ୍କ ମଧ୍ୟରେ ସମ୍ପର୍କ ଆଦିକୁ ନେଇ ଚୁକ୍ତି କରିପାରନ୍ତି। ମାତ୍ର ସମସ୍ତଙ୍କ ନଜର ପ୍ରତିରକ୍ଷା ଉପରେ ରହିଛି। ଇସ୍ରାଏଲ ସହ ଡ୍ରୋନ, ଆଇରନ ଡୋମ, ଲେଜର ବିନ୍ ନେଇ ଚୁକ୍ତି ହୋଇପାରେ। ଏହାର ଜ୍ଞାନକୌଶଳ ମଧ୍ୟ ଇସ୍ରାଏଲ ଭାରତକୁ ହସ୍ତାନ୍ତର କରିପାରେ।

ଅନ୍ୟପକ୍ଷରେ ନେତନ୍ୟାହୁ ଭାରତ ସହ ହେକ୍ସାଗନ ମେଣ୍ଟ କରିବାକୁ ଚାହୁଁଛନ୍ତି। ଏହି ଗୋଷ୍ଠୀରେ ସାଇପ୍ରସ, ଗ୍ରୀସ, ୟୁଏଇ ସହିତ ଅନ୍ୟ ଦେଶଗୁଡ଼ିକୁ ସାମିଲ କରାଯିବ। ଏହା ମାଧ୍ୟମରେ ତୁର୍କୀ ଏବଂ ଜୋର୍ଡାନକୁ ଇସ୍ରାଏଲ ଜବାବ ଦେବାକୁ ଚାହୁଁଛି। ଏହା ମଧ୍ୟରେ ପାକିସ୍ତାନ ଏହାକୁ ବିରୋଧ କରି ସଂସଦରେ ପ୍ରସ୍ତାବ ପାରିତ କରିଛି। ଏହି ମେଣ୍ଟକୁ ଇସଲାମ ବିରୋଧୀ ଏବଂ ସିଆ ଗୋଷ୍ଠୀ କହି ବିରୋଧ କରୁଛି।

# ବିବାହ ମଣ୍ଡପରେ କନ୍ୟାକୁ ଗୁଳିମାଡ଼

ବକ୍ସର, ୨୫ ।୨(ଏଜେନ୍ସି): ବିହାରର ବକ୍ସର ଜିଲ୍ଲାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବିବାହ ମଣ୍ଡପରେ ବରମାଳା ସମୟରେ ଜଣେ ଯୁବକ କନ୍ୟାକୁ ଗୁଳିମାରି ଫେରାର ହୋଇଯାଇଛି। ଫଳରେ ମଙ୍ଗଳବାର ରାତିରେ ଏହି ବିବାହ ଉତ୍ସବ ଶୋକାକୂଳ ପରିବେଶରେ ପରିଣତ ହୋଇଛି। ଅଭିଯୁକ୍ତ ଯୁବକ ଜଣକ ସେହି ଗ୍ରାମର ପଡୋଶୀ ଦୀନବନ୍ଧୁ ବୋଲି ଚିହ୍ନଟ ହୋଇଛି। ୧୮ ବର୍ଷୀୟା ଆରତୀ କୁମାରୀ ନିଜ ବରଙ୍କ ସହ ମଣ୍ଡପରେ ଥିଲେ। ବର ଓ କନ୍ୟାଙ୍କ ଚାରିପଟେ ବନ୍ଧୁବାନ୍ଧବ ଓ ପରିବାର ଲୋକ ଘେରି ରହିଥିଲେ। ଆରତୀଙ୍କ ଭଉଣୀ ମଣ୍ଡପ ଉପରେ ରୀତିନୀତି ଅନୁସାରେ ନିଜ ଭିଣୋଇଙ୍କ କପାଳରେ ସିନ୍ଦୂର ଲଗାଉଥିଲେ। ଏହାପରେ ସେ ଯେତେବେଳେ ଆରତୀଙ୍କ ପାଖକୁ ଆସିଲେ, ସେହି ସମୟରେ ମଣ୍ଡପ ସମ୍ମୁଖରେ ଥିବା ଅତିଥିଙ୍କ ଗହଣରୁ ଜଣେ ଯୁବକ ଆରତୀଙ୍କୁ ହଠାତ ଗୁଳି କରିଥିଲେ। ଗୁଳିଟି ଆରତୀଙ୍କ ପେଟରେ ବାଜିଥିଲା। ଫଳରେ ବିବାହ ମଣ୍ଡପରେ ଆତଙ୍କ ଖେଳିଯାଇଥିଲା।

କିଛି ଲୋକ ଆରତୀଙ୍କ ଚେତା ଫେରାଇବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟମାନେ ସେଠାରୁ ଭୟରେ ଦୌଡ଼ି ପଳାଇଯାଇଥିଲେ। ଆରତୀଙ୍କୁ ତୁରନ୍ତ ନିକଟସ୍ଥ ସଦର ହସ୍ପିଟାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବାରାଣସୀର ଟ୍ରମା ସେଣ୍ଟରକୁ ସ୍ଥାନାନ୍ତରିତ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଘଟଣାଟି ମୁଫସିଲ ଥାନା ଅନ୍ତର୍ଗତ ନଗର ଚୌସା ପଞ୍ଚାୟତର ମଲ୍ଲାହ ଟୋଲରେ ଘଟିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଦୀନବନ୍ଧୁ ତାଙ୍କ ଝିଅକୁ ଏକ ତରଫା ପ୍ରେମ କରୁଥିଲା। ଝିଅର ବିବାହ ଉତ୍ତରପ୍ରଦେଶର ବଲିଆରେ ସ୍ଥିର ହୋଇଥିଲା। ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଏହି ଘଟଣା ଘଟିଛି। ସ୍ଥାନୀୟ ଲୋକେ ଏହାକୁ ଏକ ପ୍ରେମ ବ୍ୟାପାର ଜନିତ ଘଟଣା ବୋଲି ସନ୍ଦେହ କରୁଛନ୍ତି। ଅଭିଯୁକ୍ତ ଦୀନବନ୍ଧୁ ବର୍ତ୍ତମାନ ଫେରାର ଅଛି। ପୁଲିସ ପଚରାଉଚରା ପାଇଁ



ତାଙ୍କ ପିତାମାତାଙ୍କୁ ଅଟକ ରଖିଛି। ଅତିରିକ୍ତ ଥାନା ଅଧିକାରୀ ଚନ୍ଦର କୁମାରଙ୍କ କହିବା ଅନୁଯାୟୀ, ଅଭିଯୁକ୍ତ ଜଣକ ପୂର୍ବରୁ ଏକ ମଦ ମାମଲାରେ ଜେଲ୍ ଯାଇଥିଲା। ଉତ୍ତରପ୍ରଦେଶରୁ ବଲିଆ ଜିଲ୍ଲାରୁ ଆସିଥିବା ବରଯାତ୍ରୀ ଦଳ ଏହି ଘଟଣା ପରେ ତୁରନ୍ତ ନିଜ ଘରକୁ ଫେରିଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୁହିଁଙ୍କ ମଧ୍ୟରେ ଗତ ୨ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ପୂର୍ବରୁ ମଧ୍ୟ ଦୀନବନ୍ଧୁ ଆରତୀର ଅନ୍ୟଏକ ବିବାହ ଭାଙ୍ଗିଦେଇଥିଲା।

# ପ୍ରେମିକଙ୍କ ସମ୍ମୁଖରେ ମହିଳାଙ୍କୁ ଗଣଦୁଷ୍କର୍ମ

ଗୌହାଟୀ, ୨୫ ।୨(ଏଜେନ୍ସି): ଆସାମର କଛାର ଜିଲ୍ଲାର ସିଲଚର ସହର ନିକଟରେ ଆଉ ଏକ ଲୋମହର୍ଷକାରୀ ଘଟଣା ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ପ୍ରେମିକଙ୍କ ସମ୍ମୁଖରେ ୭ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଏହି ମାମଲା ଗତ ଫେବୃଆରୀ ୧୯ ତାରିଖରେ ରୁଜୁ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ଦୁଷ୍କର୍ମ କରିବା ପରେ ଜଣେ ଅଭିଯୁକ୍ତ ମହିଳାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା ନିଜ ଖାତାକୁ ଟ୍ରାନ୍ସଫର କରାଇଥିଲା। ପୀଡ଼ିତାଙ୍କ ପରିବାର କହିଛନ୍ତି ଯେ ସିଲଚର ସହରଠାରୁ କିଛି କିମି ଦୂର ବାଇପାସ୍ ରୋଡ୍‌ରେ ମହିଳା ଜଣକ ନିଜ ପ୍ରେମିକଙ୍କ ସହ କାର୍‌ରେ ଥିବା ସମୟରେ ଏକ ଏସ୍‌ୟୁଭିରେ କିଛି ଲୋକ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ପ୍ରଥମେ ସେମାନଙ୍କ



ପରିଚୟ ପଚାରିଥିଲେ ଏବଂ ହଠାତ୍ ମହିଳା ଓ ତାଙ୍କ ବନ୍ଧୁଙ୍କୁ କାବୁ କରି ନେଇଥିଲେ। ସେଠାରେ ୭ ଜଣ ବ୍ୟକ୍ତି ଥିଲେ ଓ ସେମାନେ ଜଣକ ପରେ ଜଣେ ପ୍ରେମିକଙ୍କ ସମ୍ମୁଖରେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ପୁଲିସ ପ୍ରଥମେ ଏହି ମାମଲାରେ ଚୁପ୍ ରହିଥିଲା। କିନ୍ତୁ ମଙ୍ଗଳବାର ଦିନ ସିଲଚରରେ ଜଣେ ସାମ୍ବାଦିକଙ୍କୁ ଅଭିଯୁକ୍ତ ପରିବାର ଆକ୍ରମଣ କରିବା ପରେ ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ସାମ୍ବାଦିକଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ବିଷୟରେ ଖବର ପ୍ରସାରଣ କରିଥିବାରୁ ତାଙ୍କୁ ଅଟକାଇ ମାଡ଼ ମରାଯାଇଥିଲା। ପୁଲିସ ଏହି ଆକ୍ରମଣ ମାମଲରେ ଜଣକୁ ଗିରଫ କରିଛି। ପୀଡିତା ଦୁଇଜଣଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କୁ ପୁଲିସ ଗିରଫ କରିଛି। ବାକି ୫ ଜଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିବା ସହ ଖୋଜିବା ପ୍ରକ୍ରିୟା ଜାରି ରଖିଛି। ସିଲଚର ସଦର ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୁଲିସ ଓ ପ୍ରଶାସନ ଏହି ମାମଲାକୁ ଗମ୍ଭୀରତା ସହ ଗ୍ରହଣ କରିଛି। ରାଜ୍ୟସଭା ସାଂସଦ ସୁସ୍ମିତା ଦେବ ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଅରୁଣାଚଳ ମହିଳାଙ୍କୁ ଜାତିଆଣ ଆକ୍ଷେପ: ଅଭିଯୁକ୍ତ ଦମ୍ପତି ଗିରଫ

ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): ଅରୁଣାଚଳ ପ୍ରଦେଶର ୩ ଜଣ ମହିଳାଙ୍କୁ ଜାତିଗତ ଟିପ୍ପଣୀ ଓ ନିର୍ଯାତନା ଦେବା ଅଭିଯୋଗରେ ଦିଲ୍ଲୀ ପୁଲିସ ଅଭିଯୁକ୍ତ ସ୍ୱାମୀ-ସ୍ତ୍ରୀ ହର୍ଷ ସିଂ ଓ ରୁବି ଜୈନଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ଏସ୍‌ସି/ ଏସ୍‌ଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହା ପୂର୍ବରୁ ଅଭିଯୁକ୍ତ ହର୍ଷ ସିଂ କହିଛନ୍ତି ଯେ ଆମେ ନିଶ୍ଚିତ ଭାବେ ଲଜ୍ଜିତ। ମୁଁ ସେମିତି ଲୋକ ନୁହେଁ, ସେହି ସମୟର ପରିସ୍ଥିତି ଏମିତି ହୋଇଗଲା। ଏହି ମାମଲାରେ ସେ ପୁଲିସକୁ ସହଯୋଗ କରିଥିବା କହିଛନ୍ତି। ଏହି ଘଟଣା ଦିଲ୍ଲୀର ମାଳଭୀୟ ଅଞ୍ଚଳରେ ଘଟିଥିଲା। ଅରୁଣାଚଳର ଏହି ୩ ଜଣ ମହିଳା ଏକ ବିଲ୍ଡିଂର ଚତୁର୍ଥ ମହଲାରେ ରୁହନ୍ତି। ସେଦିନ ସେମାନେ ନିଜ ଘରେ ଏସି ଲଗାଇବା ପାଇଁ ଡ୍ରିଲିଂ କରୁଥିବା ବେଳେ କିଛି ଗୁଣ୍ଡ ଓ ମଇଳା ତଳ ମହଲାରେ ରହୁଥିବା ହର୍ଷ ଓ ରୁବିଙ୍କ ବାଲକୋନିରେ ପଡ଼ିଥିଲା। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଦମ୍ପତି ମହିଳାମାନଙ୍କୁ ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରବା ସହ ସେମାନଙ୍କ ମୁହଁ ଓ ଜାତିକୁ ନେଇ ଅପମାନଜନକ ଟିପ୍ପଣୀ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଭିଡ଼ିଓରେ ରୁବି ପୀଡିତାମାନଙ୍କୁ ୫୦୦ ଟଙ୍କିଆ ମସାଜ ପାର୍ଲରରେ କାମ କରୁଥିବା ଧନ୍ଦାବାଲି ବୋଲି କହିଥିଲେ। ଏହି ଝଗଡ଼ା ସମୟରେ ଘଟଣାସ୍ଥଳରେ ଜଣେ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ଘଟଣାକୁ ନେଇ ଅରୁଣାଳଚ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ, ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ଼ ସାଙ୍ଗମା, କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ କେନ୍ଦ୍ରମନ୍ତ୍ରୀ କିରେଣ ରିଜିଜୁ କଡ଼ା ଭାଷାରେ ନିନ୍ଦା କରିଥିଲେ।

ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ

# ଆଡମିଟ୍ କାର୍ଡ ସହ ପାସ୍ ପ୍ରମାଣପତ୍ର ଦେବା ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଦଶମ ଶ୍ରେଣୀ ଅର୍ଥାତ ମାଧ୍ୟମିକ ଆଡମିଟ୍ କାର୍ଡର ବ୍ୟବହାର ସମ୍ପର୍କରେ ସୁପ୍ରିମକୋର୍ଟ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ପରିଚୟ ଯାଞ୍ଚ୍ ପାଇଁ ଦଶମ ଶ୍ରେଣୀ (ମାଧ୍ୟମିକ) ଆଡମିଟ୍ କାର୍ଡ ବ୍ୟବହାର କରାଯାଇପାରିବ, କିନ୍ତୁ ଏଥିପାଇଁ ପାସ୍ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ ବୋଲି ସୁପ୍ରିମକୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଆଡମିଟ୍ କାର୍ଡକୁ ଏକ ମୁଖ୍ୟ ପରିଚୟ ପତ୍ର ଭାବେ ଗ୍ରହଣ କରାଯାଇପାରିବ ନାହିଁ, ଏହା କେବଳ ସହାୟକ ଦସ୍ତାବିଜ ଭାବେ ବ୍ୟବହୃତ ହୋଇପାରିବ। କେବଳ ଆଡମିଟ କାର୍ଡ ଦେଖାଇ ଭୋଟର ତାଲିକାରେ ନାମ ଯୋଡ଼ିବା ବା ସଂଶୋଧନ କରିବା ସମ୍ଭବ ନୁହେଁ। ଏହା ସହିତ ପାସ୍ ସାର୍ଟିଫିକେଟ ଜରୁରୀ ବୋଲି କୋର୍ଟ କହିଛନ୍ତି। କେବଳ ଆଡମିଟ୍ କାର୍ଡକୁ ପରିଚୟ ପତ୍ର ଭାବେ ଗ୍ରହଣ କଲେ ଜାଲିଆତି ହେବାର ସମ୍ଭାବନା ରହିଛି। ଜନ୍ମ ତାରିଖ ଓ ପିତାମାତାଙ୍କ ପରିଚୟ ପ୍ରମାଣ ପାଇଁ ଆଡମିଟ୍ କାର୍ଡ ସହ ସାର୍ଟିଫିକେଟ ଆବଶ୍ୟକ ବୋଲି କୁହାଯାଇଛି।

# କମ୍ ଖର୍ଚ୍ଚରେ 'ବେବି ବ୍ରହ୍ମୋସ୍' ପ୍ରସ୍ତୁତ କରୁଛି ଭାରତ

ନୂଆଦିଲ୍ଲୀ, ୨୫ ।୨(ଏଜେନ୍ସି): ରୁଷ- ୟୁକ୍ରେନ ଓ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷରୁ ଏହା ନିଶ୍ଚିତ ହୋଇଛି ଯେ ଭବିଷ୍ୟତରେ ଯୁଦ୍ଧ ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଚାଲିପାରେ। ଏହି ବାସ୍ତବତାକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଭାରତୀୟ ସେନା କେବଳ ଦାମୀ ମିସାଇଲ ନୁହେଁ, ବରଂ ସେଗୁଡିକର ଛୋଟ ଛୋଟ ଏବଂ ଶସ୍ତା ସଂସ୍କରଣର ଏକ ବଡ଼ ଭଣ୍ଡାର ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦେଉଛି। ଭାରତ ଏଥିପାଇଁ କମ୍ ଖର୍ଚ୍ଚରେ 'ବେବି ବ୍ରହ୍ମୋସ' ପ୍ରସ୍ତୁତ କରୁଛି। ନିକଟରେ ପିନାକ ରକେଟ ସିଷ୍ଟମ୍‌ର ଏରିଏଲ ସଂସ୍କରଣର ସଫଳ ପରୀକ୍ଷଣ କରାଯାଇଛି। ଏହାର ସଠିକତା ଓ ବିନାଶକାରୀ କ୍ଷମତା ବ୍ରହ୍ମୋସ ମିସାଇଲ୍ ଭଳି ହୋଇଥିବାରୁ ଏହାକୁ 'ବେବି ବ୍ରହ୍ମୋସ' ବୋଲି କୁହାଯାଉଛି। ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ ଏଭଳି ଶସ୍ତା ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିଲେ ଭାରତ ଦୀର୍ଘ ସମୟଧରି ଯୁଦ୍ଧ କରି ଶତ୍ରୁକୁ ପରାସ୍ତ କରିପାରିବ। ଭାରତକୁ ଏଭଳି ଅସ୍ତ୍ରଶସ୍ତ୍ର ଦରକାର ଯାହା କମ୍ ଖର୍ଚ୍ଚରେ ଅଧିକ ସଂଖ୍ୟାରେ ତିଆରି ହୋଇପାରିବ। ଛୋଟ ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଭାରତ ବିଶ୍ୱର ଏକ ପ୍ରମୁଖ କେନ୍ଦ୍ର ହେବାକୁ ଲକ୍ଷ୍ୟ ରଖିଛି। ଆର୍ମେନିଆ ପରେ ବର୍ତ୍ତମାନ ଫ୍ରାନ୍ସ ଭାରତର ପିନାକା ରକେଟ ସିଷ୍ଟମ ପ୍ରତି ପ୍ରବଳ ଆଗ୍ରହ ପ୍ରଦର୍ଶନ କରିଛି।

# ଭାରତ-ପାକ୍ ଯୁଦ୍ଧ ରୋକିବା କଥାକୁ ପୁଣି ଦୋହରାଇଲେ ଟ୍ରମ୍ପ

ୱାସିଂଟନ, ୨୫ ।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସକାଳେ ସଂସଦରେ ନିଜର 'ଷ୍ଟେଟ୍ ଅଫ୍ ଦି ୟୁନିୟନ' ବାର୍ଷିକ ଅଭିଭାଷଣ ପ୍ରଦାନ କରିଛନ୍ତି। ପ୍ରାୟ ୧ ଘଣ୍ଟା ୫୦ ମିନିଟ୍‌ର ଏହି ଭାଷଣରେ ସେ ଅନ୍ତର୍ଜାତୀୟ ରାଜନୀତି, ତେଲ ଉତ୍ପାଦନ ଏବଂ ଆମେରିକାର ସୁରକ୍ଷା ସମ୍ପର୍କରେ ଅନେକ ବଡ଼ ବଡ଼ ଦାବି କରିଛନ୍ତି। ସେ ପୁଣି ଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ୪ ଦିନର ଯୁଦ୍ଧକୁ ରୋକିବା ନେଇ ଦାବି କରିଥିଲେ। ସେ ଭାରତ-ପାକିସ୍ତାନ ଯୁଦ୍ଧକୁ ରୋକିଛନ୍ତି ବୋଲି ପୁଣି ଥରେ କହିଥିଲେ। ଏହି କ୍ରମରେ ସେ ଦୁଇ ଦେଶ ମଧ୍ୟରେ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ରୋକିଛନ୍ତି ବୋଲି କହିଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ କଥାକୁ ଉଦ୍ଧୃତ କରି କହିଛନ୍ତି ଯେ ଯଦି ଯୁଦ୍ଧ ହୋଇଥାନ୍ତା, ତେବେ ପ୍ରାୟ ୩.୫ କୋଟି ଲୋକଙ୍କ ଜୀବନ ଯାଇଥାନ୍ତା। କିନ୍ତୁ ସେ ବାରମ୍ବାର କରିଆସୁଥିବା ଏହି ଦାବିକୁ ଭାରତ ପ୍ରତ୍ୟାଖାନ କରିଆସୁଛି। ସେ ତାଙ୍କ ଭାଷଣରେ ଇରାନ, ଗାଜା, ଭେନେଜୁଏଲା, ମୁଦ୍ରାସ୍ଫିତୀ ଓ ତୈଳ ଉତ୍ପାଦନ ବିଷୟରେ ଉଲ୍ଲେଖ କରିଥିଲେ। ସେ ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ ଇରାନର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମକୁ ସେ ଶେଷ କରିଦେଇଛନ୍ତି। ଇରାନ ଉପରେ ଗତ ଜୁଲାଇରେ ହୋଇଥିବା ଆକ୍ରମଣ ଓ ସେଠାରେ ଆନ୍ଦୋଳନକାରୀଙ୍କ ହତ୍ୟା ପାଇଁ ସେ ଇରାନ ସରକାରଙ୍କୁ ଦାୟୀ କରିଛନ୍ତି। ସେହିପରି ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିକୁ ଟ୍ରମ୍ପ ନିଜର ଏକ ବଡ଼ ସଫଳତା ବୋଲି ଅଭିହିତ କରିଛନ୍ତି। ଆମେରିକାରେ ଦୈନିକ ୬ ଲକ୍ଷ ବ୍ୟାରେଲରୁ ଅଧିକ ତୈଳ ଓ ଉତ୍ପାଦନ ବୃଦ୍ଧି ପାଇଛି ଓ ତାଙ୍କ ନିଷ୍ପତ୍ତି ଯୋଗୁଁ ଜିନିଷପତ୍ରର ଦାମ୍ କମିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ସେ ଭେନେଜୁଏଲାକୁ ଆମେରିକାର ନୂଆ ବନ୍ଧୁ ବୋଲି ବର୍ଣ୍ଣନା କରିଛନ୍ତି। ଏଥିସହ ବିଶ୍ୱସ୍ତରରେ ନୂଆ ୧୫ ପ୍ରତିଶତ ଟାରିଫ୍ ଲାଗୁ କରିବା ନେଇ ସେ ସୂଚନା ଦେଇଛନ୍ତି। ତାଙ୍କର ଏହି ଅଭିଭାଷଣକୁ ଡେମୋକ୍ରାଟିକ ସାଂସଦ ବିରୋଧ କରିଥିଲେ। ଟ୍ରମ୍ପ ଅଭିଭାଷଣ ସମୟରେ ଭୁଲବଶତଃ ଏକ ଅଜବ ବୟାନ ଦେଇଛନ୍ତି। ଭାଷଣ ସମୟରେ ଟ୍ରମ୍ପ କହିଥିଲେ, ୩.୫ କୋଟି ଲୋକ କହିଛନ୍ତି ଯେ ଯଦି ମୁଁ ହସ୍ତକ୍ଷେପ କରି ନଥାନ୍ତି, ତେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ମରିଯାଇଥାନ୍ତେ। କିନ୍ତୁ ପ୍ରକୃତରେ ଟ୍ରମ୍ପ କହିବାକୁ ଚାହୁଁଥିଲେ ଯେ ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିଲେ ଯେ ଯଦି ଟ୍ରମ୍ପ ଯୁଦ୍ଧ ରୋକି ନଥାନ୍ତେ, ତେବେ ୩.୫ କୋଟି ଲୋକଙ୍କର ମୃତ୍ୟୁ ହୋଇଥାନ୍ତା। କିନ୍ତୁ କହିବା ଶୈଳୀରେ ଭୁଲ ଯୋଗୁଁ ଏହାର ଅର୍ଥ ବଦଳିଯାଇଥିଲା ଏବଂ ଏମିତି ଶୁଭିଥିଲା ଯେମିତି ଟ୍ରମ୍ପ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଜୀବନ ବଞ୍ଚାଇଛନ୍ତି।



ପରମାଣୁ ଯୁଦ୍ଧକୁ ରୋକି ୩.୫ କୋଟି ଲୋକଙ୍କ ଜୀବନ ବଞ୍ଚାଇଛି

# ୬ ବର୍ଷରେ ଚୀନ ତିଆରି କରିଛି ୪୦୦ ପରମାଣୁ ଅସ୍ତ୍ର

ୱାସିଂଟନ, ୨୫।୨ (ଏଜେନ୍ସି): ୨୦୨୦ ଜୁନ୍ ୨୨ରେ ଚୀନ୍ ଗୋପନରେ ପରମାଣୁ ପରୀକ୍ଷଣ କରିଥିଲା ବୋଲି ଆମେରିକା ଦାବି କରିଛି। ଚୀନ୍‌ର ପଶ୍ଚିମାଞ୍ଚଳରେ ଥିବା ଲୋପ ନୁରର ଭୂତଳ ପରମାଣୁ କେନ୍ଦ୍ରରେ ଏହି ଦିନ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହାର ତୀବ୍ରତା ୨.୭୫ ଥିଲା। ପଡୋଶୀ ଦେଶ କାଜାକିସ୍ତାନର ଷ୍ଟେସନରୁ ଏହାର ସୂଚନା ମିଳିଥିଲା। ଏହି ଭୂକମ୍ପ ଖଣି ବିସ୍ଫୋରଣଠାରୁ ଅଲଗା ଥିଲା। ଏହା ହିଁ ପରମାଣୁ ପରୀକ୍ଷଣର ସଙ୍କେତ ବୋଲି ଆମେରିକା ବିଦେଶ ବିଭାଗର ସହାୟକ ସଚିବ କ୍ରିଷ୍ଟୋଫର ୟେଭ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଚୀନ୍ ଜାଣିଶୁଣି ନିଜ ପରମାଣୁ ଶକ୍ତି ବଢ଼ାଉଛି। ୨୦୨୦ରୁ ଏ ପର୍ଯ୍ୟନ୍ତ ଚୀନ୍ ନିଜ ପରମାଣୁ ଅସ୍ତ୍ରଶସ୍ତ୍ର ସଂଖ୍ୟାକୁ ୨୦୦ରୁ ବଢ଼ାଇ ୬୦୦ କରିଦେଲାଣି। ୨୦୩୦ ସୁଦ୍ଧା ଏହା ହଜାର ପାର କରିବ ବୋଲି ଆମେରିକା ଆଶଙ୍କା କରିଛି।

# ନଡ଼ା କଳାକୃତିର କାରିଗର ବବିତା



ପିଲାଦିନେ ମା'ଙ୍କୁ ନଡ଼ା, ତୁଳା ଏବଂ ମାଟିରେ କଣ୍ଢେଇ, ଖେଳନା ଆଦି ପ୍ରସ୍ତୁତ କରିବାର ସେ ଦେଖିଥିଲେ। ଧୀରେ ଧୀରେ ଏଥିପ୍ରତି ତାଙ୍କ ରୁଚି ବଢ଼ିଥିଲା। ଫଳରେ ସେ ନଡ଼ାକୁ ନିଜର ଅସ୍ତ୍ର କରିଥିଲେ। ବିନା ପ୍ରଶିକ୍ଷଣରେ ସେ ନିଜର ସୃଜନଶୀଳତାକୁ ଉପଯୋଗ କରି ନଡ଼ାରୁ ନାରାୟଣ, ଗଣେଶ, ଲକ୍ଷ୍ମୀଙ୍କ ଭଳି ବହୁ ଦେବଦେବୀଙ୍କ କଳାକୃତି କରିଥିଲେ। ଏହାକୁ ବିଭିନ୍ନ ପ୍ରଦର୍ଶନୀ ତଥା ମେଳାରେ ବିକ୍ରିବଟା କରି ସ୍ୱାବଲମ୍ବୀ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ଖୋର୍ଦ୍ଧା ଜିଲ୍ଲାର ବବିତା ନାୟକ।



### ୨୦୧୭ ମସିହାରୁ ଆରମ୍ଭ କଳାକୃତି

୨୦-୨୫ ବର୍ଷ ପୂର୍ବେ ସେ ନଡ଼ାରେ ବିଭିନ୍ନ କଳାକୃତି କରୁଥିଲେ। ହେଲେ ଏହାକୁ କିପରି ଏବଂ କେଉଁଠି ବିକ୍ରି କରିବେ ସେ ବାବଦରେ ତାଙ୍କର କୌଣସି ଧାରଣ ନ ଥିଲା। ଫଳରେ ସେ ୧୦ ବର୍ଷ ଏହି କାର୍ଯ୍ୟରୁ ବିରତି ନେଇଥିଲେ। ୨୦୧୭ ମସିହାରେ ଓଡ଼ିଶା ହସ୍ତଶିଳ୍ପ (ହାଣ୍ଡିକ୍ରାଫ୍ଟ) ସହଯୋଗ କ୍ରମେ ଏ ଦିଗରେ ଆଗେଇ ଥିଲେ। ଏହା ପରେ ସେ ବହୁ ପରୀକ୍ଷା ନିରୀକ୍ଷା କରି ନିଜର ନଡ଼ା କାରିଗର ଦକ୍ଷତାର ପରିଚୟ ଦେଇଥିଲେ। ଘରେ ପ୍ରସ୍ତୁତ କରୁଥିବା ଏହି ହସ୍ତଶିଳ୍ପକୁ ସେ ଲୋକଲୋଚନକୁ ଆଣିଥିଲେ। ଶିଶିର ସରସ, ଆଦିବାସୀ ମେଳା, ସମେତ ତୋଷାଳୀ ମେଳାରେ ନିଜର ଷ୍ଟଲ୍ ପକାଇଥିଲେ। ସେବେଠୁ ଏହି ବ୍ୟବସାୟ ଜାରି ରହିଛି।

### ନଡ଼ା କଳାକୃତିକୁ ଲୋକାଦୃତ

ବବିତାଙ୍କ କହିବାନୁଯାୟୀ ଅନେକେ ନଡ଼ାକୁ ଅଦରକାରୀ ଭାବନ୍ତି। ଏହା, କେବଳ ଚାଳଛପର, ଗାଈଖାଦ୍ୟ ଭାବେ ଉପଯୋଗ ହେଇପାରିବ ବୋଲି ସେମାନଙ୍କ ଧାରଣା ଥାଏ। ହେଲେ ଏହା ସମ୍ପୂର୍ଣ୍ଣ ଭୁଲ୍। କାଠ, ମାଟି ଭଳି ନଡ଼ାକୁ ଉପଯୋଗ କରି ପାରମ୍ପରିକ ହସ୍ତଶିଳ୍ପ ରୂପେ ସୁନ୍ଦର କଳାକୃତି କରିହେବ। ପୂର୍ବରୁ ନଡ଼ା କାରିଗର ଥିଲେ। ହେଲେ ଏବେ ନଡ଼ା କଳାକୃତି ଦେଖିବାକୁ ମିଳୁନି। ତେଣୁ ନଡ଼ା କଳାକୃତିକୁ ଲୋକାଦୃତ କରିବା ମୋର ଲକ୍ଷ୍ୟ।

### ପରିବେଶ ଅନୁକୂଳ ଏବଂ ଦୀର୍ଘସ୍ଥାୟୀ

ନଡ଼ା ହସ୍ତଶିଳ୍ପ ବା କଳାକୃତି ପରିବେଶ ଅନୁକୂଳ ହେବା ସହ ଦୀର୍ଘସ୍ଥାୟୀ ବୋଲି ବବିତା କୁହନ୍ତି। ଏହାକୁ ଠିକ୍‌ଭାବେ ରକ୍ଷାଣବେକ୍ଷଣ କଲେ ଏହା ବର୍ଷ ବର୍ଷ ସଂରକ୍ଷିତ ରହିବ। ଏପରିକି ଗୋଟେ ଗୋଟେ କଳାକୃତି ୨୦ ବର୍ଷ, ୨୫ ବର୍ଷ ଧରି ମଧ୍ୟ ରହିଛି। ହେଲେ ଏହାକୁ ପ୍ରସ୍ତୁତ କରିବା ପ୍ରକ୍ରିୟା ଖୁବ୍ ଜଟିଳ। ଏଥିପାଇଁ ପ୍ରଥମେ ନଡ଼ାର ମଞ୍ଜିଅଂଶକୁ ବାହାର କରି ପାଣିରେ ସିଝା ଯାଏ। ପରେ ଖରାରେ ଶୁଖାଇ ହାତରେ ସିଧା କରାଯାଏ। ଏହାପରେ କାଗଜ ଉପରେ ପେଷ୍ଟ କରି ଏଥିରୁ ଏକ ପଟି ପ୍ରସ୍ତୁତ କରାଯାଏ। ଏହାରି ଉପରେ ଭଳିକି ଭଳି କଳାକୃତି କରଯାଏ। ଏହା ସମ୍ପୂର୍ଣ୍ଣ ରୂପେ ହାତରେ ପ୍ରସ୍ତୁତ କରାଯାଏ। ଏଥିପାଇଁ କୌଣସି ଯନ୍ତ୍ରପାତି ବ୍ୟବହାର ହୁଏ ନାହିଁ।

### ପାରିବାରିକ ସହଯୋଗ


ବିବାହ ପରେ ଏହି କଳାକୃତିରେ ତାଙ୍କୁ ଶ୍ୱଶୁର ଏବଂ ସ୍ୱାମୀ ଖୁବ୍ ସହଯୋଗ କରିଛନ୍ତି। ସେମାନଙ୍କ ପାଇଁ ସେ ଆଜି ଏହି ସ୍ଥାନରେ ପହଞ୍ଚିଥିବା କହିଛନ୍ତି। ତାଙ୍କ କଳାକୃତିକୁ ସେ ଏକ ନୂଆ ରୂପ ଦେଇଥିଲେ। ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଆଗକୁ ବଢ଼ିଛନ୍ତି। ଆଗାମୀ ଦିନରେ ନିଜର ଏକ ଗୋଷ୍ଠୀ ଗଠନ କରି ମହିଳାଙ୍କୁ ଏହି କଳା ଶିକ୍ଷା ଦେବାକୁ ଆଶା ରଖିଛନ୍ତି।

# ପାଦକୁ ସୁନ୍ଦର ପଥରବସା ମୁଦି

ବିବାହିତ ମହିଳାମାନେ ଗୋଡ଼ମୁଦି ପିନ୍ଧିଥାନ୍ତି। ଏହା ସୌଭାଗ୍ୟର ପ୍ରତୀକ ଭାବେ ଜଣାଯାଏ। ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ ତଥା ସୁରକ୍ଷା ପାଇଁ ଏହି ମୁଦି ପିନ୍ଧିଥାନ୍ତି। ତେବେ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ, ଏବେ ପଥରବସା ମୁଦି ପିନ୍ଧିପାରିବେ।



- ରୂପା ସବୁଜ ଷ୍ଟୋନ୍ ମୁଦି ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଏହାକୁ କମ୍ ମୂଲ୍ୟରେ ସହଜରେ ତିଆରି କରିପାରିବେ। ଏହା ବିଶେଷ କରି ନବ ବିବାହିତା ମହିଳାଙ୍କୁ ବେଶୀ ସୁନ୍ଦର ମାନିଥାଏ।
- ଫ୍ଲୋରାଲ୍ ସେପ୍‌ର ମୁଦି ମଧ୍ୟ ଆଙ୍ଗୁଳିକୁ ଖୁବ୍ ସୁନ୍ଦର ଦେଖାଯାଏ। ଏହାକୁ ଯେ କୌଣସି ଆଉଟ୍‌ଫିଟ୍‌ରେ ସହଜରେ ପିନ୍ଧିପାରିବେ।
- ମିନିମଲ୍ ଲୁକ୍ ପସନ୍ଦ ଥିଲେ, ମିନିମଲ୍ ଡିଜାଇନର୍ ମୁଦି ପିନ୍ଧିପାରିବେ। ଏଥିରୁ ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ। ସେହିପରି ଗ୍ରୀନ୍ ଷ୍ଟୋନ୍ ମୁଦି ପିନ୍ଧିଲେ ପାଦର ସୌନ୍ଦର୍ଯ୍ୟ ବଢ଼ିଥାଏ। ଏହି ଡିଜାଇନ୍ ଖୁବ୍ ସହଜରେ ମଧ୍ୟ କରିପାରିବେ।
- ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଉପଲବ୍ଧ। ଏ ପ୍ରକାର ଡିଜାଇନ, ବିବାହ, ପାର୍ଟି, ଫଙ୍କସନ୍ ଆଦି ସ୍ଥାନକୁ ପିନ୍ଧି ଯାଇପାରିବେ।



# ରେଜର୍‌ରେ ସେଭ୍ କରୁଥିଲେ ...

ତ୍ୱଚାରୁ ଅଦରକାରୀ କେଶ ହଟାଇବା ପାଇଁ ମହିଳାମାନେ ରେଜର୍‌ରେ ସେଭିଙ୍ଗ୍ କରିଥାନ୍ତି। ଏହା ତ୍ୱଚାରୁ ଅଦରକାରୀ କେଶ କାଢ଼ି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ। ଏଥିସହ ତ୍ୱଚାରେ ଥିବା ମୃତ କୋଷ କମ୍ କରିଥାଏ। ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ। ତେଣୁ ଫେସ୍ ରେଜର୍ ବ୍ୟବହାର କରୁଥିଲେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

### ରେଜର୍ ଚୟନ

ତ୍ୱଚା ପାଇଁ ପ୍ରସ୍ତୁତ ନିର୍ଦ୍ଦିଷ୍ଟ ଫେସିଆଲ୍ ରେଜର ବ୍ୟବହାର କରନ୍ତୁ। ଏଥିରେ ଏକ ଛୋଟ ସୂକ୍ଷ୍ମ ବ୍ଲେଡ୍ ଥାଏ। ତେଣୁ ସର୍ବଦା ବ୍ୟବହାର ପୂର୍ବରୁ ରେଜର୍ ବ୍ଲେଡ୍ ଧାର ଅଛି କି ନାହିଁ ଦେଖିବା ଜରୁରୀ।

### ପୂର୍ବ ପ୍ରସ୍ତୁତି

ଶୁଖିଲା ତ୍ୱଚାରେ ରେଜର୍ ନ ଲଗାଇବା ଭଲ। ଏଥିରେ ଜ୍ୱଳନ ଏବଂ ପୋଡ଼ାଜଳା ହେବାର ଆଶଙ୍କା ଥାଏ। ଏଥିପାଇଁ ସର୍ବ ପ୍ରଥମେ ତ୍ୱଚାକୁ ମାଇଲ୍ଡ ଫେସ୍‌ୱାସ୍‌ରେ ସଫା କରନ୍ତୁ। ସେହିପରି ସେଭିଙ୍ଗ୍‌କୁ ସହଜ କରିବା ପାଇଁ ତ୍ୱଚାରେ ଆଲୋଭେରା ଜେଲ୍, ଫେସିଆଲ୍ ଅଏଲ୍ କିମ୍ବା ଭଲ ମଏଶ୍ଚରାଇଜର୍ ଲଗାଇପାରିବେ।

### ସେଭିଙ୍ଗର ଠିକ୍ ଉପାୟ

- ରେଜର୍‌କୁ ତ୍ୱଚାରେ ସର୍ବଦା ୪୫ ଡିଗ୍ରୀ ଆଙ୍ଗେଲ୍‌ରେ ରଖିବା ଜରୁରୀ।
- ଏହାକୁ ଜୋର୍‌ରେ ନ ଦାବି, ହାଲୁକା ହାତରେ ଧୀରେ ଧୀରେ ସେଭ୍ କରିବା ଉଚିତ୍।
- ସେଭ୍ କରିବା ସମୟରେ ହାତରେ ତ୍ୱଚାକୁ ଟାଣି ରଖନ୍ତୁ। ଏହାଦ୍ୱାରା ସେଭିଙ୍ଗ୍ ସୁବିଧା ହୋଇଥାଏ।

### ସେଭିଙ୍ଗ୍ ପରବର୍ତ୍ତୀ ଯତ୍ନ

- ସେଭିଙ୍ଗ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୁଅନ୍ତୁ। ଏହାଦ୍ୱାରା ତ୍ୱଚାକୁ ଆରାମ ମିଳିଥାଏ।
- ସେଭିଙ୍ଗ୍ କରିବା ଦିନ କୌଣସି ପ୍ରକାର ଭିଟାମିନ୍ ସି, ତଥା କୌଣସି ପ୍ରକାର କେମିକାଲ୍ ଏକ୍ସଫ୍ଲୋଏଣ୍ଟ ନ ନେବା ଜରୁରୀ। ଏହା ତ୍ୱଚାରେ ଜ୍ୱଳନ ସମସ୍ୟା ସୃଷ୍ଟି କରିପାରେ।
- ଏକ ହାଇଡ୍ରେଟେଡ୍ ଜେଲ୍ ତଥା ମଏଶ୍ଚରାଇଜର୍ ଲଗାନ୍ତୁ।



# ହିଟ୍ ପ୍ରୁଫ୍ ମେକ୍‌ଅପ୍

ଖରା, ଗରମ ଝାଳରେ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ଖୁବ୍ କଷ୍ଟକର ହୋଇଥାଏ। କାରଣ ଗରମ, ଝାଳ ଯୋଗୁଁ କମ୍ ସମୟରେ ତ୍ୱଚା ତେଲିଆ ହୋଇଯାଏ। ଏଥିସହ ମେକ୍‌ଅପ୍ ମଧ୍ୟ ବହିଯାଏ। ତେଣୁ ଖରା, ଝାଳରୁ ମେକ୍‌ଅପ୍‌କୁ ସୁରକ୍ଷା ଦେବାକୁ ଚାହୁଁଥିଲେ, ହିଟ୍ ପ୍ରୁଫ୍ ମେକ୍‌ଅପ୍ କରିପାରିବେ। ଏହା ବେଶ୍ ହାଲ୍‌କା ହେବା ସହ ଦୀର୍ଘ ସମୟ ରହିଥାଏ।

### ମେକ୍‌ଅପ୍ ପୂର୍ବରୁ

ଏଥିପାଇଁ ତ୍ୱଚାକୁ ପ୍ରଥମେ ଫେସ୍‌ୱାସ୍ କରନ୍ତୁ। ଏହାପରେ ହାଲ୍‌କା ଜେଲ୍ ବେସ୍‌ଡ ମଏଶ୍ଚରାଇଜର୍ ଲଗାନ୍ତୁ। ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିଥାଏ। ଏହାପରେ ସନ୍‌ସ୍କ୍ରିନ୍ ଲଗାନ୍ତୁ। ଏହା ତ୍ୱଚାକୁ ଖରାରୁ ସୁରକ୍ଷା ଦେଇଥାଏ।

### ପ୍ରାଇମର୍

ପ୍ରାଇମର୍ ମେକ୍‌ଅପ୍ ସେଟ୍ କରିବାରେ ସହାୟକ ହୋଇଥାଏ। ଏଥିପାଇଁ ପ୍ରାଇମର୍ ସ୍ପ୍ରେ କିମ୍ବା କ୍ରିମ୍ ନେଇ ମୁହଁ, ତ୍ୱଚା, ନାକ, ଗାଲ ଏବଂ ମଥାରେ ଲଗାନ୍ତୁ। ଏହାକୁ ମୁହଁରେ ନ ଘଷି ହାଲୁକା ହାତରେ ଦବାନ୍ତୁ।

### ଲାଇଟ୍ ମେକ୍‌ଅପ୍

ଗରମରେ ଅଧିକ ଫାଉଣ୍ଡେସନ୍ ଲଗାଇବାରୁ ଦୂରେଇ ରୁହନ୍ତୁ। ଏଥିପାଇଁ ଫାଉଣ୍ଡେସନ୍‌କୁ ତ୍ୱଚାରେ ଡଟ୍ ଡଟ୍ କରି ଲଗାନ୍ତୁ। ଏହାକୁ ସ୍ପଞ୍ଜରେ ଛାପି ତ୍ୱଚାରେ ମିଶାନ୍ତୁ। ସେହିପରି ସ୍ପଞ୍ଜରେ ଲଗାଇଲେ ମଧ୍ୟ ମେକ୍‌ଅପ୍ ଦୀର୍ଘ ସମୟ ରହିଥାଏ। ଝାଳରେ ମଧ୍ୟ ଧୋଇ ହୁଏନି।

### କନ୍‌ସିଲର୍‌ରୁ କଭରେଜ୍

ସେହିପରି ଆଖି, ନାକ, ତଳେ କଳା କିମ୍ବା ନାଲି ଦାଗ ଥିଲେ, କନ୍‌ସିଲର୍ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ। ସ୍ପଞ୍ଜ କିମ୍ବା ଅଙ୍ଗୁଳିରେ ହାଲୁକା ପ୍ରେସ୍ କରନ୍ତୁ। ଏପରି କଲେ କୌଣସି ପ୍ୟାଚ୍ ହୋଇ ନ ଥାଏ।

### ବ୍ଲଶ୍

କ୍ରିମ ବ୍ଲଶ୍ ତୁଳନାରେ ପାଉଡର୍ ବ୍ଲଶ୍ ଖୁବ୍ ଲାଭଦାୟ ହୋଇଥାଏ। ତେଣୁ ଅଳ୍ପ ହସି ଗାଲର ଉପର ଭାଗରେ ବ୍ଲଶ୍ ଲଗାନ୍ତୁ। ସେହିପରି ଚାହିଁଲେ, ସାମାନ୍ୟ ବ୍ରୋଞ୍ଜର ମଧ୍ୟ ବ୍ୟବହାର କରିପାରିବେ।

### ହିଟ୍ ପ୍ରୁଫ୍ ଆଇ ମେକ୍‌ଅପ୍

ଆଖିରେ ହାଲୁକା ନ୍ୟୁଡ୍ ଏବଂ ବ୍ରାଉନ ମ୍ୟାଟ୍ ଆଇସ୍ୟାଡୋ ଲଗାନ୍ତୁ। ସେହିପରି ଉପର ଲ୍ୟାସ୍ ଲାଇନ୍‌ରେ ପତଳା ୱାଟର୍‌ପ୍ରୁଫ୍ ଲାଇନର ଲଗାନ୍ତୁ। ୱାଟର୍ ପ୍ରୁଫ୍ ମସ୍କାରା ଆଖିପତାରେ ଲଗାନ୍ତୁ।

# କିମୋନୋ ଟପ୍‌ରେ ଦିଶିବେ ସୁନ୍ଦର

କିମୋନୋ ଷ୍ଟାଇଲ୍ ଟପ୍ ଏକ ଜାପାନୀ ପାରମ୍ପରିକ ପୋଷାକ ଭାବେ ପରିଚିତ। ଏହା ଏବେ ଭାରତୀୟ ଯୁବତୀଙ୍କ ମଧ୍ୟରେ ଲୋକପ୍ରିୟ ରହିଛି। ବଜାରରେ ବିଭିନ୍ନ ଡିଜାଇନ୍‌ର କିମୋନୋ ଟପ୍ ଉପଲବ୍ଧ। ତେବେ ଏହି ଟପ୍‌କୁ କିପରି ଷ୍ଟାଇଲ୍ କରିବେ ଜାଣିବା ସେ ବିଷୟରେ...



### ଜିନ୍ସ

କିମୋନୋ ଟପ୍ ସହ ଜିନ୍ସ ଖୁବ୍ ସୁନ୍ଦର ମାନିଥାଏ। ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ଏହାକୁ ଆଉଟିଂ କିମ୍ବା ପାର୍ଟି ଫଙ୍କସନ୍‌ରେ ପିନ୍ଧିପାରିବେ। ସେହିପରି ଚାହିଁଲେ ନୀଳ, କଳା ଅବା ଧଳା ପ୍ୟାଣ୍ଟ ସହ ଏହି ହାଲୁକା ରଙ୍ଗର ଟପ୍ ପିନ୍ଧିପାରିବେ।

### ସ୍କର୍ଟ

ଭିନ୍ନ ତଥା ନିଆରା ଦିଶିବାକୁ ଚାହୁଁଥିଲେ କିମୋନୋ ଟପ୍ସ ସହ ସ୍କର୍ଟ ପିନ୍ଧିପାରିବେ। ଏଥିରୁ ଜାପାନୀ ପାରମ୍ପରିକ ଲୁକ୍ ମିଳିଥାଏ। ଧଳା ରଙ୍ଗର ଲମ୍ବା ସ୍କଟ୍ ସହ ହାଲୁକା ରଙ୍ଗର ଟପ୍ସ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ଚାହିଁଲେ ଫ୍ଲୋଇଙ୍ଗ୍ ସ୍କଟ୍ ସହ ପିନ୍ଧିପାରିବେ।

### ଡେନିମ୍ ସର୍ଟ

ଖରାଦିନେ ଶରୀରକୁ ଥଣ୍ଡା ତଥା ଷ୍ଟାଇଲିଶ୍ ଦିଶିବାକୁ ଚାହୁଁଥିଲେ, ଡେନିମ୍ ସର୍ଟ ଭଲ ବିକଳ୍ପ ହୋଇଥାଏ। ଏହି ବଟମ୍‌ୱେୟାର ସହ କିମୋନୋ ଟପ୍ସ ଭଲ ମାନିଥାଏ। ତେଣୁ ଚାହିଁଲେ ଏହାକୁ ଯେ କୌଣସି ଡେନିମ୍ ସହ ପିନ୍ଧିପାରିବେ।



# ଘନ କେଶ ପାଇଁ ଚା'

ସାଧାରଣତଃ କେଶଝଡ଼ାକୁ ନେଇ ସମସ୍ତେ ଚିନ୍ତାରେ ଥାନ୍ତି। ଏଥିପାଇଁ ଅନେକ ଦାମୀ ପ୍ରସାଧାନ ଲଗାଇଥାନ୍ତି। ଚାହିଁଲେ ଘରେ ଥିବା ଚା' କୁ ବ୍ୟବହାର କରି କେଶର ଯତ୍ନ ନେଇପାରିବେ। ଏହା କେଶମୂଳ ମଜଭୁତ୍ କରିଥାଏ। ଏଥିସହ କେଶରେ ଅତ୍ୟଧିକ ତେଲ, ରୂପି ସହ କେଶଝଡ଼ା ରୋକିଥାଏ।

- ଚା'ରେ କ୍ୟାଫିନ୍ ରହିଥାଏ। ଏହା କେଶରେ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ। ଏହାଦ୍ୱାରା କେଶବୃଦ୍ଧି ହୋଇଥାଏ। ଏଥିସହ କେଶରେ ହରମୋନ୍ ଡିଏଚ୍‌ଟିକୁ ବଜାୟ ରଖିଥାଏ।
- ଏଥିପାଇଁ ପ୍ରଥମେ ଏକ ବାଉଲ୍‌ରେ ପାଣି ଗରମ କରନ୍ତୁ। ଏହାପରେ ଏଥିରେ ଏକ ଚା' ପ୍ୟାକେଟ୍ ପକାଇ ଫୁଟାନ୍ତୁ। ପରେ ଏହାକୁ ଥଣ୍ଡା କରି ଏକ ସ୍ପ୍ରେ ବୋତଲରେ ଛାଣି ରଖନ୍ତୁ।
- ସେହିପରି ନାଲି ଚା'ରେ କେଶ ଧୋଇବାକୁ ଚାହୁଁଥିଲେ, ପ୍ରଥମେ କେଶକୁ ସାମ୍ପୁ ଲଗାଇ ସଫା କରନ୍ତୁ। ଏହାପରେ ଟାଓଲ୍‌ରେ କେଶକୁ ହାଲୁକା ଶୁଖାନ୍ତୁ। ଏହାପରେ ଓଦା କେଶରେ ଏହି ଚା' ଲଗାନ୍ତୁ। ଏହାକୁ ସିଧାସଳଖ ସ୍କାଲ୍‌ପରେ ଲଗାନ୍ତୁ ନାହିଁ। ଏପରି କଲେ କେଶମୂଳକୁ କ୍ଷତି ପହଞ୍ଚାଇଥାଏ। ସପ୍ତାହକୁ ଦୁଇ ତିନି ଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ।

ମୋ ହାଣ୍ଡିଶାଳରୁ...

# ସୋୟାବିନ୍ କାଲିୟା

### ଆବଶ୍ୟକ ସାମଗ୍ରୀ

ସୋୟାବିନ୍ ୨୦୦ଗ୍ରାମ୍, କଟା ପିଆଜ – ଏକ କପ୍, ଦହି – ଏକ କପ୍, ବେସନ-ଦୁଇ ଚାମଚ, ଅଦା ରସୁଣ ପେଷ୍ଟ – ଏକ ଚାମଚ, କଟା କଞ୍ଚାଲଙ୍କା– ଦୁଇଟି, ହଳଦୀଗୁଣ୍ଡ- ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ – ଏକ ଚାମଚ, ଗୋଟା ଜିରା – ଏକ ଚାମଚ, ତେଜପତ୍ର – ଦୁଇଟି, ଶୁଖିଲା ଲଙ୍କା – ଦୁଇଟି, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗରମ ପାଣିରେ ସୋୟବିନ୍ ଦେଇ ବତୁରାନ୍ତୁ। ଏହାକୁ ଛାଣି ଏକ ପାତ୍ରରେ ରଖନ୍ତୁ। ଏହାପରେ ଏକ କପ୍ ଦହି, ଅଦାରସୁଣ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ସହ ବେସନ ଦେଇ ଗୋଳାନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ଏଥିରେ ତେଜପତ୍ର, ଶୁଖିଲା ଲଙ୍କା, ଜିରା, ଗୋଟା ଧନିଆ, ପିଆଜ ଦେଇ ଭାଜନ୍ତୁ। ସାମାନ୍ୟ ଭାଜି ହୋଇଗଲେ, କଟା ଅଦା ରସୁଣ ଦେଇ ଗୁଣ୍ଡ ମସଲା ଦିଅନ୍ତୁ। ଏହାପରେ ସୋୟାବିନ୍‌କୁ ଦେଇ ଭଲରେ କଷନ୍ତୁ। ଏଥିରେ ଗରମ ପାଣି ଦେଇ ଲୁଣ, ଟମାଟୋ ସସ୍ ଏବଂ ଲଙ୍କା ଗୁଣ୍ଡ ଦିଅନ୍ତୁ। ଶେଷରେ ଗରମ ମସଲା ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ସୋୟାବିନ୍ କାଲିୟା'।



ଟି-୨୦ ବିଶ୍ୱକପ୍; ଆଜି ଜିମ୍ବାୱେ ସହ ସୁପର୍-୮ ଲଢ଼େଇ

# ବିଜୟ ଧାରାକୁ ଫେରିବା ଲକ୍ଷ୍ୟରେ ଭାରତ

ଚେନ୍ନାଇ, ୨୫ ।୨ (ଏଜେନ୍ସି)

ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଗୁରୁବାର ଜିମ୍ବାୱେକୁ ଭେଟିବ ଆୟୋଜକ ଭାରତ। ସ୍ଥାନୀୟ ଏମ୍ ଚିଦାମ୍ବରମ ଷ୍ଟାଡିୟମରେ ରାତି ୭ଟାରେ ଗ୍ରୁପ୍-୧'ର ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଅନୁଷ୍ଠିତ ହେବ। ଉଭୟ ଭାରତ ଓ ଜିମ୍ବାୱେ ସୁପର୍-୮ ପର୍ଯ୍ୟାୟରେ ନିଜ ନିଜର ପ୍ରଥମ ମ୍ୟାଚରେ ପରାଜୟବରଣ କରିଛନ୍ତି। ଭାରତ ୭୬ ରନର ବଡ଼ ବ୍ୟବଧାନରେ ଦକ୍ଷିଣ ଆଫ୍ରିକା ନିକଟରୁ ହାରିଥିଲା। ସେହିଭଳି ଜିମ୍ବାୱେ ମଧ୍ୟ ୧୦୭ ରନରେ ୱେଷ୍ଟଇଣ୍ଡିଜ ନିକଟରୁ ଶୋଚନୀୟ ପରାଜୟବରଣ କରିଥିଲା। ତେଣୁ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବାକୁ ହେଲେ ଉଭୟ ଦଳକୁ ଏହି ମ୍ୟାଚରେ ଜିତିବା ନିହାତି ଜରୁରୀ ହୋଇପଡ଼ିଛି।

ଟାଇଟଲ୍ ବଜାୟ ରଖିବାକୁ ହେଲେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଡିଫେଣ୍ଡିଂ ଚାମ୍ପିଅନ ଭାରତକୁ ଏହି ମ୍ୟାଚରେ ବଡ଼ ବ୍ୟବଧାନରେ ବିଜୟ ଆବଶ୍ୟକ ହେଉଛି। ଗ୍ରୁପ ପର୍ଯ୍ୟାୟରେ ଭାରତ ଯେଉଁଭଳି ଦମ୍‌ଦାର ପ୍ରଦର୍ଶନ କରିଥିଲା ସୁପର-୮'ରେ କିନ୍ତୁ ସମ୍ପୂର୍ଣ୍ଣ ନିରାଶ କରିଥିଲା। ବିଶେଷ କରି ଭାରତୀୟ ବ୍ୟାଟରମାନେ ଗତ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବୋଲିଂ ବାହିନୀ ଆଗରେ ଆତ୍ମସମର୍ପଣ କରିଥିଲେ। ଇନଫର୍ମ ଇଶାନ କିଶାନଙ୍କଠାରୁ ଆରମ୍ଭ କରି ଅଭିଷେକ ଶର୍ମା, ତିଲକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର କେହି ମଧ୍ୟ ବଡ଼ ସ୍କୋର କରିପାରି ନ ଥିଲେ। କ୍ରମାଗତ ଭାବେ ନୈରାଶ୍ୟଜନକ ପ୍ରଦର୍ଶନ କରି ଆସୁଥିବା ଅଭିଷେକଙ୍କୁ ଜିମ୍ବାୱେ ବିପକ୍ଷ ମ୍ୟାଚରେ ବେଞ୍ଚରେ ବସିବାକୁ ପଡ଼ିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ତାଙ୍କ ସ୍ଥାନରେ ଇଶାନ କିଶାନଙ୍କ ସହ ଅଭିଜ୍ଞ ୱିକେଟ୍‌କିପର ବ୍ୟାଟର୍ ସଞ୍ଜୁ ସାମସନ ଇନିଂସ ଓପନ୍ କରିବାର ସମ୍ଭାବନା ରହିଛି। ସେହିଭଳି କ୍ରମାଗତ ୨ଟି ମ୍ୟାଚରେ ବାହାରେ ବସିଥିବା ଉପ-ଅଧିନାୟକ ଅକ୍ଷର ପଟେଲଙ୍କୁ ମଧ୍ୟ ଏହି ମ୍ୟାଚରେ ସୁଯୋଗ ମିଳିପାରେ। ଅକ୍ଷରଙ୍କୁ ସୁଯୋଗ ନ ଦେବାକୁ ନେଇ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତିକୁ ଅନେକ ପୂର୍ବତନ କ୍ରିକେଟର କଡ଼ା ନିନ୍ଦା କରିଥିଲେ। ତେଣୁ ଅକ୍ଷର ଚୂଡ଼ାନ୍ତ ଏକାଦଶରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ



ନେଟ୍ ରନରେଟ୍‌ରେ ବିଯୁକ୍ତ (-୩.୮୦୦) ପଏଣ୍ଟରେ ଥିବାରୁ ଜିମ୍ବାୱେ ବିପକ୍ଷରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରି ଏଥିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛି।

ଅପରପକ୍ଷରେ ଗ୍ରୁପ୍ ପର୍ଯ୍ୟାୟରେ ଦୁଇ ପୂର୍ବ ବିଜେତା ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାକୁ ହରାଇ ବିପର୍ଯ୍ୟୟ ଘଟାଇଥିବା ଜିମ୍ବାୱେ ସୁପର୍-୮ରେ ମଧ୍ୟ ଏହି ଧାରାକୁ ଫେରିବା ଲକ୍ଷ୍ୟରେ ରହିଛି। ସିକନ୍ଦର ରାଜା, ବ୍ଲେସିଂ ମୁଜରବାନି, ବ୍ରାଏନ ବେନେଟ୍‌, ବ୍ରାଡ୍ ଇଭାନ୍ସଙ୍କ ପରି ଦକ୍ଷ ଖେଳାଳିଙ୍କୁ ନେଇ ଗଠିତ ଜିମ୍ବାୱେ ପୁଣି ଏକ ବଡ଼ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ।

### ଉଭୟ ଦଳ

**ଭାରତ** : ଇଶାନ କିଶାନ, ଅଭିଷେକ ଶର୍ମା/ ସଞ୍ଜୁ ସାମସନ, ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ୱାଶିଂଟନ ସୁନ୍ଦର/ ଅକ୍ଷର ପଟେଲ, ଶିଭମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ୍ ସିଂହ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ରିଙ୍କୁ ସିଂ।

**ଜିମ୍ବାୱେ** : ସିକନ୍ଦର ରାଜା (ଅଧିନାୟକ), ଟି. ମୁରମାନି, ବ୍ରାଏନ ବେନେଟ୍‌, ଡିଓନ ମାୟର୍ସ, ର୍‌ୟାନ ବର୍ଲ, ଟୋନି ମୁନୟଙ୍ଗା, ବ୍ରାଡ ଇଭାନ୍ସ, ତାସିଙ୍ଗା ମୁସେକିୱା, ଗ୍ରାଏମ କ୍ରେମର, ବ୍ଲେସିଂ ମୁଜରବାନି, ରିଚାର୍ଡ ଗରାଭା, ବେନ କରାନ, ୱେଲିଂଟନ ମାସାକାଜା।

ଶ୍ରୀଲଙ୍କାକୁ ବିଦା କଲେ ସାଣ୍ଟନର-ରାଚିନ

# ନ୍ୟୁଜିଲାଣ୍ଡର ସେମି ଆଶା ଦୃଢ଼

**କଲମ୍ବୋ, ୨୫ ।୨ (ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ ଦୌଡ଼ରୁ ସହ-ଆୟୋଜକ ଶ୍ରୀଲଙ୍କା ବାଦ୍ ପଡ଼ିଛି। ବୁଧବାର ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ସୁପର୍-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ନ୍ୟୁଜିଲାଣ୍ଡ ୬୧ ରନରେ ଶ୍ରୀଲଙ୍କାକୁ ହରାଇଦେଇଛି। ଅଧିନାୟକ ମିଚେଲ ସାଣ୍ଟନର (୪୭ ରନ ଓ ୧ ୱିକେଟ୍) ଓ ରାଚିନ ରବୀନ୍ଦ୍ର (୩୨ ରନ ଓ ୪ ୱିକେଟ୍) ଦମ୍‌ଦାର ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡକୁ ଜିତାଇଥିଲେ। ସୁପର-୮ରେ ଦୁଇଟି ମ୍ୟାଚରୁ ଗୋଟିଏ ବିଜୟ ଓ ବାତିଲ ସହ ନ୍ୟୁଜିଲାଣ୍ଡ ୩ ପଏଣ୍ଟ ପାଇ ସେମିଫାଇନାଲରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଛି। ନ୍ୟୁଜିଲାଣ୍ଡ ଏହାର ଶେଷ ମ୍ୟାଚରେ ଶୁକ୍ରବାର ଇଂଲଣ୍ଡକୁ ଭେଟିବ। ଅପରପକ୍ଷରେ ପ୍ରଥମ ମ୍ୟାଚରେ ଇଂଲଣ୍ଡ (୫୧ ରନ)ଠାରୁ ହାରିଥିବା ଘରୋଇ ଶ୍ରୀଲଙ୍କାର ସେମିଫାଇନାଲ ପ୍ରବେଶ ଆଶା ସମାପ୍ତ ହୋଇଯାଇଛି। ଫେବୃଆରୀ ୨୮ରେ ପାକିସ୍ତାନ ସହ ଶ୍ରୀଲଙ୍କା ଶେଷ ମ୍ୟାଚ୍ ଖେଳିବ।


ରାଚିନ ରବୀନ୍ଦ୍ର

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ୭ ୱିକେଟରେ ୧୬୮ ରନ କରିଥିଲା। ଏକଦା ୮୪ ରନରେ ୭ ୱିକେଟ୍ ହରାଇ ଦଳ ସଙ୍କଟରେ ପଡ଼ିଥିଲା। ତେବେ ୭ମ ୱିକେଟରେ ସାଣ୍ଟନର (୨୬ ବଲରୁ ୪୭ ରନ) ଓ କୋଲ୍ ମ୍ୟାକୋଞ୍ଚି (୨୩ ବଲରେ ୩୧ ରନ) ୪୭ ବଲରୁ ୮୪ ରନର ଭାଗୀଦାରି ଗଢ଼ି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ମହୀଷ ଥିକସାନା ଓ ଦୁଷ୍ମନ୍ତ ଚାମିରାଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଶ୍ରୀଲଙ୍କା ରାଚିନ ରବୀନ୍ଦ୍ର (୪/୨୭)ଙ୍କ ବୋଲିଂକୁ ସାମ୍ନା କରି ନପାରି ୮ ୱିକେଟରେ ୧୦୭ ରନ କରିବାକୁ ସମର୍ଥ ହୋଇଥିଲା। କାମିନ୍ଦୁ ମେଣ୍ଡିସ ୩୧ ଓ ଦୁନିଥ ୱେଲାଲାଗେ ୨୯ ରନ କରିଥିଲେ। ରବୀନ୍ଦ୍ର ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ** : ୧୬୮/୭, ୨୦ ଓଭର (ସାଣ୍ଟନର- ୪୭, ରବୀନ୍ଦ୍ର-୩୨, ମ୍ୟାକୋଞ୍ଚି- ୩୧, ଫିଲିପ୍ସ- ୧୮, ଥିକସାନା- ୩/୩୦, ଚାମିରା- ୩/୩୮)।

**ଶ୍ରୀଲଙ୍କା**: ୧୦୭/୮, ୨୦ ଓଭର (କାମିନ୍ଦୁ- ୩୧, ଦୁନିଥ- ୨୯, ନିଶାଙ୍କା-୦, ଶନକା- ୩, ରବୀନ୍ଦ୍ର- ୪/୨୭)।

ଆଜିର ସୁପର ଏଇଟ୍‌ସ ମ୍ୟାଚ୍

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ଭାରତ-ଜିମ୍ବାୱେ | ରାତି ୭ଟା | ଚେନ୍ନାଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ଧାୱନଙ୍କୁ ଆଶ୍ୱସ୍ତି; ପୂର୍ବତନ ପତ୍ନୀ ଫେରାଇବେ ୫.୭ କୋଟି

**ନୂଆଦିଲ୍ଲୀ, ୨୫ ।୨ (ଏଜେନ୍ସି):** ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନଙ୍କୁ ଦିଲ୍ଲୀର ପଟିଆଲା କୋର୍ଟରୁ ବଡ଼ ଆଇନଗତ ଆଶ୍ୱସ୍ତି ମିଳିଛି। ଅଷ୍ଟ୍ରେଲିଆରେ ଧାୱନଙ୍କ ଏକ ସମ୍ପତ୍ତି ବିକ୍ରିରୁ ମିଳିଥିବା ୫.୭ କୋଟି ଟଙ୍କା ଫେରାଇବାକୁ କୋର୍ଟ ପୂର୍ବତନ ପତ୍ନୀ ଆୟେଶା ମୁଖାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଅଷ୍ଟ୍ରେଲିଆ ପରିବାର କୋର୍ଟର ସମ୍ପତ୍ତି ସମାଧାନ ଆଦେଶ ଭାରତୀୟ ଆଇନ ଅନୁଯାୟୀ କାର୍ଯ୍ୟକାରୀ ହେବ ନାହିଁ। ବିଚାରପତି ଦେବେନ୍ଦ୍ର କୁମାର ଗର୍ଗ କହିଛନ୍ତି ବୈବାହିକ ବିବାଦରେ ଏକ ଅଷ୍ଟ୍ରେଲୀୟ ପରିବାର କୋର୍ଟ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଭାରତରେ ଧାୱନଙ୍କ ପାଇଁ ବାଧ୍ୟତାମୂଳକ ହେବନାହିଁ। ଘଟଣାରୁ ଜଣାପଡ଼ିଛି ଯେ ଧାୱନ ଅଷ୍ଟ୍ରେଲିଆରେ ଥିବା ତାଙ୍କର ଦୁଇଟି ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଅର୍ଥ ପୂର୍ବତନ ପତ୍ନୀ ଆୟେଶାଙ୍କୁ ଦେବାକୁ ସେଠାକାର କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏବେ ମାମଲା ଦାୟର ହେବା ପରଠାରୁ ବାର୍ଷିକ ୯ ପ୍ରତିଶତ ହାରରେ ସୁଧ ସହ ଫେରସ୍ତ କରିବାକୁ ଆୟେଶାଙ୍କୁ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଯୋଗ୍ୟ, ୨୦୧୨ରେ ଧାୱନ ନିଜଠାରୁ ୧୦ ବର୍ଷ ବଡ଼ ଅଷ୍ଟ୍ରେଲୀୟ ପ୍ରବାସୀ ଭାରତୀୟ ଆୟେଶାଙ୍କୁ ବିବାହ କରିଥିଲେ। ୨୦୨୩ରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା। ଗତ ୨୧ ତାରିଖରେ ଧାୱନ ତାଙ୍କ ବାନ୍ଧବୀ ସୋଫିଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

ଏଫ୍ଆଇଏଚ୍ ପ୍ରୋ ଲିଗ୍

# ଶେଷରେ ଭାରତକୁ ଜିତାଇଲେ ଶିଳାନନ୍ଦ

**ହୋବାର୍ଟ, ୨୫ ।୨ (ଏଜେନ୍ସି):** ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପ୍ରତୀକ୍ଷିତ ବିଜୟ ହାସଲ କରିଛି। ବୁଧବାର ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ ୧-୧ ଗୋଲ୍‌ରେ ବରାବର୍ ରହିବା ପରେ ସୁଟ୍‌ଆଉଟରେ ଫଳାଫଳ ନିର୍ଣ୍ଣୟ କରାଯାଇଥିଲା। ଭାରତର ଏହି ପ୍ରତିକ୍ଷିତ ବିଜୟରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ନିର୍ଦ୍ଧାରିତ ସମୟରେ ଗୋଟିଏ ଓ ସୁଟ୍‌ଆଉଟରେ ଆଉ ଏକ ଗୋଲ୍ ଦେଇଥିଲେ। ଫଳରେ ଭାରତ ଚଳିତ ପ୍ରୋ ଲିଗ୍‌ରେ ୫ ପରାଜୟ, ୨ଟି ସୁଟଆଉଟ୍ ପରାଜୟ ଓ ଗୋଟିଏ ସୁଟଆଉଟ୍ ବିଜୟ ସହ ୪ ପଏଣ୍ଟ ପାଇ ପୂର୍ବଭଳି ୮ମ ସ୍ଥାନରେ ରହିଛି। ରାଉରକେଲା ଓ ହୋବାର୍ଟ ଲେଗ୍ (ପର୍ଯ୍ୟାୟ) ଶେଷ ପରେ ଭାରତ ଏବେ ଜୁନ ୧୪ରୁ ରୋଟେରଡାମରେ ଘରୋଇ ନେଦରଲାଣ୍ଡସ ଓ ଜର୍ମାନୀ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି।



ବୁଧବାର ଅନୁଷ୍ଠିତ ମ୍ୟାଚର ନିର୍ଦ୍ଧାରିତ ୬୦ ମିନିଟ୍ ସମୟସୀମା ମଧ୍ୟରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ପ୍ରଥମ ୩ଟି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରର ତଥା ୪୯ତମ ମିନିଟରେ ଜେରେମୀ ହେୱାର୍ଡଙ୍କ ଗୋଲ୍ ବଳରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଅଷ୍ଟ୍ରେଲିଆର ଏହି ଖୁସି ମାତ୍ର ୨ ମିନିଟ୍ ରହିଥିଲା। ୫୧ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ମ୍ୟାଚ୍‌କୁ ୧-୧'ର ବରାବରସ୍ଥିତିକୁ ଆଣିଥିଲେ। ଏହାପରେ ଆଉ କୌଣସି ଗୋଲ୍ ହୋଇ ନ ଥିଲା। ଫଳରେ ସୁଟଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ପକ୍ଷରୁ ଶିଳାନନ୍ଦ, ମନିନ୍ଦର ସିଂହ ଓ ବିଷ୍ଣୁକାନ୍ତ ସିଂ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ।

# ୧୮ ବର୍ଷ ପରେ ଅଷ୍ଟ୍ରେଲିଆ ଗସ୍ତରେ ଯିବ ବାଂଲାଦେଶ

**ସିଡନୀ, ୨୫ ।୨ (ଏଜେନ୍ସି):** ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ବାଂଲାଦେଶ କ୍ରିକେଟ୍ ଦଳ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଗସ୍ତ କରିବ। ବୁଧବାର କ୍ରିକେଟ୍ ଅଷ୍ଟ୍ରେଲିଆ ପକ୍ଷରୁ ଏଥିଲାଗି କାର୍ଯ୍ୟସୂଚୀ ଜାରି କରାଯାଇଥିଲା। ଏହି ଗସ୍ତରେ ଘରୋଇ ଅଷ୍ଟ୍ରେଲିଆ ସହ ବାଂଲାଦେଶ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଅଗଷ୍ଟ ୧୩ରୁ ନର୍ଦନ ଟେରିଟୋରୀର ରାଜଧାନୀ ଡାରୱିନରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ସେହିଭଳି ଅଗଷ୍ଟ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ କ୍ୱିନ୍ସଲାଣ୍ଡରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ବାଂଲାଦେଶ ଦଳ ଶେଷଥର ଲାଗି ଦ୍ୱିପାକ୍ଷିକ ସିରିଜ ଖେଳିବା ପାଇଁ ୨୦୦୪ରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିଲା। ଯେଉଁଥିରେ ଘରୋଇ ଅଷ୍ଟ୍ରେଲିଆ ସମସ୍ତ ୩ଟି ଯାକ ଦିନିକିଆ ମ୍ୟାଚ୍ ଜିତିଥିଲା। ସେହିଭଳି ୨୨ ବର୍ଷ ପରେ ଅଷ୍ଟ୍ରେଲିଆର ଡାରୱିନକୁ ଟେଷ୍ଟ କ୍ରିକେଟ୍ ଫେରିଛି। ୨୦୦୪ରେ ଏଠାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା।

# ରିଚାର୍ଡ ଆଫଗାନିସ୍ତାନର ନୂଆ କୋଚ୍

**କାବୁଲ, ୨୫ ।୨ (ଏଜେନ୍ସି):** ଇଂଲଣ୍ଡର ରିଚାର୍ଡ ପେବସ୍ ଆଫଗାନିସ୍ତାନ କ୍ରିକେଟ୍ ଦଳର ନୂଆ କୋଚ୍ ନିଯୁକ୍ତ ହୋଇଛନ୍ତି। ପୂର୍ବତନ ଇଂଲଣ୍ଡ ବ୍ୟାଟର୍ ଜୋନାଥନ ଟ୍ରଟଙ୍କ ସ୍ଥାନରେ ରିଚାର୍ଡ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ଚଳିତ ଟି-୨୦ ବିଶ୍ୱକପ୍ ପରେ ଟ୍ରଟଙ୍କ କାର୍ଯ୍ୟକାଳ ସମାପ୍ତ ହେଉଥିଲା। ଆଫଗାନିସ୍ତାନ ନୈରାଶ୍ୟଜନକ ପ୍ରଦର୍ଶନ କରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ତେଣୁ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ଆଉଟ ଟ୍ରଟଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହିଁ ନ ଥିଲା। ମାତ୍ର ଗୋଟିଏ ଲିଷ୍ଟ-ଏ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରଖିଥିବା ୬୧ ବର୍ଷୀୟ ରିଚାର୍ଡ ଏଥିପୂର୍ବରୁ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର କୋଚ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳରେ ୱେଷ୍ଟଇଣ୍ଡିଜ ୨୦୧୬ରେ ଆଇସିସି ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ସେହିଭଳି ତାଙ୍କ ପ୍ରଶିକ୍ଷଣ କାଳରେ ପାକିସ୍ତାନ ୧୯୯୯ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା।

ପ୍ରଥମ ବଧିର ଏସିଆ କପ୍ କ୍ରିକେଟ୍

# ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିଅନ

**ଭୁବନେଶ୍ୱର, ୨୫ ।୨ (ସମିସ):** କଟକର ବାରବାଟୀ ଷ୍ଟାଡିୟମରେ ଗତ ଏକ ସପ୍ତାହ ଧରି ଚାଲିଥିବା ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ ଚାମ୍ପିଅନ ହୋଇଛି। ବୁଧବାର ଅନୁଷ୍ଠିତ ଭାରତ ବୀରେନ୍ଦ୍ର (୫୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ଗୋଟିଏ ବଲ୍ ବାକି ଥାଇ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ସନ୍ତୋଷ କୁମାର ଓ ରନର୍ସଅପ୍ ଶ୍ରୀଲଙ୍କାକୁ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ କଟକ ଜିଲ୍ଲାପାଳ ଭାଉସାହେବ ଦତ୍ତାତ୍ରେୟ ସିନ୍ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।




ଫାଇନାଲରେ ଘରୋଇ ଭାରତ ୬ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୨୦ ଓଭରରେ ୭ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରିଥିଲା। ଗିମାଦୁ ମାଲକମ୍ ୪୬ ବଲରେ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭାରତ ପକ୍ଷରୁ ଯଶବନ୍ତ ନାଇଡୁ ୩, ସାଇ ଆକାଶ ୨ ଏବଂ ବୀରେନ୍ଦ୍ର ସିଂଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ମହାପାତ୍ର ୪୩ ଓ ସାଇ ଆକାଶ ୨୭ ରନ (୧୪ ବଲ) କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସାଇ ଆକାଶ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଶ୍ରୀଲଙ୍କାର ମାଲକମ (ମୋଟ୍ ୧୯୬ ରନ ଓ ୭ ୱିକେଟ୍) ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ବ୍ୟାଟର୍, ଜିହାନ ଡି ସିଲଭା (୧୦ ୱିକେଟ) ଶ୍ରେଷ୍ଠ ବୋଲର ପୁରସ୍କାର ଜିତିଥିଲେ। ଚାମ୍ପିଅନ ଭାରତୀୟ ଦଳକୁ ଟ୍ରଫି ସହ ୨ ଲକ୍ଷ

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର୍ ସଞ୍ଜୟ ରାଉଳ, ଏନସିସି କମାଣ୍ଡର ବିକ୍ରମ ସିଂହ, ଏସିଆ ଡିଫ୍ କ୍ରିକେଟ୍ ସଂଘର ସଭାପତି ସୁମିତ ଜୈନ, ଆଡଭୋକେଟ୍ ସ୍ୱରୂପ ରଞ୍ଜନ ସିଂ ସାମନ୍ତ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଭାରତ ମସଲାର ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ସ୍ୱର୍ଣ୍ଣମୟୀ ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ।

କଳାହାଣ୍ଡି କପ୍

# କନ୍ଧମାଳକୁ ୧ ରନ୍‌ରେ ହରାଇଲା କଳାହାଣ୍ଡି

**ଭୁବନେଶ୍ୱର, ୨୫ ।୨ (ସମିସ):** କଟକ ଓ ଭୁବନେଶ୍ୱରରେ ଚାଲିଥିବା ଆନ୍ତଃଜିଲ୍ଲା ସିନିଅର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍'ର ଗ୍ରୁପ୍-ଡି, ଇ ଓ ଏଫ୍ ପର୍ଯ୍ୟାୟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ କଳାହାଣ୍ଡି ରୋମାଞ୍ଚକ ଭାବରେ ୧ ରନରେ କନ୍ଧମାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କଳାହାଣ୍ଡି ୩୭.୧ ଓଭରରେ ୧୬୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କନ୍ଧମାଳ ୪୨.୪ ଓଭରରେ ୧୬୩ ରନରେ ସୀମିତ ରହିଥିଲା। ଶୁଭମ ଦାସ ୪ଟି ୱିକେଟ୍ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକରେ ଭୁବନେଶ୍ୱର-ବି ୬ ୱିକେଟରେ ଭଦ୍ରକକୁ, ମୟୁରଭଞ୍ଜ ୯ ରନରେ ଅନୁଗୋଳକୁ,


ସ୍ୱରୂପ ଭୂୟାଁ

ପୁରୀ ୪ ୱିକେଟରେ ବରଗଡ଼କୁ, ରାଉରକେଲା ୪ ୱିକେଟରେ ବାଲେଶ୍ୱରକୁ, କେନ୍ଦୁଝର ୧୭୦ ରନରେ ଜଗତସିଂପୁରକୁ, କଟକ-ଏ ୧୭୬ ରନରେ ପାରାଦୀପକୁ ଓ ଗଜପତି ୩ ୱିକେଟରେ କିଟ୍ ବିଶ୍ୱବିଦ୍ୟାଳୟକୁ ହରାଇଛି। ଗଜପତିର ବାଦଲ ବିଶ୍ୱାଳ (୪ ୱିକେଟ୍), କଟକ-ଏ'ର ପ୍ରିୟାଂଶୁ ମହାନ୍ତି (୫ ୱିକେଟ୍), କେନ୍ଦୁଝରର ଶୁଭ୍ରାଂଶୁ ସେନାପତି (୯୪ ରନ), ରାଉରକେଲାର ସ୍ୱରୂପ ଭୂୟାଁ (୬୪ ରନ ଓ ୩ ୱିକେଟ୍), ପୁରୀର ଲୁଲୁ ମହାନ୍ତି (୫ ୱିକେଟ୍), ମୟୁରଭଞ୍ଜର ପ୍ରୀତପାଲ୍ ସିଂହ (୩ ୱିକେଟ୍) ଓ ଭୁବନେଶ୍ୱର-ବି'ର ସମ୍ବିତ ବରାଳ (୪ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

ରଣଜୀ ଟ୍ରଫି ଫାଇନାଲ; କର୍ଣ୍ଣାଟକ ବୋଲର ନୟାନ୍ତ

# ବିଶାଳ ସ୍କୋର୍ ଅଭିମୁଖେ ଜମ୍ମୁ-କଶ୍ମୀର

ବେଙ୍ଗାଲୁରୁ, ୨୫ ।୨ (ଏଜେନ୍ସି)

ଆଠଥରର ଚାମ୍ପିଅନ ଘରୋଇ କର୍ଣ୍ଣାଟକ ବିପକ୍ଷରେ ସ୍ଥାନୀୟ ହୁବଲୀ କ୍ରିକେଟ୍ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲରେ ଜମ୍ମୁ-କଶ୍ମୀର ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ବୁଧବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ଶତକ ଓ ୫ଟି ଅର୍ଦ୍ଧଶତକୀୟ ପାଳି ବଳରେ ଜମ୍ମୁ ପ୍ରଥମ ପାଳିରେ ୬ ୱିକେଟ୍ ହରାଇ ୫୨୭ ରନ ସଂଗ୍ରହ କରିଛି। ଦିବସର ଖେଳ ଶେଷବେଳକୁ ବ୍ୟାଟିଂ କ୍ରମର ୭ ନମ୍ବରରେ ଆସିଥିବା ସାହିଲ ଲୋତ୍ରା ୫୭ ଓ ଆବେଦ ମୁସ୍ତାକ ୨୦ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶୁଭମ ପୁନ୍ଦିର ସର୍ବାଧିକ ୧୨୧, ୟାୱିର ହାସାନ ୮୮, ଅଧିନାୟକ ପାରସ ଡୋଗ୍ରା ଓ ୱିକେଟ୍‌ରକ୍ଷକ କହ୍ନେୟା ୱାଧନ ୭୦ ରନ ଲେଖାଏ, ଅବଦୁଲ ସମାଦ ୬୧ ରନର ପାଳି ଖେଳି ଆଉଟ୍ ହୋଇଛନ୍ତି। ଗତକାଲିର ଅପରାଜିତ ସ୍କୋର ୧୧୭ ରନର ବ୍ୟାଟିଂ ଆରମ୍ଭ କରିଥିବା ପୁନ୍ଦିର ଆଜି ଆଉ ୪ ରନ ଯୋଡ଼ି ବିଦ୍ୟାଧର ପାଟିଲଙ୍କ ଶିକାର ବନିଥିଲେ। ଜମ୍ମୁର ଆଗଧାଡ଼ିର ୭ଜଣ ବ୍ୟାଟରଙ୍କ ମଧ୍ୟରୁ କେବଳ ଓନପର କ୍ୱାମରନ ଇକବାଲ (୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ୫୦ରୁ ଊର୍ଦ୍ଧ୍ୱ ସ୍କୋର ସଂଗ୍ରହ କରିଥିଲେ। ରଣଜୀ ଇତିହାସରେ ପ୍ରଥମଥର ଫାଇନାଲରେ ପ୍ରବେଶ କରିଥିବା ଜମ୍ମୁ ହାତରେ ୪ଟି ୱିକେଟ୍ ବଳକା ଥିବାରୁ ଏକ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହେଉଛି।



ଅପରପକ୍ଷରେ ତାରକା ଖଚିତ କର୍ଣ୍ଣାଟକ ବୋଲର ୱିକେଟ୍ ପାଇଁ ବେଶ୍ ନୟାନ୍ତ ହୋଇଛନ୍ତି। ପ୍ରଥମ ଦୁଇଦିନରେ ୧୫୬ ଓଭର ବୋଲିଂ କରିଥିବା କର୍ଣ୍ଣାଟକ ବୋଲରଙ୍କୁ ମାତ୍ର ୬ଟି ୱିକେଟ୍ ନେବାରେ ସଫଳ ହୋଇଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିବାବେଳେ ଶ୍ରେୟାସ ଗୋପାଳ, ବିଦ୍ୟାଧର ଓ ଶିଖର ସେଟ୍ଟୀ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଜମ୍ମୁ-କଶ୍ମୀର ପ୍ରଥମ ପାଳି** : ୫୨୭/୬, ୧୫୬ ଓଭର (ପୁନ୍ଦିର- ୧୨୧, ସମାଦ- ୬୧, ଡୋଗ୍ରା- ୭୦, କହ୍ନେୟା- ୭୦, ହାସାନ- ୮୮, ପ୍ରସିଦ୍ଧ କ୍ରିଷ୍ଣା- ୩/୯୦)।



### ଡୋଗ୍ରାଙ୍କ ୫୦ ପ୍ରତିଶତ ପାଉଣା କଟିଲା

ଜମ୍ମୁ ଅଧିନାୟକ ପାରସ ଡୋଗ୍ରାଙ୍କ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ଲାଗିଛି। ଡୋଗ୍ରା ବ୍ୟାଟିଂ ସମୟରେ କର୍ଣ୍ଣାଟକ ଫିଲ୍ଡର କେଭି ଅନିଶଙ୍କ ସହ ଝଗଡ଼ା କରିଥିଲେ। ଏପରିକି ହେଲମେଟ୍ ପରିଧାନ କରିଥିବା ଡୋଗ୍ରା ସିଲିପଏଣ୍ଟରେ ଫିଲ୍ଡିଂ କରୁଥିବା ଅନିଶଙ୍କ ମୁଣ୍ଡକୁ 'ହେଡବୁଟ୍' କରିଥିଲେ। କର୍ଣ୍ଣାଟକର ବରିଷ୍ଠ ଖେଳାଳି ମୟଙ୍କ ଅଗରୱାଲ ଘଟଣାସ୍ଥଳରେ ପହଞ୍ଚି ଡୋଗ୍ରାଙ୍କ ସହ କିଛି ଯୁକ୍ତିତର୍କ କରିଥିଲେ। ପରେ ଅମ୍ପାୟାରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଡୋଗ୍ରା ଅବଶ୍ୟ ପରେ ଅନିଶଙ୍କୁ କ୍ଷମା ମାଗିଥିବା ଜଣାପଡ଼ିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS